RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-114 MONDAY 20 OCTOBER 2025 PAGE-12 ₹ 6.00 | BHUBANESWAR | ବର୍ଷ-୪୩ ସଂଖ୍ୟା-୧୧୪ ସୋମବାର ୨୦ ଅକ୍ଟୋବର ୨୦୨୫ ପୃଷ୍ଠା-୧୨ ଟ.୬.୦୦

## ଶୁଭେଚ୍ଛା

ଆଲୋକର ପର୍ବ ଦୀପାବଳି ଓ ମା' ଶ୍ୟାମାକାଳୀଙ୍କ ପୂଜା ଅବସରରେ 'ସକାଳ' ପରିବାର ପକ୍ଷରୁ ହାର୍ଦ୍ଦିକ ଶୁଭେଚ୍ଛା ॥

## 'ସକାଳ'ର ଛୁଟି

ଆଲୋକର ପର୍ବ ପବିତ୍ର ଦୀପାବଳି ଉପଲକ୍ଷେ ୨୦ ତାରିଖ 'ସକାଳ' କାର୍ଯ୍ୟାଳୟ ଛୁଟି ରହୁଥିବାରୁ ପରବର୍ତ୍ତୀ ସଂସ୍କରଣ ୨୨ ତାରିଖ (ବୁଧବାର) ପ୍ରକାଶ ପାଇବ ।

-ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

ଆମେରିକାରେ ଶାସନବିରୋଧୀ ବିକ୍ଷୋଭ

# ରାଜା ନୁହେଁ ଟ୍ରମ୍ପ

## ଦେଶବ୍ୟାପୀ ୨୬୦୦ରୁ ଅଧିକ ରାଲି ● ରାସ୍ତାକୁ ଓହ୍ଲାଇଲେ ୭୦ ଲକ୍ଷ ଲୋକ




■ **ୱାସିଂଟନ, ୧୯ ।୧୦ (ଏଜେନ୍ସି):** ଗତ ଜାନୁଆରୀ ମାସରେ ଦ୍ୱିତୀୟ ଥର ଆମେରିକାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସମଗ୍ର ବିଶ୍ୱକୁ ଅଶାନ୍ତ କରି ରଖିଛନ୍ତି ଡୋନାଲ୍ଡ ଟ୍ରମ୍ପ । ଏପରିକି ଏଥିରୁ ଆମେରିକା ବି ବାଦ୍ ପଡ଼ିନାହିଁ । ତାଙ୍କର ଏକଛତ୍ରବାଦ ଆଭିମୁଖ୍ୟ ଓ କଠୋରପନ୍ଥୀ ନୀତିର ଦୃଢ଼ ବିରୋଧ କରି ଆଜି ଲକ୍ଷ ଲକ୍ଷ ଲୋକ ରାସ୍ତାକୁ ଓହ୍ଲାଇଛନ୍ତି । ରାଜନୈତିକ ବିରୋଧୀ, ଗଣମାଧ୍ୟମ ଉପରେ ଟ୍ରମ୍ପଙ୍କ ଆକ୍ରମଣରେ କ୍ଷୁବ୍ଧ ଥିବା ଲୋକେ ସମଗ୍ର ଆମେରିକାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଦେଶର ସମସ୍ତ ୫୦ଟି ରାଜ୍ୟର ଭିନ୍ନ ଭିନ୍ନ ସହରରେ ୨୬୦୦ରୁ ଅଧିକ ରାଲି ବାହାର କରାଯାଇଛି । ଏହି ରାଲିଗୁଡିକରେ ପାଖାପାଖି ୭୦ ଲକ୍ଷ ଲୋକ ଅଂଶଗ୍ରହଣ କରିଛନ୍ତି । କେବଳ ନ୍ୟୁୟର୍କରେ ଲକ୍ଷେରୁ ଅଧିକ ଲୋକ ଟାଇମସ୍କ୍ୱାୟରରେ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏହି ଆନ୍ଦୋଳନକୁ 'ନୋ କିଙ୍ଗ୍' (ଟ୍ରମ୍ପ ରାଜା ନୁହନ୍ତି) ପ୍ରୋଟେଷ୍ଟ ନାମ ଦିଆଯାଇଛି । ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ଆମେରିକା ବିଶ୍ୱ ଦରବାରରେ ବଦନାମ ହେଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । ଟ୍ରମ୍ପଙ୍କ କାର୍ଯ୍ୟକାଳରେ ଏହାକୁ ତୃତୀୟ ବୃହତ୍ ବିକ୍ଷୋଭ ପ୍ରଦର୍ଶନ ବୋଲି କୁହାଯାଉଛି ।

ଟ୍ରମ୍ପଙ୍କ ଶାସନ କାଳରେ ଆମେରିକାରେ ସବୁଠାରୁ ଦୀର୍ଘକାଳୀନ ସଟ୍ ଡାଉନ୍ ଲାଗୁ ହୋଇଛି । ବିକ୍ଷୋଭକାରୀମାନେ ଟ୍ରମ୍ପଙ୍କ ବିରୋଧରେ ପ୍ରବଳ ଅସନ୍ତୋଷ ଜାହିର କରିଛନ୍ତି । ଗଣତନ୍ତ୍ର, ନ୍ୟାୟ ଓ କ୍ଷମତାର ଦୁରୁପଯୋଗ ନେଇ ବିକ୍ଷୋଭକାରୀ ଖୋଲାଖୋଲି ଭାବେ ନିଜର ମତ ରଖିଛନ୍ତି । ତେବେ ଏହି ବିକ୍ଷୋଭ ସଂପୂର୍ଣ୍ଣ ରୂପେ ଶାନ୍ତିପୂର୍ଣ୍ଣ ଥିଲା । ଏହାପୂର୍ବରୁ ଗତ ଜୁନ୍‌ରେ ମଧ୍ୟ 'ନୋ କିଙ୍ଗ୍' ପ୍ରୋଟେଷ୍ଟ ହୋଇଥିଲା ଓ ଏଥିରେ ପାଖାପାଖି ୨୧୦୦ ରାଲି ବାହରା କରାଯାଇଥିଲା । ନ୍ୟୁୟର୍କର ଟାଇମ୍ସ ସ୍କୋୟାର, ବୋଷ୍ଟନ, ଆଟଲାଣ୍ଟା ଓ ଚିକାଗୋ ପାର୍କରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ସେହିପରି ୱାସିଂଟନ, ଲସ୍ ଏଞ୍ଜେଲସ ଓ ରିପବ୍ଲିକାନ ପାର୍ଟି ଶାସିତ ଅନ୍ୟ କେତୋଟି ରାଜ୍ୟରେ ମଧ୍ୟ ଆୟୋଜିତ ହୋଇଥିବା ରାଲିରେ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇଥିଲେ ।

ରାଷ୍ଟ୍ରପତି ଟ୍ରମ୍ପ ଏହି ବିକ୍ଷୋଭର ତୀବ୍ର ସମାଲୋଚନା କରିଛନ୍ତି । ସେ ତାଙ୍କ ସାମାଜିକ ଗଣମାଧ୍ୟମ 'ଟ୍ରୁଥ୍'ରେ କହିଛନ୍ତି, ସେମାନେ ମୋତେ ରାଜା କହୁଛନ୍ତି, କିନ୍ତୁ ମୁଁ କୌଣସି ରାଜା ନୁହେଁ । ଏହାର କିଛି ସମୟ ପରେ ସେ ଏଆଇ ଦ୍ୱାରା ପ୍ରସ୍ତୁତ ଏକ ଭିଡିଓ କ୍ଲିପ୍ ଜାରି କରିଛନ୍ତି । ଏଥିରେ ସେ ମୁକୁଟ ପିନ୍ଧି ଯୁଦ୍ଧବିମାନ ଉଡ଼ାଉଥିବା ଦେଖାଯାଇଛି । ଏହି ବିମାନରୁ ବିକ୍ଷୋଭକାରୀଙ୍କ ଉପରେ ମଳ ବର୍ଷା ହେଉଥିବା ଭଳି ମନେ ହେଉଛି । ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ମଧ୍ୟ ଏହି ଆନ୍ଦୋଳନକୁ 'ହେଟ୍ ଆମେରିକା ରାଲି' ବୋଲି ବର୍ଣ୍ଣନା କରିବା ସହ ଜୋରଦାର ନାରାବାଜି କରିଛନ୍ତି । ତେବେ ଉପରାଷ୍ଟ୍ରପତି ଭାନ୍ସ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି ।

# ଉତ୍ସାହ କମ୍; ଚିନ୍ତା ଅଧିକ

## ଧନ୍‌ତେରାସ୍‌ରେ ଲକ୍ଷେ କୋଟିର ବେପାର

■ **ମୁମ୍ବଇ, ୧୯।୧୦ (ଏଜେନ୍ସି):** ଚଳିତ ବର୍ଷ ଧନ୍‌ତେରାସରେ କିଣାବିକାରେ ନୂଆ ରେକର୍ଡ ସୃଷ୍ଟି ହୋଇଛି । ଭାରତୀୟମାନେ ପ୍ରାୟ ଲକ୍ଷେ କୋଟି ଟଙ୍କା କାରବାର କରିଛନ୍ତି । ଅଲ୍ ଇଣ୍ଡିଆ ଟ୍ରେଡର୍ସ କନ୍‌ଫେଡେରେସନ (ସିଏଆଇଟି) ପକ୍ଷରୁ ଏହି ସୂଚନା ଦିଆଯାଇଛି । ଦରଦାମ ସହିତ ସୁନା ଏବଂ ରୁପା ମୂଲ୍ୟ ବୃଦ୍ଧି ଯୋଗୁଁ ଦୋକାନ ବଜାରରେ ସେତେ ଗହଳି ନ ଥିଲା । ଏହାସତ୍ତ୍ୱେ ଗତ ବର୍ଷ ଅପେକ୍ଷା ୨୫ ପ୍ରତିଶତ ଅଧିକ କାରବାର ହୋଇଛି । ମାତ୍ର ଏହା ପରିମାଣ ତୁଳନାରେ କମ୍ ରହିଛି । ସୁନାମୂଲ୍ୟ ବଢ଼ିବା ଯୋଗୁ ଆଗ୍ରହ କମ୍ ଥିବା ସତ୍ତ୍ୱେ ବିବାହ ଏବଂ ଅନ୍ୟ କାର୍ଯ୍ୟକ୍ରମ ଜନିତ ଚିନ୍ତା ପାଇଁ ଲୋକେ ଧନ୍‌ତେରାସ ଅଫରର ଲାଭ ଉଠାଇଥିଲେ । ଉଚ୍ଚା ଦର ସତ୍ତ୍ୱେ ୬୦ ହଜାର କୋଟି ଟଙ୍କାର ସୁନା ଏବଂ ରୁପା ବିକ୍ରି ହୋଇଛି । କେବଳ ୩୬ କ୍ୱିଣ୍ଟାଲ ସୁନା ବିକ୍ରି ହୋଇଛି । ଏହା ଗତ ବର୍ଷ ତୁଳନାରେ ୨୫ ପ୍ରତିଶତ ଅଧିକ । ମାତ୍ର ପରିମାଣ ତୁଳନାରେ ୩ କ୍ୱିଣ୍ଟାଲ କମ୍ । ଗତ ବର୍ଷ ଏହି ଅବସରରେ ୩୯ କ୍ୱିଣ୍ଟାଲ ସୁନା ବିକ୍ରି ହୋଇଥିଲା । ଚଳିତ ବର୍ଷ ସୁନା ମୂଲ୍ୟ ୬୫ ପ୍ରତିଶତ ଏବଂ ରୁପା ମୂଲ୍ୟ ୮୧ ପ୍ରତିଶତ ବୃଦ୍ଧି ପାଇଛି । ତେଣୁ ବଜାରରେ ଉତ୍ସାହ ସେତେ ନ ଥିଲେ ବି ଧନୀଶ୍ରେଣୀୟ ଲୋକଙ୍କ କିଣାବିକା ଏବଂ ବିବାହ ଆଦି କାର୍ଯ୍ୟକ୍ରମର ଯୋଗୁଁ ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ବେପାର ବୃଦ୍ଧି ପାଇଥିଲା । ଏହା କେବଳ କ୍ରୟ ନୁହେଁ,ବରଂ ରଣନୈତିକ ନିବେଶର ସଙ୍କେତ ବୋଲି ମଧ୍ୟ ▶ପୃଷ୍ଠା-୭



**୬୦ ହଜାର କୋଟିର ସୁନା, ରୁପା ବିକ୍ରି**

**ଗତ ବର୍ଷ ତୁଳନାରେ ୨୫% ଅଧିକ କାରବାର**

**ଗତ ବର୍ଷ ୩୯ ଟନ୍ ସୁନା ବିକ୍ରି; ଚଳିତ ବର୍ଷ ବିକ୍ରିହେଲା ୩୬ ଟନ୍**

## ରବିବାର ବିଭିନ୍ନ ଜିଲ୍ଲାରେ ବର୍ଷା

# ଭିଜିବ ଦୀପାବଳି !

■ **ଭୁବନେଶ୍ୱର, ୧୯।୧୦ (ସମିସ):** ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ଏହାର ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ କାରଣରୁ ରବିବାର ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ହୋଇଛି । ବିଶେଷକରି ଅନୁଗୋଳ, ଢେଙ୍କାନାଳ, ଖୋର୍ଦ୍ଧା, କଟକ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା ପରି ଜିଲ୍ଲାରେ ଆଜି ବର୍ଷା ସହ ହାଲୁକା ବେଗରେ ପବନ ହୋଇଥିଲା । ସୋମବାର ଦୀପାବଳିକୁ ନେଇ ରାଜ୍ୟବାସୀ ଉତ୍ସାହିତ ଥିବାବେଳେ ଆସନ୍ତାକାଲି ମଧ୍ୟ ଏକାଧିକ ଜିଲ୍ଲାରେ ବର୍ଷା ହେବା ନେଇ ଆକଳନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ବାଲେଶ୍ୱର, ▶ପୃଷ୍ଠା-୭

## ପୁଲିସ ଚାକିରି ବେପାର

# ଜେଲ୍‌ରେ ଆଉ ୬୩ ପରୀକ୍ଷାର୍ଥୀଙ୍କୁ ଜେରା


■ **ବ୍ରହ୍ମପୁର, ୧୯ ।୧୦ (ସମିସ):** ପୁଲିସ ସବ୍‌ଇନ୍ସପେକ୍ଟର୍ (ଏସ୍‌ଆଇ) ପରୀକ୍ଷା କେଲେଙ୍କାରୀ ମାମଲାରେ ଗିରଫ ୧୨୩ ଅଭିଯୁକ୍ତଙ୍କ ମଧ୍ୟରୁ ରବିବାର ୬୩ଜଣ ପରୀକ୍ଷାର୍ଥୀଙ୍କୁ ବ୍ରହ୍ମପୁର ଜେଲରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଜେରା କରାଯାଇଛି । ଶନିବାର ୩୧ ଜଣଙ୍କୁ ପଚରାଉଚରା କରାଯାଇଥିବା ବେଳେ ରବିବାର ଆଉ ୬୩ ଜଣଙ୍କୁ ପଚରାଉଚରା କରାଯାଇଛି । ଫଳରେ ବର୍ତ୍ତମାନ ସୁଦ୍ଧା ମୋଟ ୯୪ଜଣଙ୍କୁ କ୍ରାଇମବ୍ରାଞ୍ଚ ଜେରା କଲାଣି । ଏଥିରେ ୨ ଦଲାଲ ମଧ୍ୟ ରହିଛନ୍ତି । ଅବଶିଷ୍ଟ ୨୯ ଜଣଙ୍କୁ ଆଗାମୀ ଦିନରେ ଜେରା କରାଯିବ । ରବିବାର ତଦନ୍ତକାରୀ ଅଧିକାରୀ ତଥା କ୍ରାଇମବ୍ରାଞ୍ଚ ▶ପୃଷ୍ଠା-୭

# ଜଙ୍ଗଲରେ ଅଷ୍ଟମ ଛାତ୍ରୀଙ୍କୁ ଦୁଷ୍କର୍ମ

■ **ଦାରିଙ୍ଗବାଡ଼ି, ୧୯।୧୦ (ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ପୁଣି ଲଜ୍ଜା । ଚପଲ କିଣିଦେବା ଆଳରେ ଡାକିନେଇ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ତାଙ୍କ ଗ୍ରାମର ଜଣେ ସମ୍ପର୍କୀୟ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଏନେଇ ନାବାଳିକାଙ୍କ ଦାଦା ଶନିବାର ଦାରିଙ୍ଗବାଡି ଥାନାରେ ଅଭିଯୋଗ କରିଛନ୍ତି ।

ସୂଚନାନୁସାରେ, ଦାରିଙ୍ଗବାଡ଼ି ଥାନା ଅଞ୍ଚଳର ଗୋଟିଏ ପରିବାରର ବାପା ଓ ମା' ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଛନ୍ତି । ୧୪ ବର୍ଷର ନାବାଳିକା ତାଙ୍କର ୪ ଛୋଟ ଭାଇଭଉଣୀଙ୍କୁ ନେଇ ଘରେ ରହୁଥିଲେ । ଛୋଟ ଭାଇଭଉଣୀଙ୍କ ଦାୟିତ୍ୱ ନେବା ସହ ନିଜେ ପାଠ ପଢୁଥିଲେ । ସେହି ଗ୍ରାମର ଜଣେ ବିବାହିତ ଯୁବକ ଶୁକ୍ରବାର ମଧ୍ୟାହ୍ନରେ ନାବାଳିକାଙ୍କୁ କହିଥିଲେ, ତୁମ ବାପା ତୁମ ପାଇଁ ଚପଲ କିଣିବାକୁ ମୋ ଆକାଉଣ୍ଟକୁ ପଇସା ପଠାଇଛନ୍ତି । ଦାରିଙ୍ଗବାଡି ବଜାର ଯାଇ ଚପଲ କିଣିଦେବି । ନାବାଳିକା ଜଣଙ୍କ ତାଙ୍କ କଥାରେ ବିଶ୍ୱାସ କରି ତାଙ୍କ ସହ ଯାଇଥିଲେ । ହେଲେ ଯୁବକଜଣଙ୍କ ଅଧା ରାସ୍ତାରୁ ବଜାର ନେବା ବଦଳରେ ନାବାଳିକାଙ୍କୁ ଜଙ୍ଗଲର ଏକ ନିଛାଟିଆ ସ୍ଥାନକୁ ନେଇ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ଦୁଷ୍କର୍ମ କରିଥିଲେ । ଘଟଣା ସମ୍ପର୍କରେ କାହାକୁ କହିଲେ, ଜୀବନରେ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି । ନାବାଳିକା ଜଣଙ୍କ ▶ପୃଷ୍ଠା-୭

## ୭ ବର୍ଷର ନାବାଳିକାକୁ ଅସଦାଚରଣ; ବାବା ଗିରଫ



■ **ନନ୍ଦନକାନନ, ୧୯।୧୦ (ସମିସ):** ଜଣେ ୭ବର୍ଷର ନାବାଳିକାକୁ ଅସଦାଚରଣ କରିବା ଅଭିଯୋଗରେ ନନ୍ଦନକାନନ ପୁଲିସ ଜଣେ ବାବାକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ବାବାଜଣଙ୍କ ହେଲେ, ଅମର ଦାସ(୫୦) ।

ପୁଲିସ ସୂଚନାନୁସାରେ, ନାବାଳିକାଜଣଙ୍କ ସପରିବାରେ ନନ୍ଦନକାନନ ଥାନା ଅଞ୍ଚଳରେ ରୁହନ୍ତି । ଶନିବାର ଦିନ ପ୍ରାୟ ସାଢ଼େ ୧ଟାରେ ନାବାଳିକାଜଣଙ୍କ ଘର ପାଖ ଏକ ଦୋକାନକୁ ଯାଉଥିବା ବେଳେ ନିକଟରେ ଥିବା ଏକ ମଠର ବାବା ଅମର ତାକୁ ମଠକୁ ନେଇଯାଇଥିଲେ । ସେହି ସମୟରେ ମଠରେ କେହି ନଥିବାର ସୁଯୋଗ ନେଇ ଅମର ନାବାଳିକାକୁ ଅସଦାଚରଣ କରିଥିଲେ । ଏଥିରେ ଭୟଭୀତ ହୋଇ ନାବାଳିକା ଜଣଙ୍କ ଚିତ୍କାର ▶ପୃଷ୍ଠା-୭

## ନୂଆପଡ଼ା ଉପନିର୍ବାଚନ


# ନାମାଙ୍କନ ପୂର୍ବରୁ ବିଜେଡିର ବିଶାଳ ଶୋଭାଯାତ୍ରା



**ଶୋଭାଯାତ୍ରାରେ ଯୋଗଦେଲେ ଦଳର ବହୁ ବରିଷ୍ଠ ନେତା**

**ଶକ୍ତି ପ୍ରଦର୍ଶନ ନୁହେଁ; ନବୀନଙ୍କ ପ୍ରତି ନୂଆପଡ଼ାବାସୀଙ୍କ ଭଲପାଇବାର ନିଦର୍ଶନ: ସ୍ନେହାଙ୍ଗିନୀ**

■ **ନୂଆପଡା, ୧୯ ।୧୦ (ସମିସ):** ନୂଆପଡା ଉପନିର୍ବାଚନ ପାଇଁ ଆସନ୍ତାକାଲି ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ନାମାଙ୍କନ ପତ୍ର ଦାଖଲ କରିବେ । ଏହାପୂର୍ବରୁ ଆଜି ନୂଆପଡ଼ାରେ ବିଜେଡି କରିଛି ବିଶାଳ ଶୋଭାଯାତ୍ରା । ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀଙ୍କ ସମର୍ଥନରେ ସ୍ଥାନୀୟ ଜନସାଧାରଣ ଓ ଦଳୀୟ ନେତା ଏକ ବିଶାଳ ଶୋଭାଯାତ୍ରାରେ ସହରକୁ କମ୍ପମାନ କରିଛନ୍ତି । ବାଣ, ବାଜା ସହ ଲୋକଙ୍କ ନାଚ ଗୀତରେ ସହର ପ୍ରକମ୍ପିତ ହୋଇଛି । ଅନ୍ୟପକ୍ଷରେ ସ୍ନେହାଙ୍ଗିନୀ ଏହା ଶକ୍ତି ପ୍ରଦର୍ଶନ ନୁହେଁ, ବରଂ ନବୀନଙ୍କ ପ୍ରତି ଲୋକମାନଙ୍କର ଭଲପାଇବାର ନିଦର୍ଶନ ବୋଲି କହିଛନ୍ତି । ସ୍ନେହାଙ୍ଗିନୀ ପ୍ରଥମେ ନୂଆପଡାର ଦେବୀ କଣା ଭଏଁରା ମନ୍ଦିରକୁ ଯାଇଥିଲେ । ସେଠାରେ ପୂଜାର୍ଚ୍ଚନା ପରେ ଆଦିବାସୀ କଲ୍ୟାଣ ସଂଘ ତରଫରୁ ଆୟୋଜିତ ସ୍ୱାଗତ ସମାରୋହରେ ଯୋଗ ଦେଇଥିଲେ । ସଂଘ ତରଫରୁ ଜିଲ୍ଲା ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ଭାନୁପ୍ରତାପ ▶ପୃଷ୍ଠା-୭






# ପ୍ୟାରିସ୍ ସଂଗ୍ରହାଳୟରୁ ଲୁଟିନେଲେ ମୂଲ୍ୟବାନ ଗହଣା

**ପ୍ୟାରିସ, ୧୯।୧୦ (ଏଜେନ୍ସି):** ଫ୍ରାନ୍ସ ରାଜଧାନୀ ପ୍ୟାରିସସ୍ଥିତ ବିଶ୍ୱ ପ୍ରସିଦ୍ଧ ଲୋଉଭ୍ରେ ସଂଗ୍ରହାଳୟକୁ ରବିବାର ସକାଳୁ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ, ସଂଗ୍ରହାଳୟରୁ କେତେକ ମୂଲ୍ୟବାନ ଗହଣା ତଥା ଆଭୁଷଣ ଚୋରି ହୋଇଯିବା ପରେ ଏହାକୁ ବନ୍ଦ



କରିବାକୁ ନିଷ୍ପତ୍ତି ନିଆଯାଇଛି। ରବିବାର ସକାଳେ ସଂଗ୍ରହାଳୟ ଖୋଲା ହେବା ସମୟରେ ଚୋରି ହୋଇଥିଲା ବୋଲି ଫ୍ରାନ୍ସ ସଂସ୍କୃତି ମନ୍ତ୍ରୀ ରଚିଦା ଡାଟି ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ସୂଚନା ଦେଇଛନ୍ତି। କିନ୍ତୁ ଚୋରି ସମ୍ପର୍କରେ କୌଣସି ଅଧିକ ସୂଚନା ସରକାରଙ୍କ ତରଫରୁ ଦିଆଯାଇନାହିଁ। ଏହି ଘଟଣାର ଯାଞ୍ଚ କରାଯାଉଛି ବୋଲି ସେ କହିଛନ୍ତି। ଏହି ସଂଗ୍ରହାଳୟରେ ବିଶ୍ୱ ପ୍ରସିଦ୍ଧ ମୋନାଲିସା ପେଣ୍ଟିଂ ସହିତ ବିଶ୍ୱର କେତୋଟି ସବୁଠାରୁ ପ୍ରତିଷ୍ଠିତ ଐତିହାସିକ କାଳାକୃତି ରହିଛି। ଚୋରମାନେ ବିଶ୍ୱପ୍ରସିଦ୍ଧ କେତୋଟି ଗହଣା ଚୋରିକରି ନେଇଛନ୍ତି ବୋଲି କୁହାଯାଉଛି। ଚୋରମାନେ ନୋପୋଲିୟନ କଲେକ୍ସନ୍‌ରୁ ମୂଲବାନ ଗହଣା ଚୋରି କରି ନେଇଯାଇଛନ୍ତି ବୋଲି ଫ୍ରାନ୍ସର ଜଣାଶୁଣା ଖବର କାଗଜ 'ଲେ ପାରିସିଏନ୍' ଉଲ୍ଲେଖ କରିଛି। ଏହାକୁ ଫ୍ରାନ୍ସର ସାଂସ୍କୃତିକ ଇତିହାସ ଉପରେ ଏକ ବଡ଼ ଝଟ୍‌କା ବା ଆକ୍ରମଣ ବୋଲି କୁହାଯାଉଛି। ଏକରୁ ଉର୍ଦ୍ଧ୍ୱ ଚୋର ସଂଗ୍ରହାଳୟରେ ପଶିଥିଲେ ବୋଲି ପୁଲିସ କହିଛି। ଏହି ଚୋରମାନେ ସିନ ନଦୀର ସାମ୍ନାପଟୁ ସଂଗ୍ରହାଳୟରେ ପ୍ରବେଶ କରିଥିଲେ ଓ ସେଠାରେ ନିର୍ମାଣ କାର୍ଯ୍ୟ ଚାଲିଥିଲା। ଏହାପରେ ଚୋରମାନେ ଜିନିଷ ନିଆଯାଉଥିବା ଲିଫ୍ଟରେ ଆପୋଲୋ ଗ୍ୟାଲେରୀର ଏକ କଠୋରୀକୁ ଯାଇଥିଲେ ଓ ସେଠାରେ ଝରକା ଭାଙ୍ଗିଥିଲେ। ଏହାପରେ ସେମାନେ ସମ୍ରାଟ ନେପୋଲିୟନ ବେନାପାର୍ଟଙ୍କ ସମୟର ଓ ମହାରାଣୀଙ୍କର ୯ଟି ଆଭୁଷଣ ଚୋରି କରି ନେଇଯାଇଥିଲେ। ଉଲ୍ଲେଖଥାଉ କି, ଏହି ସଂଗ୍ରହାଳୟକୁ ବିଶ୍ୱର ସର୍ବାଧିକ ଲୋକ ଦେଖିବାକୁ ଆସିଥାନ୍ତି। ଏଠାରେ ବିଶ୍ୱ ପ୍ରସିଦ୍ଧ କଳାକୃତ ଓ ମୂଲ୍ୟବାନ ଜିନିଷ ରଖାଯାଇଛି।

# ଡ୍ରଗ୍ସ ବୁଡ଼ାଜାହାଜକୁ ଧ୍ୱଂସ କଲା ଆମେରିକା

**ୱାସିଂଟନ, ୧୯।୧୦ (ଏଜେନ୍ସି):** କ୍ୟାରିବିୟାନ ସାଗରରେ ଡ୍ରଗ୍ସ ଅର୍ଥାତ ନିଶା ଔଷଧ ନେଇ ଯାଉଥିବା ଏକ ଜାହଜ ଉପରେ ଆମେରିକା ଆକ୍ରମଣ କରିଛି। ଏଥିରେ ଦୁଇଜଣ ଡ୍ରଗ୍ସ ଚାଲାଣକରୀ ମୃତ୍ୟୁବରଣ କରିଛନ୍ତି। ବଞ୍ଚିଥିବା ଦୁଇଜଣ ବ୍ୟକ୍ତିଙ୍କୁ ସେମାନଙ୍କ ଦେଶ ଇକ୍ୱେଡର ଓ କଲମ୍ବିଆକୁ ପଠାଇ ଦିଆଯାଇଛି। ଏ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ଡ୍ରଗ୍ସ ନେଇ ଯାଉଥିବା ଏକ ବଡ଼ ଜାହାଜକୁ ନଷ୍ଟ କରିଦିଆଯାଇଥିବାରୁ

## ୨୫୦୦୦ ଆମେରିକୀୟ ବଞ୍ଚିଗଲେ: ଟ୍ରମ୍ପ

ଖୁସି ଓ ଗର୍ବ ଅନୁଭବ କରୁଛି ବୋଲି ଟ୍ରମ୍ପ ଉଲ୍ଲେଖ କରିଛନ୍ତି। ଏହି ଜାହଜ ଆମେରିକାକୁ ଯାଉଥିଲା। ଏଥିରେ ଫେଣ୍ଟେନାଇଲ୍ ଓ ଅନ୍ୟ ନିଶାଦ୍ରବ ଥିଲା। ଏହାଦ୍ୱାରା ୨୫୦୦୦ ଆମେରିକୀୟ ନାଗରିକ ବଞ୍ଚି ଯାଇଛନ୍ତି ବୋଲି ଟ୍ରମ୍ପ କହିଛନ୍ତି। ଲାଟିନ ଆମେରିକାରୁ ଆମେରିକାକୁ ଚାଲାଣ ହେଉଥିବା ଡ୍ରଗ୍ସ ଚାଲଣକୁ ରୋକିବା ପାଇଁ ଟ୍ରମ୍ପ ପ୍ରଶାସନ କ୍ରମାଗତ ଭାବେ ଅଭିଯାନ ଜାରି ରଖିଛି। ତେଣୁ ଏଭଳି ଆକ୍ରମଣ ଏହି ଅଭିଯାନର ଅଂଶ ବିଶେଷ ବୋଲି କୁହାଯାଇଛି। ଗତ ସେପ୍ଟେମ୍ବରରୁ ଏପର୍ଯ୍ୟନ୍ତ ଆମେରିକା ଆକ୍ରମଣରେ ୬ଟି ବୋଟ୍ ନଷ୍ଟ ହୋଇଛି। ଏଗୁଡିକ ମଧ୍ୟରେ ଅଧିକାଂଶ ସ୍ପିଡ୍ ବୋଟ୍ ସାମିଲ ରହିଥିଲା। ଡ୍ରଗ୍ସର ଚୋରା ଚାଲାଣକୁ ରୋକିବା ପାଇଁ ନିର୍ଣ୍ଣାୟକ ଆକ୍ରମଣ କରାଯାଉଛି ବୋଲି



# ଗାଜାରେ ଇସ୍ରାଏଲ୍‌ର ପୁଣି ଏୟାର ଷ୍ଟ୍ରାଇକ୍; ୩୫ ମୃତ

**ଗାଜା,୧୯ ।୧୦(ଏଜେନ୍ସି):** ଗାଜାରେ ଇସ୍ରାଏଲ ଓ ହାମାସ ମଧ୍ୟରେ ହୋଇଥିବା ଅସ୍ତ୍ରବିରତି ନେଇ ପୁଣିଥରେ ସଂଶୟ ସୃଷ୍ଟି ହୋଇଛି। ରାଫାରେ ଇସ୍ରାଏଲ ସୈନିକଙ୍କ ଉପରେ ହମାସ ଆକ୍ରମଣ କରିଛି। ଫଳରେ ଇସ୍ରାଏଲ ମଧ୍ୟ ଏହାର ଜବାବ ଦେଇଛି। ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ଏୟାର ଷ୍ଟ୍ରାଇକ୍ କରିଛି। ଏ ସଂକ୍ରାନ୍ତରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଜ୍ ଓ ଆଇଡିଏଫ୍ ଚିଫ୍ ଅଫ୍ ଷ୍ଟାଫ୍ ଲେଫ୍ଟନାଣ୍ଟ ଜେନେରାଲ ଇୟାଲ ଜମୀରଙ୍କ ସହ ଖୁବଶୀଘ୍ର ଏକ ଜରୁରୀକାଳୀନ ବୈଠକରେ ମିଳିତ ହେବେ। ରବିବାର ରାଫାରେ ମିଲିଟାରୀ ଇଞ୍ଜିନିୟରିଂ ଗାଡ଼ିଗୁଡିକ ଉପରେ ହମାସ ଆଣ୍ଟି ଟ୍ୟାଙ୍କ ମିସାଇଲ ଦ୍ୱାରା ଆକ୍ରମଣ କରିଥିଲା ବୋଲି ଇସ୍ରାଏଲ କହିଛି। ଫଳରେ ଇସ୍ରାଏଲ ହମାସ ଅଞ୍ଚଳରେ ଆକାଶରୁ ଆକ୍ରମଣ କରିଥିଲା। ଏଥିରେ ବହୁ ଇସ୍ରାଏଲ ସୈନିକ ଆହତ ହୋଇଛନ୍ତି। ହମାସ ଅସ୍ତ୍ରବିରତି ଉଲ୍ଲଂଘନ କରିଛି ବୋଲି ଇସ୍ରାଏଲ କହିଛି। ଅନ୍ୟପଟେ ଇସ୍ରାଏଲ ଆକ୍ରମଣରେ ୩୫ ଜଣ ପାଲେଷ୍ଟାଇନ ନାଗରିକ ନିହତ ହୋଇଛନ୍ତି ବୋଲି କୁହାଯାଇଛି।

# ଦିଲ୍ଲୀରେ ପରକୀୟା ପ୍ରୀତି, ଗର୍ଭଧାରଣ ଓ ଡବଲ ମର୍ଡର

**ନୂଆଦିଲ୍ଲୀ, ୧୯।୧୦ (ଏଜେନ୍ସି):** କେନ୍ଦ୍ରୀୟ ଦିଲ୍ଲୀରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଏକ ପରକୀୟା ପ୍ରୀତିକୁ ନେଇ ଦୁଇଜଣ ଲୋକ ହତ୍ୟାର ଶିକାର ହୋଇଛନ୍ତି। ଜଣେ ଗର୍ଭବତୀ ମହିଳାଙ୍କୁ ତାଙ୍କ ପ୍ରେମିକ ଛୁରି ଭୁଶି ହତ୍ୟା କରିଥିଲେ। ପରେ ମହିଳାଙ୍କ ସ୍ୱାମୀ ମଧ୍ୟ ସମ୍ପୃକ୍ତ ହତ୍ୟାକାରୀ ପ୍ରେମିକଙ୍କୁ ହତ୍ୟା କରିଛନ୍ତି। ଶାଳିନୀ ନାମକ ଜଣେ ୨୨ ବର୍ଷୀୟା ମହିଳା ସ୍ୱାମୀ ଆକାଶଙ୍କ ସହ ରୁହନ୍ତି। ଆକାଶ ଇ- ରିକ୍ସା ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ଶାଳିନୀଙ୍କ ଦୁଇଟି ଝିଅ ଅଛନ୍ତି। ୩୪ ବର୍ଷୀୟ ସ୍ଥାନୀୟ ଅପରାଧୀ ଆଶୁ ଉରଫ୍ ଶୈଳେନ୍ଦ୍ରଙ୍କ ସହ ଶାଳିନୀଙ୍କ ଅବୈଧ ସମ୍ପର୍କ ରହିଥିଲା। ଶାଳିନୀ ତାଙ୍କ ପିଲାର ମା ହେବାକୁ ଯାଉଛନ୍ତି ବୋଲି ଆଶୁ ଦାବି କରୁଥିଲେ। କିନ୍ତୁ ସେ ସ୍ୱାମୀଙ୍କ ସହ ରହିବାକୁ ନିଷ୍ପତ୍ତି ନେଇଥିଲେ। ଏଥିରେ ଆଶୁ ଉତ୍ତେଜିତ ହୋଇ ଶାଳିନୀଙ୍କୁ ହତ୍ୟା କରିଛନ୍ତି ବୋଲି ପୁଲିସ କହିଛି। ଶନିବାର ରାତିରେ ଏହି ଘଟଣା ଘଟିଥିଲା। ଶାଳିନୀଙ୍କ ସହ ଆକାଶ କୁତୁବ ରୋଡ୍‌ରେ ତାଙ୍କ ଶାଶୁଙ୍କୁ ଦେଖିବାକୁ ଯାଇଥିଲେ। ବାଟରେ ଆଶୁ ଅଚାନକ ଆସି ଆକାଶଙ୍କୁ ଛୁରିରେ ଆକ୍ରମଣ କରିଥିଲେ। କିନ୍ତୁ ଆକାଶ ବର୍ତ୍ତିଯାଇଥିଲେ। ଏହାପରେ ଆଶୁ ଶାଳିନୀଙ୍କୁ ଇ-ରକ୍ସାରେ ବସିଥିବାର ଦେଖି ତାଙ୍କ ଉପରେ ବାରମ୍ବାର ଛୁରୀରେ ଆକ୍ରମଣ କରିଚାଲିଥିଲା। ଏତିକିବେଳେ ଆକାଶ ତାଙ୍କ ପତ୍ନୀଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ଆଶୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲା। କିନ୍ତୁ କୌଶଳକ୍ରମେ ଆକାଶ ଛୁରି ଛଡାଇ ଆଶୁଙ୍କୁ ବାରମ୍ବାର ଆକ୍ରମଣ କରି ହତ୍ୟା କରିଥିଲେ। ଏହାପରେ ୩ଜଣଙ୍କୁ ହସ୍ପିଟାଲ ନିଆଯାଇଥିଲା। ଶାଳିନୀ ଓ ଆଶୁଙ୍କୁ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ। କିନ୍ତୁ ଆକାଶ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି ବୋଲି ପୁଲିସ କହିଛି। ପୁଲିସ ଏ ନେଇ ମାମଲା ରୁଜୁ କରିଛି।

# ରାଘବ-ପରିଣିତିଙ୍କ ପୁତ୍ର ସନ୍ତାନ ଲାଭ

**ନୂଆଦିଲ୍ଲୀ, ୧୯।୧୦ (ଏଜେନ୍ସି):** ବଲିଉଡ ଅଭିନେତ୍ରୀ ପରିଣିତି ଚୋପ୍ରା ଓ ତାଙ୍କ ସ୍ୱାମୀ ଆମ ଆଦମି ପାର୍ଟି (ଆପ୍) ନେତା ରାଘବ ଚଢ଼ା ପ୍ରଥମ ସନ୍ତାନର ବାପା-ମା ହେବାର ସୌଭାଗ୍ୟ ଲାଭ କରିଛନ୍ତି। ରବିବାର ପରିଣିତି ଏକ ଶିଶୁ ପୁତ୍ରର ମା ହୋଇଛନ୍ତି। ଫଳରେ ଦୀପାବଳି ପୂର୍ବରୁ ଦୁଇଜଣଙ୍କ ଖୁସି ଦ୍ୱିଗୁଣିତ ହୋଇଛି। ଏ ନେଇ ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ୍‌ରେ ଦୁହେଁ ପୋଷ୍ଟ କରି ସୂଚନା ଦେଇଛନ୍ତି। ରବିବାର ପରିଣିତି ଏକ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚଳିତବର୍ଷ ଅଗଷ୍ଟରେ ଦୁହେଁ ଗର୍ଭଧାରଣ ନେଇ ସୂଚନା ଦେଇଥିଲେ। ଦୁହେଁ ୨୦୨୩ ସେପ୍ଟେମ୍ବରରେ ରାଜସ୍ଥାନର ଉଦୟପୁରର ଲୀଲା ପ୍ୟାଲେସ୍‌ରେ ବିବାହ କରିଥିଲେ। ଦୁହେଁ ଦୀର୍ଘଧରି ପରସ୍ପରକୁ ଡେଟ୍ କରିବା ପରେ ଶେଷରେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ।

# ୫୦୦ ପୃଷ୍ଠାର ଜାମିନ ଆବେଦନକୁ ଖାରଜ କଲେ କୋର୍ଟ

**ନୂଆଦିଲ୍ଲୀ, ୧୯।୧୦ (ଏଜେନ୍ସି):** ୫୦୦ ପୃଷ୍ଠାର ଜାମିନ ଆବେଦନକୁ ଏକ ସ୍ଥାନୀୟ କୋର୍ଟ ଖାରଜ କରିଛନ୍ତି। ନୂଆଦିଲ୍ଲୀର କରକରଡୁମା କୋର୍ଟ ଶୁକ୍ରବାର ଜଣେ ଦୁଷ୍କର୍ମ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି। ଅଭିଯୁକ୍ତଙ୍କ ତରଫରୁ ଓକିଲ ୫୦୦ ପୃଷ୍ଠାର ଆବେଦନ ଦାଖଲ କରିଥିଲେ। ଏହି ଆବେଦନ ବହୁତ ବଡ଼ ଓ ଏହାକୁ ପଢ଼ିବା ସମୟ ସାପେକ୍ଷ ବୋଲି କୋର୍ଟ କହିଥିଲେ। ଏହି ଦସ୍ତାବିଜ୍‌କୁ ପଢ଼ିବା ଓ ଏହାର ତର୍ଜମା କରିବା ସମ୍ଭବ ନୁହଁ ବୋଲି ଆଡିସନାଲ ସେସନ ଜଜ୍ ରମେଶ କୁମାର କହିଥିଲେ। କୋର୍ଟଙ୍କ ଉପରେ ପୂର୍ବରୁ ବହୁତ ବୋଝ ରହିଛି। ତେଣୁ ଜାମିନ ଆବେଦନର ଦସ୍ତାବିଜକୁ ଆହୁରି ଛୋଟ କରିବାକୁ ଓ ପୁଣିଥରେ ନୂଆ କରି ଆବେଦନ କରିବାକୁ ଜଜ୍ ଓକିଲଙ୍କୁ ପରାମର୍ଶ ଦେଇଥିଲେ। ଅଭିଯୁକ୍ତଙ୍କ ବିରୋଧରେ କଲ୍ୟାଣପୁର ଥାନାରେ ମାମଲା ରୁଜୁ ହୋଇଥିଲା।

# ଦୀପାବଳି, ଛଟ୍ ପାଇଁ ଅସମ୍ଭାଳ ଟ୍ରାଫିକ୍

## ରେଳ ଷ୍ଟେସନ୍‌ରେ ବିହାର-ୟୁପି ଯାତ୍ରୀଙ୍କ ପ୍ରବଳ ଭିଡ଼



- ସୁରତରେ ୧୫ହଜାର ଯାତ୍ରୀ ସଡ଼କରେ ରାତି କାଟିଲେ
- କର୍ମଭୂମି ଏକ୍ସପ୍ରେସ୍‌ରୁ ଖସି ଦୁଇ ଯାତ୍ରୀ ମୃତ
- ଦିଲ୍ଲୀ ପ୍ଲାଟଫର୍ମରେ ଖଚାଖଚ୍ ଭିଡ଼

**ସୁରତ,୧୯।୧୦(ଏଜେନ୍ସି):** ଦୀପାବଳି, ଛଟ୍ ପୂଜା ଓ ବିହାର ବିଧାନସଭା ନିର୍ବାଚନ ପାଇଁ ଦେଶରେ ବହୁ ରେଳ ଷ୍ଟେସନରେ ନାହିଁ ନଥିବା ଭିଡ଼ ପରିଲକ୍ଷିତ ହୋଇଛି। ବିହାର, ଉତ୍ତରପ୍ରଦେଶ ଖାସ୍ କରି ଉତ୍ତର ଭାରତ ଯିବାକୁ ଥିବା ଯାତ୍ରୀଙ୍କ ଭିଡ଼ ଦେଖିବାକୁ ମିଳିଛି। ଦିଲ୍ଲୀ, ସୁରତ ଓ ସୁରତର ଉଧନା ଷ୍ଟେସନରେ ପ୍ରବଳ ଭିଡ଼ ଯୋଗୁ ଯାତ୍ରୀ ହନ୍ତସନ୍ତ ହୋଇଛନ୍ତି। ଯାତ୍ରୀମାନେ ଟ୍ରେନ୍‌କୁ ଅପେକ୍ଷା କରି ରହିଛନ୍ତି। କିନ୍ତୁ ଟ୍ରେନ୍‌ଗୁଡିକର ବଗି ଫୁଲ୍ ଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ଟିକେଟ ଥାଇ ମଧ୍ୟ ବହୁ ଯାତ୍ରୀ ସୁରତରେ ଟ୍ରେନ୍ ଚଢ଼ିପାରିନାହାନ୍ତି। ଫଳରେ ଷ୍ଟେସନଠାରୁ ଆରମ୍ଭ କରି ଯାତ୍ରୀମାନଙ୍କ ଲାଇନ୍ ବିଭିନ୍ନ ରେସିଡେନ୍ସିଆଲ ଏରିଆ ପର୍ଯ୍ୟନ୍ତ ଲମ୍ବିଥିବାର ଲକ୍ଷ୍ୟ କରାଯାଇଛି। ୧୨ ଓ ୧୮ ଘଣ୍ଟାଧରି ଲୋକ ଭୋକ ଉପାସରେ ଲାଇନ୍‌ରେ ଠିଆ ହୋଇଛନ୍ତି। କେବଳ ଘରକୁ ଯିବା ଲକ୍ଷ୍ୟରେ ଯାତ୍ରୀ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସୁରତର ଉଧଡ଼ା ଷ୍ଟେସନରେ ଦୁଇକିମି ଧରି ଲମ୍ବା ଲାଇନ୍ ଦେଖିବାକୁ ମିଳିଛି। ଉତ୍ତର ଭାରତକୁ ଯାଉଥିବା ସବୁ ଟ୍ରେନ୍ ଫୁଲ୍ ହୋଇଛି। ଏହାକୁ ଦୃଷ୍ଟିରେ ରଖି ପଶ୍ଚିମ ରେଳବାଇ ୨୧ଟି ସ୍ପେଶାଲ ଟ୍ରେନ୍ ଚାଲୁ କରିଛି।

ନିଜ ଜନ୍ମସ୍ଥାନରେ ଦୀପାବଳୀ ଓ ଛଟ୍ ପୂଜା ପାଳନ କରିବାକୁ ଲୋକେ ଘରକୁ ଫେରୁଥିବା ବେଳେ ଶନିବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣା ଘଟିଛି। ମୁମ୍ବାଇରୁ ବିହାରର ଇଷ୍ଟ ଚମ୍ପାରନ ଜିଲ୍ଲାର ରାକ୍ସାଉଲ ଯାଉଥିବା କର୍ମଭୂମି ଏକ୍ସପ୍ରେସ୍ ଟ୍ରେନ୍‌ରୁ ୩ଜଣ ଯୁବକ ଖସି ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ଦୁଇଜଣ ଯୁବକ ମୃତ୍ୟୁବରଣ କରିଥିଲେ ଓ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ପୁଲିସ ମୃତକଙ୍କ ପରିଚୟ ପାଇବାକୁ ପ୍ରୟାସ କରୁଛି। ଏହି ଦୁର୍ଘଟଣା ନାସିକ ଷ୍ଟେସନ ନିକଟରେ ଘଟିଥିଲା।

# ଅସ୍ତ୍ରବିରତି ପାଇଁ ପାକ୍-ଆଫଗାନ୍ ତତ୍କାଳ ରାଜି

**ଦୋହା, ୧୯।୧୦ (ଏଜେନ୍ସି):** ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଅକ୍ଟୋବର ୯ରୁ ଆରମ୍ଭ ହୋଇଥିବା ସଂଘର୍ଷରେ ଯବନିକା ପଡିଛି। ଦୁଇ ଦେଶ ତତ୍କାଳ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି। ଏ ନେଇ କାତାର ବୈଦେଶିକ ମନ୍ତ୍ରଣାଳୟ ତରଫରୁ ଘୋଷଣା କରାଯାଇଛି। କାତାର ଓ ତୁର୍କୀ ମଧ୍ୟସ୍ଥତାରେ ରାଜଧାନୀ ଦୋହାରେ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଆଲୋଚନା ହୋଇଥିଲା। ଏଥିରେ ଦୁଇଦେଶ ତତ୍କାଳ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ କରିଛନ୍ତି। ଏଥିସହ ସୀମାରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଓ ସ୍ଥିରତା ବଜାୟ ରଖିବାକୁ ଉଭୟ ପକ୍ଷ ରାଜି ହୋଇଛନ୍ତି। ଏଥିସହ ଆଗାମୀ କିଛିଦିନରେ ଦୁଇ ଦେଶ ଫଲୋଅପ୍ ମିଟିଂ ଅର୍ଥାତ

- କାତାର ବିଦେଶ ମନ୍ତ୍ରଣାଳୟର ଘୋଷଣା
- ଦୋହାରେ ଦୁଇ ଦେଶ ମଧ୍ୟରେ ବୈଠକ



କାର୍ଯ୍ୟବାହ ବୈଠକ ପାଇଁ ମଧ୍ୟ ରାଜି ହୋଇଛନ୍ତି ବୋଲି କୁହାଯାଇଛି। ଏହି ବୁଝାମଣାକୁ କାତାର ଏକ ବଡ଼ କୂଟନୈତିକ ସଫଳତା ବୋଲି କହିଛି। ଏହାଦ୍ୱାରା ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ସଂଘର୍ଷ ଓ ଉତ୍ତେଜନା କମ୍ ହେବ ଓ ସ୍ଥାୟୀ ଶାନ୍ତିର ମୂଳଦୁଆ ପଡିବ ବୋଲି କାତାର ପକ୍ଷରୁ କୁହାଯାଇଛି। ଉଲ୍ଲେଖଥାଉ କି, ପାକିସ୍ତାନ ଶୁକ୍ରବାର ଆଫଗାନିସ୍ତାନ ଉପରେ ଏୟାର ଷ୍ଟ୍ରାଇକ କରିଥିଲା ଓ ଏଥିରେ ୩ ଜଣ କ୍ରିକେଟରଙ୍କ ସମେତ ୧୭ ଲୋକ ମୃତ୍ୟୁବରଣ କରିଥିଲେ। ଏହାପୂର୍ବରୁ ଅକ୍ଟୋବର ୧୫ରେ ଦୁଇଦେଶ ମଧ୍ୟରେ ୪୮ ଘଣ୍ଟିଆ ଅସ୍ତ୍ରବିରତି ଘୋଷଣା ହୋଇଥିଲା ଓ ଏହା ଶୁକ୍ରବାର ସନ୍ଧ୍ୟା ୬ଟାରେ ଶେଷ ହୋଇଥିଲା।

# ବଙ୍ଗରେ ନକଲି ପାସପୋର୍ଟ ର୍‍ୟାକେଟର ପର୍ଦ୍ଦାଫାସ

**ନୂଆଦିଲ୍ଲୀ, ୧୯।୧୦ (ଏଜେନ୍ସି):** ପଶ୍ଚିମବଙ୍ଗରେ ଏକ ବଡ଼ ନକଲି ପାସ୍‌ପୋର୍ଟ ର୍‍ୟାକେଟର ପର୍ଦ୍ଦାଫାସ ହୋଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହି ର୍‍ୟାକେଟର ପର୍ଦ୍ଦାଫାସ କରିଛି। ଅବୈଧଭାବେ ଭାରତରେ ଥିବା ୪୦୦ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଛି। ଏମାନେ ନକଲି ଦସ୍ତାବେଜ ତିଆରି କରି ଭାରତୀୟ ପାସ୍‌ପୋର୍ଟ ହାସଲ କରିଛନ୍ତି। ଏହି ର୍‍ୟାକେଟରେ ପାକିସ୍ତାନ ନାଗରିକ ଆଜାଦ ମଲିକ ଓ ଇନ୍ଦୁ ଭୂଷଣ ସାମିଲ ରହିଛନ୍ତି। ଏମାନେ ହାୱାଲା ମାଧ୍ୟମରେ ନେଣଦେଣ କରିବା ସହ ପରିଚୟପତ୍ର ପ୍ରସ୍ତୁତ କରୁଥିଲେ। ଏ ବାବଦରେ ଇଡି ୨ କୋଟି ଉର୍ଦ୍ଧ୍ୱ ଟଙ୍କାର ନେଣଦେଣ ନେଇ ପର୍ଦ୍ଦାଫାସ କରିଛି। ଏହିକ୍ରମରେ ୪୦୦ ବାଂଲାଦେଶୀଙ୍କୁ ଭରାତୀୟ ନାଗରିକରେ ପରିଣତ କରାଯାଇଛି ଓ ଏମାନଙ୍କୁ ଚିହ୍ନଟ ମଧ୍ୟ କରାଯାଇଛି। କୋଲକାତା ପାସ୍‌ପୋର୍ଟ କାର୍ଯ୍ୟାଳୟରୁ ଇଡି ଏନେଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ପାସ୍‌ପୋର୍ଟ ଦେବା ପୂର୍ବରୁ ଏହି ଅନୁପ୍ରବେଶକାରୀଙ୍କର ଆଧାର ଓ ପାନ କାର୍ଡ ପ୍ରସ୍ତୁତ କରାଯାଉଥିଲା। ଏହାପରେ ଏମାନଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯାଉଥିଲା। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ମାତ୍ର ୫ ଲକ୍ଷ ଟଙ୍କା ବିନିମୟରେ ନକଲି ପାସ୍‌ପୋର୍ଟ ପ୍ରସ୍ତୁତ କରାଯାଉଥିଲା ବୋଲି ଇଡି ତରଫରୁ କୁହାଯାଇଛି। ଏହିକ୍ରମରେ ଇଡି ନିକଟରେ ପଶ୍ଚିମବଙ୍ଗର ନଦିଆ ଜିଲ୍ଲାରେ ନକଲି ପାସ୍‌ପୋର୍ଟ ର୍‍ୟାକେଟ ଚଳାଉଥିବା ଜଣେ ସଂଦୀଗ୍ଧ ସଂଚାଳକକୁ ଗରିଫ କରିଥିଲା।

# ପଡ଼ିରହିଛି ୯ ଲକ୍ଷ ଏକ୍‌ଜିକ୍ୟୁଟିଭ୍ ପିଟିସନ୍; ସୁପ୍ରିମକୋର୍ଟ କ୍ଷୁବ୍ଧ

**ନୂଆଦିଲ୍ଲୀ, ୧୯ ।୧୦ (ଏଜେନ୍ସି):** ସାରା ଦେଶରେ ୮.୮୨ ଲକ୍ଷରୁ ଉର୍ଦ୍ଧ୍ୱ ଏକ୍‌ଜିକ୍ୟୁଟିଭ୍ ପିଟିସନ୍ ପଡିରହିଛି। ସୁପ୍ରିମକୋର୍ଟ ଏ ନେଇ ଅସନ୍ତୋଷ ଜାହିର କରିବା ସହ ଏହାକୁ ଅତ୍ୟନ୍ତ ନୈରାଶ୍ୟଜନକ ବୋଲି କହିଛି। କୋର୍ଟଙ୍କ ଆଦେଶକୁ ଲାଗୁ କରିବା ପାଇଁ ଦାଖଲ କରାଯାଉଥିବା ପିଟିସନକୁ ଏକ୍‌ଜିକ୍ୟୁଟିଭ୍ ପିଟିସନ୍ କୁହାଯାଇଥାଏ। ଦେଶରେ ଏଭଳି ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ବୋଲି ଜଷ୍ଟିସ୍ ଜେବି ପରଦିୱାଲା ଓ ଜଷ୍ଟିସ ପଙ୍କଜ ମିତ୍ତଲଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

ଯଦି କୌଣସି ସିଭିଲ ବିବାଦରେ କୋର୍ଟ ଆଦେଶ ଦେଇଥାନ୍ତି ଓ ହାରିଥିବା ବ୍ୟକ୍ତି ତାହାକୁ ମାନିବାକୁ ମନା କରିଥାନ୍ତି, ସେତେବେଳେ ନିର୍ଦ୍ଦେଶକୁ ଲାଗୁ କରିବା ପାଇଁ ବିଜେତା ପକ୍ଷ କୋର୍ଟରେ ଏଭଳି ଆବେଦନ ଦାଏର କରିଥାନ୍ତି। ମୋଟ ଉପରେ କୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରି କରିବାକୁ ଏହି ପ୍ରକ୍ରିୟାର ଅଲମ୍ବନ କରାଯାଇଥାଏ। ଯଦି କୋର୍ଟଙ୍କ ଆଦେଶକୁ ବର୍ଷ ବର୍ଷ ଧରି ଲାଗୁ କରା ନଯାଏ, ତେବେ ଏଭଳି ରାୟ ବା ନିର୍ଦ୍ଦେଶର କୌଣସି ଅର୍ଥନାହିଁ ଓ ଏହା ନ୍ୟାୟ ବ୍ୟବସ୍ଥା ପ୍ରତି ଉପହାସ ସୃଷ୍ଟି କରୁଛି ବୋଲି ଏହି ଖଣ୍ଡପୀଠ କହିଛନ୍ତି। ଏପର୍ଯ୍ୟନ୍ତ ଦେଶରେ ୮, ୮୨, ୫୭୮ଟି ଏକ୍‌ଜିକ୍ୟୁଟିଭ୍ ପିଟିସନ୍ ପଡିରହିଛି। ୨୦୨୪ ମାର୍ଚ୍ଚ ପର୍ଯ୍ୟନ୍ତ ୩.୩୮ ଲକ୍ଷ ମାମଲାର ସମାଧାନ ହୋଇଛି। ସବୁ ଜିଲ୍ଲା କୋର୍ଟଙ୍କୁ ସ୍ପଷ୍ଟ ଦିଶା ନିର୍ଦ୍ଦେଶ ଦେବା ପାଇଁ ସୁପ୍ରିମକୋର୍ଟ ହାଇକୋର୍ଟଙ୍କୁ କହିଛନ୍ତି।

**ମିଳିଲାନି ଟିକଟ୍**

# କାନ୍ଦି କାନ୍ଦି ଗଡ଼ିଲେ ନେତା

**ନୂଆଦିଲ୍ଲୀ, ୧୯।୧୦ (ଏଜେନ୍ସି):** ବିହାରରେ ପ୍ରଥମ ପର୍ଯ୍ୟାୟ ମତଦାନକୁ ମାତ୍ର ୧୮ ଦିନ ବାକି ରହିଛି। ସୋମବାର ପୂର୍ବରୁ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ପାଇଁ କଣ୍ଟ ରହିଛି। କିନ୍ତୁ ଏ ପର୍ଯ୍ୟନ୍ତ ବିରୋଧୀଙ୍କ ମହାମେଣ୍ଟ 'ଇଣ୍ଡିଆ'ରେ ଆସନ ବୁଝାମଣା ହୋଇପାରୁ ନାହିଁ। ଏହାକୁ ନେଇ କଂଗ୍ରେସ ଏବଂ ଆରଜେଡି ଭିତରେ ଟଣା ଓଟରା ଜାରି ରହିଛି। ତେବେ ଦୁଇ ଦଳ ଅଲଗା ଅଲଗା ଭାବେ ପ୍ରାର୍ଥିଙ୍କୁ ଟିକଟ ଦେଇଛନ୍ତି। ଲାଲୁ ପ୍ରସାଦ ଯାଦବଙ୍କ ଆରଜେଡି ରବିବାର ସକାଳେ ପ୍ରଥମ ତାଲିକା ଜାରି କରି ୪୮ ଜଣଙ୍କୁ ଟିକଟ ଦେଇଛି। ରାଧୋପୁରରୁ ବିଜେପି ପ୍ରାର୍ଥୀ ସତୀଶ ଯାଦବଙ୍କ ସହ ବିରୋଧୀ ଦଳ ନେତା ତେଜସ୍ୱୀ ମୁକାବିଲା କରିବେ। ୨୦୧୦ ନିର୍ବାଚନରେ ତେଜସ୍ୱୀଙ୍କ ମାଆ ରାବ୍‌ଡ଼ି ଦେବୀଙ୍କୁ ସତୀଶ ହରାଇ ଥିଲେ। ଏହି ତାଲିକାରେ ୨୨ ଯାଦବ, ୩ ମୁସଲିମ ଭୂମିହାର-ବ୍ରାହ୍ମଣ ସମାଜର ୩ ଜଣ ସାମିଲ ଅଛନ୍ତି। ତେବେ ଔରଙ୍ଗାବାଦର ତିନି ବିଧାୟକଙ୍କ ଟିକଟ କଟିଯାଇଥିବାରୁ ତାଙ୍କ ସମର୍ଥକ ହଙ୍ଗାମା କରିଛନ୍ତି। ଅନ୍ୟପଟେ ଟିକଟ ପାଇ ନ ଥିବା ଆରଜେଡି ନେତା ମଦନ ଶାହା ରବିବାର ସକାଳେ ରାବ୍‌ଡ଼ି ଦେବୀଙ୍କ ବାସଭବନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେ ନିଜ କୁର୍ତ୍ତା ଚିରି ରାସ୍ତାରେ ଗଡ଼ି ଗଡ଼ି ଏବଂ କାନ୍ଦି କାନ୍ଦି ନିଜ ଦୁଃଖ କହିଛନ୍ତି। ମଧୁବନ ଟିକଟ ଦେବା ପାଇଁ ସଞ୍ଜୟ ଯାଦବ ତାଙ୍କୁ ୨.୭୦ କୋଟି ଟଙ୍କା ମାଗିଥିଲେ ବୋଲି ଅଭିଯୋଗ କରିଛନ୍ତି।



ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 43 ◆ISSUE-114 ◆MONDAY ◆20 OCTOBER 2025 ◆PAGE-12 ◆₹ 6.00
◆ବର୍ଷ-୪୩ ◆ସଂଖ୍ୟା-୧୧୪ ◆ସୋମବାର ◆୨୦ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

# ଗର୍ଭଗୃହରେ ଖସୁଛି ଗୋଡ଼
## ଶୁଣୁନି ଶ୍ରୀମନ୍ଦିର ପ୍ରଶାସନ



■ ପୁରୀ, ୧୯।୧୦ (ସମିସ): ଶ୍ରୀମନ୍ଦିର ଗର୍ଭଗୃହରେ ଗୋଡ଼ ଖସୁଛି। ଫଳରେ ବିଭିନ୍ନ ସମୟରେ ସେବାୟତମାନେ ପଡ଼ି ଯାଉଛନ୍ତି। ଏନେଇ ମନ୍ଦିର ପ୍ରଶାସନକୁ ଅବଗତ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଶେଷରେ

### ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବରିଷ୍ଠ ସେବାୟତ

ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ବରିଷ୍ଠ ସେବାୟତ ଈପ୍‌ସିତ ପ୍ରତିହାରୀ। ସେ ଦର୍ଶାଇଛନ୍ତି ଯେ ଶ୍ରୀମନ୍ଦିର ଭିତରକାଠରୁ ରତ୍ନସିଂହାସନ ପର୍ଯ୍ୟନ୍ତ ଖସଡ଼ା ଦିନକୁ ଦିନ ବଢ଼ିଚାଲିଛି। ଫଳରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଶ୍ରୀମନ୍ଦିର ପ୍ରଶାସନ ଦୃଷ୍ଟିକୁ ଆଣିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଗତ ୧୩ତାରିଖରେ ମହାପ୍ରଭୁଙ୍କ ସେବା ଚାଲିଥିଲା। ପହୁଡ଼ ଆଳତି ବେଳେ ଏହି ଖସଡ଼ା ଯୋଗୁଁ ଜଣେ ସେବକଙ୍କ ଗୋଡ଼ ଖସିଯାଇଥିଲା। ସେ କଚାଡ଼ି ହୋଇ ତଳେ ପଡ଼ିଥିଲେ। ତାଙ୍କ ସହ ଧକ୍କା ହେବାରୁ ତାଙ୍କ ହାତରୁ ରୁପା ବଟା ଅନ୍ୟତ୍ର ଯାଇ ପଡ଼ିଥିଲା ବୋଲି କହିଛନ୍ତି ଈପ୍‌ସିତ। ସିଂହାସନଠାରୁ ଭିତରକାଠ ପର୍ଯ୍ୟନ୍ତ ଖସଡ଼ା ସଫା କରାଯାଉନାହିଁ, ଯେଉଁଥିପାଇଁ ଦୁର୍ଘଟଣା ଘଟୁଛି। ତେଣୁ, ଏ ଦିଗରେ ପଦକ୍ଷେପ ନେବା ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସେ ଅନୁରୋଧ କରିଛନ୍ତି।

### ଆଖି ଆଗରେ ଝିଅକୁ ଅସଦାଚରଣ
# ଯୁବକକୁ ପଥର ଛେଚି ମାରିଦେଲା ବାପା

■ ପରଜଙ୍ଗ, ୧୯ ।୧୦(ସମିସ): ଆଖି ଆଗରେ ଝିଅକୁ ଅସଦାଚରଣ କୋଉ ବାପ ବା ସହିବ। ମୁଣ୍ଡକୁ ପିତ୍ତ ଚଢ଼ିଗଲା; ବାଡ଼ିରେ ପିଟିପିଟି ଦରମରା କରିବା ସହ ପଥର ଛେଚି ମାରିଦେଲା। ପରେ ଫାଣ୍ଡିକୁ ଯାଇ ପୁଲିସ ନିକଟରେ ନିଜକୁ ସମର୍ପଣ କରିଦେଲା। ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅଞ୍ଚଳରେ ଆଜି ଏପରି ଏକ ଘଟଣା ଘଟିଛି। ମୃତକ ହେଲେ, ଦଦରାଘାଟି ଫାଣ୍ଡି ଆଖୁଆପାଳ ପଞ୍ଚାୟତ ୧ନଂ କଲୋନୀର କରୁଣାକର ବେହେରା। ପୁଲିସ କରୁଣାକରର ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ରୁପାକୁ ଅଧିକ ପଚରାଉଚରା କରୁଛି। ସୂଚନାନୁଯାୟୀ, କରୁଣାକର ଜେସିବି ମେସିନ ସହାୟକ ଭାବେ କାମ କରନ୍ତି। ଗତ ୩ ଦିନ ଧରି ସ୍ଥାନୀୟ ଅଞ୍ଚଳର ଏକ ଗାଁରେ ରହି କାମ କରୁଥିଲେ। ଶନିବାର ରାତିରେ କରୁଣାକର ରୁପା ପିଙ୍ଗୁଆଙ୍କ ଝିଅକୁ ଅସଦାଚରଣ କରୁଥିବା ବେଳେ ରୁପା ଏହା ଦେଖି ଉତ୍‌କ୍ଷିପ୍ତ ହୋଇପଡ଼ିଥିଲେ। ପଥର ଓ ବାଡ଼ିରେ କରୁଣାକରଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ କରୁଣାକରଙ୍କ ମୃତ୍ୟୁ ହୋଇଯାଇଥିଲା। ପରେ ମୃତଦେହ ଗାଁ ନିକଟ ଗମ୍ଭାରିଆ ନାଳ ନିକଟରେ ଫିଙ୍ଗିଦେଇ ରୁପା ଦଦରାଘାଟି ଫାଣ୍ଡିରେ ଆତ୍ମସମର୍ପଣ କରିଥିଲେ।

ତେବେ କରୁଣାକରଙ୍କ ବାପା କାଶୀନାଥ ଓ ଅନ୍ୟ ସମ୍ପର୍କୀୟମାନେ ଏହା ଏକ ସଂଘବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

# ୪୭୧ ପଞ୍ଚାୟତ କାର୍ଯ୍ୟାଳୟର ଭୂମି ପୂଜନ କଲେ ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୧୯।୧୦ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଲୋକସେବା ଭବନରେ ଆଭାସୀ ମାଧ୍ୟମରେ ରାଜ୍ୟରେ ୪୭୧ଟି ପଞ୍ଚାୟତ କାର୍ଯ୍ୟାଳୟର ଭୂମି ପୂଜନ ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରଥମ କିସ୍ତି ବଣ୍ଟନ କରିଛନ୍ତି। ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲା ବ୍ୟତୀତ ରାଜ୍ୟର ୨୮ଟି ଜିଲ୍ଲାରେ ୪୭୧ଟି ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର

- ■ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଥମ କିସ୍ତି ବଣ୍ଟନ
- ■ ୪୮,୬୯୩ ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ୪୦ ହଜାର ଟଙ୍କା ପ୍ରଦାନ

ସ୍ଥାପନ କରାଯିବା ସହ ୪୮,୬୯୩ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଥମ କିସ୍ତି ବାବଦରେ ୪୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ପଞ୍ଚାୟତଗୁଡ଼ିକୁ ଜନକଲ୍ୟାଣ ଓ ଲୋକସେବାର କେନ୍ଦ୍ର ଭାବେ ବିକଶିତ କରୁଛନ୍ତି। ପ୍ରତ୍ୟେକ ପଞ୍ଚାୟତ ଅଫିସ୍ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ୩୫ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଏହି ପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକରେ ସରପଞ୍ଚ, ପଞ୍ଚାୟତ ଏକ୍‌ଜିକ୍ୟୁଟିଭ୍ ଅଫିସର୍, ଜୁନିଅର ଇଞ୍ଜିନିୟର୍, ଗ୍ରାମ ରୋଜଗାର ସେବକ ଓ ଆକାଉଣ୍ଟାଣ୍ଟ କମ୍ ଡାଟାଏଣ୍ଟ୍ରି ଅପରେଟର୍‌ମାନଙ୍କ ପାଇଁ ସ୍ୱତନ୍ତ୍ର ରୁମ୍ ରହିବ। ପଞ୍ଚାୟତର ସମସ୍ତ ସେବା ଗୋଟିଏ ଜାଗାରେ ହିଁ ମିଳିବ। ଏହି କାର୍ଯ୍ୟାଳୟଗୁଡ଼ିକ ୱାନ୍-ଷ୍ଟପ୍-ସର୍ଭିସ୍ ସେଣ୍ଟର୍ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।



ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୨୦୨୪-୨୫ରୁ ୨୦୨୭-୨୮ ଆର୍ଥିକ ବର୍ଷ ମଧ୍ୟରେ ୭,୫୫୦ କୋଟି ଟଙ୍କା ବ୍ୟୟବରାଦ ରଖାଯାଇଛି। ଏଥିରେ ୫ଲକ୍ଷ ଘର ନିର୍ମାଣ କରାଯିବ। ନୂଆପଡ଼ା, କଳାହାଣ୍ଡି ଜିଲ୍ଲାକୁ ଛାଡ଼ି ବାକି ୨୮ଜିଲ୍ଲାର ୪୮ହଜାର ୬୯୩ ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ୪୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସମୁଦାୟ ୧୯୪ କୋଟି ୭୭ ଲକ୍ଷ ୨୦ହଜାର ଟଙ୍କା ବଣ୍ଟନ କରାଯାଇଛି। ହିତାଧିକାରୀମାନଙ୍କୁ ଦ୍ୱିତୀୟ କିସ୍ତିରେ ୬୫ ହଜାର ଏବଂ ତୃତୀୟ କିସ୍ତିରେ ୧୫ ହଜାର ଟଙ୍କା; ଏହିପରି ସମୁଦାୟ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯିବ ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଯେଉଁ ହିତାଧିକାରୀମାନେ ୪ ମାସ ମଧ୍ୟରେ ଘର ଶେଷ କରିବେ, ସେମାନଙ୍କୁ ୨୦ହଜାର ଟଙ୍କା ଏବଂ ଯେଉଁମାନେ ୬ ମାସରେ ଘର ଶେଷ କରିବେ, ସେମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଦିଆଯିବ। ସମସ୍ତ ହିତାଧିକାରୀଙ୍କୁ ଆଇଏପି ବା ସମନ୍ୱିତ କାର୍ଯ୍ୟ ଯୋଜନା ଜିଲ୍ଲାରେ ମନରେଗା କାର୍ଯ୍ୟକ୍ରମରେ ୯୫ ଦିନର ମଜୁରି ଏବଂ ଅଣ-ଆଇଏପି ଜିଲ୍ଲାରେ ୯୦ ଦିନର ମଜୁରି ମଧ୍ୟ ଦିଆଯାଉଛି। ଏହାସହ ହିତାଧିକାରୀଙ୍କୁ ଶୌଚାଳୟ, ପାଇପ ପାଣି ଆଦି ଅନ୍ୟାନ୍ୟ ମୌଳିକ ସୁବିଧା ମଧ୍ୟ ଦିଆଯାଉଛି। ଏହି ଅନ୍ତ୍ୟୋଦୟ ଗୃହ ଯୋଜନା ଗରିବ, ଅନଗ୍ରସର ତଥା ଅସହାୟ ପରିବାରମାନଙ୍କ ପାଇଁ ଏକ ସୁରକ୍ଷିତ ଓ ସ୍ଥାୟୀ ଆଶ୍ରୟସ୍ଥଳ ନିର୍ମାଣ କରିବାରେ ସହାୟକ ହେବ।

କାର୍ଯ୍ୟକ୍ରମରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ନିର୍ଦ୍ଦେଶକ ଭିନିତ ଭରଦ୍ୱାଜ ଏବଂ ଆଭାସୀ ମାଧ୍ୟମରେ ୨୮ଟି ଜିଲ୍ଲାରେ ମନ୍ତ୍ରୀ, ସାଂସଦ, ବିଧାୟକ, ପଞ୍ଚାୟତିରାଜ ପ୍ରତିନିଧିଙ୍କ ସମେତ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ।

# ବୃତ୍ତି ପାଉଥିବା ଛାତ୍ରୀଙ୍କୁ ମିଳିବ ନାହିଁ 'ସୁଭଦ୍ରା' ସହାୟତା

■ ଭୁବନେଶ୍ୱର, ୧୯ ।୧୦(ସମିସ): ବୃତ୍ତି ପାଉଥିବା ଛାତ୍ରୀମାନଙ୍କୁ ମିଳିବ ନାହିଁ 'ସୁଭଦ୍ରା' ସହାୟତା। ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଏଥିପାଇଁ ଆରମ୍ଭ କରିଛି ପ୍ରକ୍ରିୟା। ଯେଉଁ ଛାତ୍ରୀମାନେ ବାର୍ଷିକ ୧୮ ହଜାର ବା ତଦୁର୍ଦ୍ଧ୍ୱ ବୃତ୍ତି ପାଉଛନ୍ତି, ସେମାନଙ୍କ ସମ୍ପର୍କରେ ତଥ୍ୟ ଦେବାକୁ ବିଭାଗ ପକ୍ଷରୁ ଅନୁସୂଚୀତ ଜାତି, ଜନଜାତି ଓ ପଛୁଆ ବର୍ଗ ବିଭାଗକୁ ଚିଠି ଲେଖାଯାଇଛି। ଫଳରେ ରାଜ୍ୟର ବିଭିନ୍ନ ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ଶିକ୍ଷାଲାଭ କରୁଥିବା ୨୧ ବର୍ଷରୁ ଉର୍ଦ୍ଧ୍ୱ ଅନୁସୂଚୀତ ଜାତି ଓ ଜନଜାତିର ୧୦ ହଜାର ଛାତ୍ରୀଙ୍କ ସହ ଅନ୍ୟାନ୍ୟ ବର୍ଗର ମୋଟ ୫୦ ହଜାର ଛାତ୍ରୀ ସୁଭଦ୍ରା ସହାୟତାରୁ ବଞ୍ଚିତ ହେବା ନିଶ୍ଚିତ ହୋଇ ଯାଇଛି। ରାଜ୍ୟରେ ୨୧ରୁ ୬୦ ବର୍ଷର ମହିଳାଙ୍କୁ ସୁଭଦ୍ରା ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ମାତ୍ର ଯେଉଁ ଛାତ୍ରୀମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାରେ ବାର୍ଷିକ ୧୮ ହଜାର ବା ତଦୁର୍ଦ୍ଧ୍ୱ ଆର୍ଥିକ ସହାୟତା ପାଉଥିବେ ସେମାନଙ୍କୁ ସୁଭଦ୍ରା ଯୋଜନାରୁ ବାଦ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ଏ ସଂକ୍ରାନ୍ତରେ ବିଭାଗ ନିକଟରେ ଅନେକ ଅଭିଯୋଗ ପହଞ୍ଚିଥିବାରୁ ସମ୍ପୃକ୍ତ ଛାତ୍ରୀମାନଙ୍କୁ ଆଉ ସୁଭଦ୍ରା ସହାୟତା ନ ଦେବାକୁ ମହିଳା ଓ ଶିଶୁ ବିକାଶ ବିଭାଗ ଆପାତତଃ ନିଷ୍ପତ୍ତି ନେଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏଣୁ ବର୍ଷକୁ ୧୮ ହଜାରରୁ ଅଧିକ ଟଙ୍କା ଛାତ୍ରବୃତ୍ତି ପାଉଥିବା ୨୧ ବର୍ଷରୁ ଅଧିକ ବୟସର ଛାତ୍ରୀମାନଙ୍କ ତଥ୍ୟ ପ୍ରଦାନ କରିବାକୁ କୁହାଯାଇଛି। ୨୦୨୩-୨୪ ଏବଂ ୨୦୨୪-୨୫ ଆର୍ଥିକ ବର୍ଷର ଏହି ତଥ୍ୟ ଯଥାଶୀଘ୍ର ପ୍ରଦାନ କରିବା ପାଇଁ ମହିଳା ଓ ଶିଶୁ ବିକଶ ବିଭାଗ ପକ୍ଷରୁ ଚିଠିରେ ଉଲ୍ଲେଖ କରାଯାଇଛି।

ଏଠାରେ ସୂଚନାଯୋଗ୍ୟ ଯେ ଗତ ନିର୍ବାଚନ ସମୟରେ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ସୁଭଦ୍ରା ସହାୟତା ବାବଦରେ ୨ ବର୍ଷରେ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ବିଜେପି ନିଜ ନିର୍ବାଚନୀ ସଂକଳ୍ପରେ ଉଲ୍ଲେଖ କରିଥିଲା। ଦଳର ନେତାମାନେ ମଧ୍ୟ ଏହା ଘୋଷଣା କରିଥିଲେ; ମାତ୍ର ରାଜ୍ୟରେ କ୍ଷମତାକୁ ଆସିବା ପରେ ସରକାର ଏଥିରେ ବର୍ଗୀକରଣ କରିବା ସହ ବର୍ଷକୁ ୨ଟି କିସ୍ତିରେ ୫ ହଜାର ଟଙ୍କା ଲେଖାଏଁ କରି ୫ ବର୍ଷରେ ୫୦ ହଜାର ଟଙ୍କା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି।

ଏପରିକି ପ୍ରଥମ ପର୍ଯ୍ୟାୟରେ ସୁଭଦ୍ରା ସହାୟତା ପାଇଥିବା ଅନେକ ମହିଳା ଦ୍ୱିତୀୟ ପର୍ଯ୍ୟାୟରେ ଏଥିରୁ ବଞ୍ଚିତ ହୋଇଛନ୍ତି। କିଛି ସ୍ଥାନରେ ରାଜନୈତିକ ଉଦ୍ଦେଶ୍ୟ ରଖି ଅନେକ ମହିଳାଙ୍କୁ ଏଥିରୁ ବାଦ ଦେଇଥିବାବେଳେ ଏବେ ବୃତ୍ତି ପାଉଥିବା ଛାତ୍ରୀମାନଙ୍କୁ ଏଥିରୁ ବଞ୍ଚିତ କରିବାକୁ ସରକାର ଯୋଜନା କରିଛନ୍ତି।

### ବହୁ ଗହୀରକୁ ଲମ୍ବିଛି ସେକ୍ସ ରାକେଟ ଚେର
# ଘର ତାଲା ଭାଙ୍ଗି ଫୋରେନ୍‌ସିକ୍ ଟିମ୍‌ର ଯାଞ୍ଚ

■ ଭୁବନେଶ୍ୱର,୧୯।୧୦(ସମିସ): ରାଜଧାନୀରେ ଦିନକ ତଳେ ଠାବ ହୋଇଥିବା ସେକ୍ସ ରାକେଟ୍ ସମ୍ପର୍କରେ ତଦନ୍ତକୁ ତ୍ୱରାନ୍ୱିତ କରିଛି ପୁଲିସ। ତାଲା ପଡିଥିବାରୁ ପୁଲିସ ଆଜି ଘର ତାଲା ଭାଙ୍ଗି ଯାଞ୍ଚ ଆରମ୍ଭ କରିଛି। ସେହିପରି ଫୋରେନସିକ୍ ଟିମ୍ ମଧ୍ୟ ଉକ୍ତ ଘରେ ଅନୁସନ୍ଧାନ କରିବା ସହ ଏକାଧିକ ନମୁନା ସଂଗ୍ରହ କରିଛି। ଦୁଷ୍କର୍ମ ପୀଡ଼ିତା ନାବାଳିକାଙ୍କ ଘରର ଠିକଣା ଖୋଜିବା ସହ ବିଭିନ୍ନ ସୂତ୍ରକୁ ପୁଲିସ ଅନୁଧ୍ୟାନ କରିଛି।

ଗତ ୧୬ ତାରିଖ ରାତିରେ ଜଣେ ମହିଳା ଏକ ଅଟୋରେ ଜଣେ ନାବାଳିକାଙ୍କୁ ଆଣି କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରିଥିଲେ। ତାଙ୍କ ଜନନେନ୍ଦ୍ରୀୟରୁ ପ୍ରବଳ ରକ୍ତସ୍ରାବ

### ଦୁଷ୍କର୍ମ ପୀଡ଼ିତାଙ୍କୁ ଭେଟିଲେ ମହିଳା କମିଶନ

ହେଉଥିବାରୁ ଗଣଦୁଷ୍କର୍ମ ସନ୍ଦେହରେ ଡ୍ୟୁଟିରେ ଥିବା ଡାକ୍ତର ନାବାଳିକାଙ୍କ ସାଙ୍ଗରେ ଥିବା ମହିଳାଙ୍କୁ ପଚରାଉଚରା କରିଥିଲେ। ମାତ୍ର ମହିଳାଜଣକ ଚତୁରତାର ସହ ସେଠାରୁ ଚମ୍ପଟ ମାରିଥିଲେ। ତେଣୁ ଡାକ୍ତର ତୁରନ୍ତ କ୍ୟାପିଟାଲ୍ ହସ୍ପିଟାଲ୍ ଫାଣ୍ଡିକୁ ଏମ୍‌ଏଲ୍ସି(ମେଡିକୋ ଲିଗାଲ୍ କେସ୍) ରିପୋର୍ଟ ଦେଇଥିଲେ। ସେପଟେ ନାବାଳିକାଙ୍କ ଅବସ୍ଥା ବିଗିଡ଼ିବା ଦେଖି ଡାକ୍ତର ତାଙ୍କୁ ଆଇସିୟୁକୁ ସ୍ଥାନାନ୍ତର କରିଥିଲେ। କ୍ୟାପିଟାଲ୍ ଥାନା ପୁଲିସ ପହଞ୍ଚି ସିସିଟିଭି ଯାଞ୍ଚ କରିଥିଲା। ସିସିଟିଭି ଫୁଟେଜରୁ ମହିଳାଜଣକ ଏକ ଅଟୋ ଯୋଗେ ପଳାଇଥିବା ଜଣାପଡ଼ିଥିଲା। ପୁଲିସ ଅଟୋ ନମ୍ବରକୁ ପିଛା କରିଥିଲା ଏବଂ ଗତକାଲି ରାତିରେ ତାକୁ ଠାବ କରିବା ପରେ ସେ ମହିଳାଙ୍କ ସମ୍ପର୍କରେ ସୂଚନା ଦେଇଥିଲା। ଅନ୍‌ଲାଇନରେ ଯାତ୍ରୀ ସେବା ଯୋଗାଉଥିବା ଅଟୋଚାଳକଙ୍କ ସୂଚନାନୁସାରେ ମହିଳାଜଣକ ଲକ୍ଷ୍ମୀସାଗରରୁ ବୁକିଂ କରିଥିଲେ ବୋଲି ଜଣାପଡ଼ିଥିଲା। ତେଣୁ ପୁଲିସ ବୁକିଂ କରାଯାଇଥିବା ମୋବାଇଲ୍ ନମ୍ବରକୁ ଟ୍ରାକ୍ କରି ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଚାଲିଥିବା ସେକ୍ସ ରାକେଟ୍‌ରେ ଚଢଉ କରିଥିଲା। ଚଢଉରେ ୩ଜଣ ନାବାଳିକା ସହ ୪ଜଣଙ୍କୁ ଗିରଫ କରିଥିଲା ପୁଲିସ।

ଏହି ଘଟଣା ପଛରେ ଆନ୍ତଃରାଜ୍ୟ ସେକ୍ସ ରାକେଟ୍‌ର ସଂପୃକ୍ତି ଥିବା ପୁଲିସ ସନ୍ଦେହ କରୁଛି। ତେଣୁ ଘଟଣାରେ ସମ୍ପୃକ୍ତ ଦୁଇ ମହିଳାଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବ ବୋଲି ପୁଲିସ ସୂଚନା ଦେଇଛି। କେବଳ ଏହି ଗୋଟିଏ ରାକେଟ୍ ନୁହେଁ ରାଜଧାନୀରେ ଏହିଭଳି ଏକାଧିକ ବାହାର ରାଜ୍ୟର ନାବାଳିକାଙ୍କୁ ସେକ୍ସ ରାକେଟରେ ବ୍ୟବହାର କରାଯାଉଛି। ଅନ୍ୟପକ୍ଷରେ ମହିଳା କମିଶନ ଶୋଭନା ମହାନ୍ତ ମଧ୍ୟ ସେକ୍ସ ରାକେଟ ଠାବ ହୋଇଥିବା ଘର ଏବଂ



ଲକ୍ଷ୍ମୀସାଗର ଥାନା ଯାଇ ଅନୁର୍ଦ୍ଧାନ କରିଛନ୍ତି। ଏହି ଘଟଣାରେ ଅନ୍ୟତମ ଅଂଶୀଦାର କୁହାଯାଉଥିବା ବାରିକ ବାବୁ ଓ ମଞ୍ଜୁ ସେଠୀଙ୍କ ହ୍ୱାଇଁ ଫେରାର ଥିବା କୁହାଯାଉଛି। ତେଣୁ ସେହି ବାରିକ ବାବୁ କିଏ, ତାଙ୍କର ପରିଚୟ କ'ଣ ଓ ସେ କାହା ପାଇଁ ଅନ୍ୟ ରାଜ୍ୟରୁ ଝିଅମାନଙ୍କୁ ଆମଦାନୀ କରୁଥିଲେ ତାହାର ଅନୁସନ୍ଧାନ ଚାଲିଛି।

ଅନ୍ୟପଟରେ ଏହି ମାମଲାରେ ପୀଡ଼ିତାଙ୍କୁ ଆଜି ଅପରାହ୍ନରେ ମହିଳା କମିସନର ସଦସ୍ୟ ଉର୍ମିଳା ମହାପାତ୍ର ଭେଟିଛନ୍ତି। ସମ୍ପୃକ୍ତ ନାବାଳିକାଙ୍କୁ ଭେଟିବା ପରେ ସେ କହିଛନ୍ତି ଯେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପୂର୍ବ ଅପେକ୍ଷା ସୁଧାର ଆସିଛି। ହସ୍ପିଟାଲରୁ ସେ କେବେ ଡ଼ିସଚାର୍ଜ ହେବେ ତାହା ଡାକ୍ତର କହିବେ। ଘଟଣା ସମ୍ପର୍କରେ ଥାନା ଅଧିକାରୀ ଏବଂ ତଦନ୍ତ ଅଧିକାରୀଙ୍କ ସହ ଆଲୋଚନା କରିଛୁ। ଏହି ଘଟଣା ପଛରେ କେଉଁ ରାକେଟ ରହିଛି ତାହା ନିଶ୍ଚୟ ଜଣାପଡ଼ିବ। ଦୋଷୀ ନିଶ୍ଚୟ ଦଣ୍ଡ ପାଇବ।

DADLS-58

ସତ୍ୟମେବ ଜୟତେ



ପବିତ୍ର ଦୀପାବଳି-୨୦୨୫ ଉପଲକ୍ଷେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଦୀପାବଳି ପର୍ବ ଆମ ସମୃଦ୍ଧ ସାଂସ୍କୃତିକ ଅସ୍ମିତା ଓ ଆଧ୍ୟାତ୍ମିକତାର ପ୍ରମୁଖ ଅଂଶ ଓ ଅଙ୍ଗ। ଐତିହ୍ୟର ଆବାହନ ଓ ଭବିଷ୍ୟତର ପଥ ନିର୍ମାଣର ମହାନ ଅବସର।

ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି।

(ହରି ବାବୁ କମ୍ଭମ୍‌ପାଟି)

OIPR-15001/13/1235/2526

DADLS-58



ପବିତ୍ର ଦୀପାବଳି ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶୁଭ ଦୀପାବଳି

ଆଲୋକର ପର୍ବ ଦୀପାବଳି ଅବସରରେ ରାଜ୍ୟବାସୀ ଭାଇଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ। ଆଲୋକର ଉପସ୍ଥିତି ଅନ୍ଧକାରକୁ ଅପସାରିତ କରିଥାଏ। ଜ୍ଞାନର ଆଲୋକ ମନୁଷ୍ୟକୁ ଅଜ୍ଞାନର ଅନ୍ଧକାର ଭିତରୁ ଉଦ୍ଧାର କରିଥାଏ। ଜ୍ଞାନାଲୋକ ହିଁ ସତ୍ୟ, ଧର୍ମ, ନ୍ୟାୟ ଓ ସମୃଦ୍ଧିର ପ୍ରତୀକ।

ପବିତ୍ର ଦୀପାବଳି ସମସ୍ତଙ୍କ ଜୀବନରେ ଜ୍ଞାନର ଆଲୋକ ଭରିଦେଇ ସୁଖ, ଶାନ୍ତି ଓ ସମୃଦ୍ଧି ଆଣୁ, ଏହା ହିଁ ମା'ଙ୍କ ନିକଟରେ ପ୍ରାର୍ଥନା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/1239/2526

## ଦୀପାବଳି ପୂର୍ବରୁ ବର୍ଷା

# ବାଣ ଦୋକାନୀଙ୍କ ମୁଣ୍ଡରେ ଚଡ଼କ



**ଭଞ୍ଜନଗର, ୧୯ ।୧୦(ସମିସ)**

ଦିନକ ପରେ ଆଲୋକର ପର୍ବ ଦୀପାବଳି। କାଳୀପୂଜା ଓ ଦୀପାବଳିକୁ ନେଇ ଗାଁ ଠାରୁ ସହର ଚଳଚଞ୍ଚଳ। ଏହି ପର୍ବ ପାଳନକୁ ନେଇ ଛୋଟ ପିଲାଙ୍କ ଠାରୁ ଯୁବଗୋଷ୍ଠୀ ଆଗ୍ରହର ସହିତ ଅପେକ୍ଷା କରିରହିଛନ୍ତି। ଏଥି ନିମନ୍ତେ ପ୍ରସ୍ତୁତି ମଧ୍ୟ ଚାରିଆଡ଼େ ଆରମ୍ଭ ହୋଇଯାଇଛି। ଏହି ପର୍ବରେ ସମସ୍ତେ ନିଜ ଘରକୁ ବିଭିନ୍ନ ରଙ୍ଗ ବେରଙ୍ଗର ଆଲୋକମାଳାରେ ସଜ୍ଜିତ କରିବା ସହ ଭଳିକି ଭଳି ଆତସବାଜି କିଣିବା ପାଇଁ ଦୋକାନରେ ଭିଡ଼ ଜମେଇଲେଣି। ପ୍ରଶାସନ ପକ୍ଷରୁ ଭଞ୍ଜନଗର ଜେଲ୍ ପଡ଼ିଆରେ କେତେକ ଅସ୍ଥାୟୀ ବାଣ ଦୋକାନ ଖୋଲିବାକୁ ଅନୁମତି ଦିଆଯାଇଛି। କୌଣସି ଅଘଟଣକୁ ଆଶଙ୍କା କରି ସୁରକ୍ଷା ଦୃଷ୍ଟିରୁ ବ୍ୟବସାୟୀମାନେ ମଧ୍ୟ ସତର୍କତା ଅବଲମ୍ବନ କରି ନିଜ ନିଜର ଦୋକାନ ଖୋଲିଛନ୍ତି। ଏହି ୩ଦିନ ମଧ୍ୟରେ ଭଲ ଦୁଇ ପଇସା ଲାଭ ଆଶାରେ ବ୍ୟବସାୟୀ ଲକ୍ଷ ଲକ୍ଷ ଟଙ୍କାର ଆତସବାଜି ଆଣି ଦୋକାନରେ ଗଚ୍ଛିତ ରଖିଥିବା ବେଳେ ରବିବାର ମଧ୍ୟାହ୍ନରେ ଭଞ୍ଜନଗର ସମେତ ଆଖପାଖ ଅଞ୍ଚଳରେ ପାଣିପାଗରେ ପରିବର୍ତ୍ତନ ଘଟି ହାଠାତ୍ ମେଘ ପବନ ଆସି ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇଥିଲା। ଯାହାକୁ ନେଇ ବ୍ୟବସାୟୀମାନେ ହଇରାଣ ହରକତ ହୋଇଥିବା ବେଳେ ଗ୍ରାହକମାନେ ମଧ୍ୟ ନିରାଶ ହୋଇଛନ୍ତି। ଆସନ୍ତା କାଲି ପର୍ଯ୍ୟନ୍ତ ଯଦି ଏଭଳି ପାଗ ଲାଗିରହେ ତାହେଲେ ବ୍ୟବସାୟୀମାନେ କ୍ଷତି ସହିବା ନିଶ୍ଚିତ ଥିବା ବେଳେ ଦୀପାବଳି ମଧ୍ୟ ଫିକା ପଡ଼ିବ ବୋଲି ଆଶା କରାଯାଉଛି।

# ୩୬୦ ଜଣଙ୍କୁ ମିଳିଲା ବାଣ ଲାଇସେନ୍ସ

## ● ରାତ୍ର ୯ଟା ପରେ ବାଣ ଫୁଟାଇଲେ କାର୍ଯ୍ୟାନୁଷ୍ଠାନ

**ଛତ୍ରପୁର, ୧୯।୧୦(ସମିସ):** ଶାନ୍ତିଶୃଙ୍ଖଳାରେ ଦୀପାବଳି ପାଳନ ଲାଗି ସମସ୍ତ ଥାନା ଅଧିକାରୀମାନଙ୍କୁ ସଜାଗ ରହିବାକୁ ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ବାଣ ଫୁଟେଇବାକୁ ରାତି ୭ରୁ ୯ ପ୍ରର୍ଯ୍ୟନ୍ତ ଅନୁମତି ରହିଛି। ବାଣ ବିକ୍ରି ପାଇଁ ୪୩୮ ଜଣବ୍ୟବସାୟ ମାନେ ଆବେଦନ କରିଥିବା ବେଳେ ମୋଟ ୩୬୦ ଜଣଙ୍କୁ ହିଁ ଅନୁମତି ମିଳିଥିବା ସୂଚନା ମିଳିଛି। ଏହାପରେ ଯେଉଁମାନେ ଗାଇଡ୍‌ଲାଇନ ନମାନି ୯ଟା ପରେ ବାଣ ଫୁଟାଇବେ ସେମାନଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେବ। ସବୁଜ ବାଣ ଫୁଟାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ଏପରିକି ବାଣ ଦୋକାନୀ ମଧ୍ୟ ସବୁଜ ବାଣ ବିକ୍ରି କରିବାକୁ ଲାଇସେନ୍ସ ପ୍ରଦାନ କରିଛି ପ୍ରଶାସନ। ବାଣ ଦୋକାନୀ ଗାଇଡ ଲାଇନ ଅନୁସାରେ ଅସ୍ଥାୟୀ ଦୋକାନ ଖୋଲିବା ସହ ସେଠାରେ ଯେପରି ଅଗ୍ନିନିରାପତ୍ତା ବ୍ୟବସ୍ଥା ରଖିଥିବେ। ଜିଲ୍ଲାରେ ଯେଉଁ ସବୁ ବ୍ୟବସାୟୀମାନଙ୍କୁ ବାଣ ବିକ୍ରି ପାଇଁ ଅନୁମତି ମିଳିଛି ସେଠାରେ ମଧ୍ୟ ପୁଲିସ ଯାଞ୍ଚ କରିବ ଏବଂ ବେନିୟମ ଭାବେ ବାଣ ବିକ୍ରି କରିଲେ ତରନ୍ତ ଦୋକନୀ ସିଜ କରାଯିବ ବୋଲି ଏସପି ଶ୍ରୀ ପାତ୍ର ସୂଚନା ଦେଇଛନ୍ତି।

## ସର୍ଟସର୍କିଟରୁ ଅଗ୍ନିକାଣ୍ଡ

# ଲକ୍ଷାଧିକ ଟଙ୍କାର ବାଣ ଜଳିଗଲା



**ରମ୍ଭା/ହୁମ୍ମା, ୧୯ ।୧୦(ସମିସ):** ଦୀପାବଳି ପୂର୍ବରୁ ରମ୍ଭା ସହରରେ ବାଣ ଦୋକାନରେ ନିଆଁ ଲାଗିଛି। ଅଗ୍ନିକାଣ୍ଡ ଫଳରେ ୩ଟି ବାଣ ଦୋକାନରୁ ଲକ୍ଷାଧିକ ଟଙ୍କାର ବାଣ ଜଳି ଯାଇଛି। କିନ୍ତୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଲୋକେ।

ରବିବାର ଅପରାହ୍ନରେ ରମ୍ଭା ସହର ସ୍ଥିତ ଧୋବାସାହି ପୋଖରୀ ନିକଟରେ ଥିବା ଲାଇସେନ୍ସପ୍ରାପ୍ତ ବାଣ ଦୋକାନରେ ସର୍ଟସର୍କିଟ କାରଣରୁ ନିଆଁ ଲାଗି ଯାଇଥିଲା।। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅନ୍ୟପଟେ ରମ୍ଭା ସହରରେ ପ୍ରବଳ ବର୍ଷା ଯୋଗୁଁ ନିଆଁ ଆୟତ୍ତରେ ସହାୟକ ହୋଇଥିଲା। ରମ୍ଭା ସହର ପାଇଁ ୫ଟି ବାଣ ଦୋକାନକୁ ଲାଇସେନ୍ସ ମିଳିଥିଲା। ସୁରକ୍ଷା ଦୃଷ୍ଟିରୁ ପୁଲିସ ପକ୍ଷରୁ ଧୋବାସାହୀ ପୋଖରୀ ନିକଟରେ ବାଣ ଦୋକାନ କରିବାକୁ ଅନୁମତି ମିଳିଥିଲା। କିନ୍ତୁ ବାଣ ଦୋକାନର ସୁରକ୍ଷା ପ୍ରତି ଅବହେଳା କରାଯାଇଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳକୁ ପୁଲିସ ଯାଇ ତଦନ୍ତ ଆରମ୍ଭ କରିଛି। ଜଳି ଯାଇଥିବା ବାଣ ଦୋକାନର ମାଲିକ ରତ୍ନାକର ବେହେରା ବୋଲି ଜଣାପଡ଼ିଛି। ଅନ୍ୟପଟେ ଅନ୍ୟ ଲାଇସେନ୍ସପ୍ରାପ୍ତ ବାଣ ଦୋକାନରେ ସୁରକ୍ଷା ପ୍ରତି ପ୍ରଶାସନ ଦୃଷ୍ଟି ଦେବା ସହ ବେଆଇନ ବାଣ ଦୋକାନରେ ଚଡ଼ଉ କରିବା ପାଇଁ ସହରବାସୀ ଦାବି କରିଛନ୍ତି।

# ଦୁର୍ଘଟଣାରେ ଜଣେ ମୃତ

**ହୁମ୍ମା, ୧୯ ।୧୦(ସମିସ):** ହୁମ୍ମା ୧୬ନଂ. ଜାତୀୟ ରାଜପଥ ଖଜୁରିଆପଲ୍ଲୀ ଛକରେ ପିକ୍‌ଅପ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଗଞ୍ଜାମ ଜିଲ୍ଲା କେ.ନୂଆଗାଁ ଥାନା ଅନ୍ତର୍ଗତ ନରେନ୍ଦ୍ର ବାଲି ଗ୍ରାମର ରାମଚନ୍ଦ୍ର ମହାରଣା। ରବିବାର ଅପରାହ୍ନରେ ରାମଚନ୍ଦ୍ର ହୁମ୍ମା ହାଟରୁ କିଛି ଜିନିଷ କିଣି ଖଜୁରିଆପଲ୍ଲୀ ଛକକୁ ବସ୍ ଧରିବାକୁ ଯିବାବେଳେ ଛକ ନିକଟରେ ଏକ ଦ୍ରୁତଗାମୀ ପିକ୍‌ଅପ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ହୁମ୍ମା ଫାଣ୍ଡି ଅଧିକାରୀ ସତ୍ୟ ବେଣିଆ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ଦୁର୍ଘଟଣା ଘଟାଇଥିବା ପିକଅପ ଭ୍ୟାନଟି ଘଟଣାସ୍ଥଳରୁ ଫେରାର ଥିବା ଜଣାପଡ଼ିଛି।

# ଅସହାୟଙ୍କ ଶବ ସତ୍କାର କଲା ଯୁବକ ସଂଘ

**ଛତ୍ରପୁର, ୧୯ ।୧୦(ସମିସ):** ଛତ୍ରପୁର ବ୍ଲକ ଅନ୍ତର୍ଗତ ବଡମାଧପୁର ଅଞ୍ଚଳରେ ଘଟିଥିବା ଏକ ଦୁର୍ଘଟଣାରେ ଜଣେ ଅସହାୟ ଅନୁସୂଚିତ ଜାତିର ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାର ଅତ୍ୟନ୍ତ ଦରିଦ୍ର ଶ୍ରେଣୀର ହୋଇଥିବାରୁ ଶବଦାହ ପାଇଁ ଆବଶ୍ୟକ ଥିବା ଖର୍ଚ୍ଚ ସେମାନଙ୍କ ପାଇଁ ଅସମ୍ଭବ ହୋଇଥିଲା। ଏହି ଦୁଃଖଦ ସମୟରେ ବଡ଼ମାଧପୁରର ଶ୍ୟାମାକାଳୀ ଯୁବକ ସଂଘ ଆଗକୁ ଆସି ମାନବତାର ଉଦାହରଣ ସୃଷ୍ଟି କରିଛନ୍ତି। ମୃତକ ହେଲେ ରାମ କେଳା। ସେ ରାସ୍ତାରେ ଯାଉଥିବା ବେଳେ ଏକ ସ୍କୁଟି ପଛପଟୁ ଧକ୍କା ଦେଇଥିଲା। ତାଙ୍କୁ ଛତ୍ରପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାର ଶବଦାହ ପାଇଁ ଅସହାୟତା ପ୍ରକାଶ କରିବାରୁ ଶ୍ୟାମାକାଳୀ ଯୁବକ ସଂଘର ସଭାପତି ଏସ. ଯୁଧିଷ୍ଠିର ରେଡ଼ି ଓ ସାଧାରଣ ସମ୍ପାଦକ ଶିବ ରଞ୍ଜନ ସାହୁ, ଟି. କିଶୋର ରେଡୀ, ମହେନ୍ଦ୍ର ଗୌଡ଼, ରଘୁନାଥ ବେହେରା, ଏସ.ସୁଶାନ୍ତ ରେଡି, ସୁଦର୍ଶନ ମହାରଣା, ସତ୍ୟନାରାୟଣ ରେଡ୍ଡୀ, ରଞ୍ଜିତ ରାଉଳ, ଗଜେନ୍ଦ୍ର ରେଡି, ଶିବରାମ ବେହେରା ସହିତ ସଂଘ ସଦସ୍ୟମାନେ ମୃତକଙ୍କ ଘରକୁ ଯାଇ ସହାନୁଭୂତି ଜଣାଇଲେ। ଘଟଣା ସମ୍ପର୍କରେ ରଘୁନାଥ ବେହେରା ଏକ ପ୍ରେସ ବିବୃତି ଯୋଗେ ସୂଚନା ଦେଇଛନ୍ତି।

# ଗଡ଼ିଲା ସାଇବର ସୁରକ୍ଷା ସଚେତନତା ରଥ



**ଛତ୍ରପୁର, ୧୯ ।୧୦(ସମିସ):** ସାଇବର ଅପରାଧରୁ ଲୋକମାନେ କିପରି ରକ୍ଷା ପାଇବେ ସେଥି ନିମନ୍ତେ ସଚେତନତା ଉପରେ ଗୁରୁତ୍ୱ ଦିଆଯାଉଛି। ଏନେଇ ରବିବାର ଛତ୍ରପୁର ଠାରୁ ସାଇବର ସୁରକ୍ଷା ଅଭିଯାନ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏହାକୁ ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। ଏହି ରଥ ଜିଲ୍ଲାର ପ୍ରତ୍ୟେକ ଥାନା ଅଞ୍ଚଳକୁ ଗସ୍ତ କରି ଭିଡିଓ /ଅଡିଓ ଜରିଆରେ ସଚେତନତା ବାର୍ତ୍ତା ପ୍ରଦାନ କରିବ। ଏହି ଅବସରରେ ଗଞ୍ଜାମ ପୁଲିସ ଜିଲ୍ଲାର ଅତିରିକ୍ତ ଏସପି ପ୍ରଶାନ୍ତ କୁମାର ଦାଶ, ସୀମା ସ୍ୱାଇଁ ଓ ଚିନ୍ମୟ କୁମାର ନାୟକ, ଛତ୍ରପୁର ଏସଡିପିଓ ଚନ୍ଦନ କୁମାର ଘଡ଼ାଇ, ଛତ୍ରପୁର ଥାନା ଅଧିକାରୀ ସାବ୍ୟସାଚି ମଲ୍ଲ, ଛତ୍ରପୁର ଏନଏସି ଉପାଧକ୍ଷ ଜି. ପାପା ରାଓ, କାଉନସିଲର ଦେବାଶିଷ ମିଶ୍ର, ପ୍ରୀତିଛନ୍ଦା ସାମଲ, ଡି. ଇନ୍ଦୁ, ବି. ନିଶ୍ଚଳା ସ୍ୱାମୀ, ମାମା ସେଠି ଓ ମମତା ପାତ୍ରଙ୍କ ସମେତ ବହୁ ମହିଳା ଏବଂ ଜନ ପ୍ରତିନିଧି, ପୁଲିସ ଅଧିକାରି ଉପସ୍ଥିତ ଥିଲେ।


# କନକଦୁର୍ଗା ଉଷାକୋଠି ପାଇଁ କଳସଯାତ୍ରା



**କବିସୂର୍ଯ୍ୟନଗର, ୧୯ ।୧୦(ସମିସ):** ସ୍ଥାନୀୟ କନକ ପାଟଣା ସାହିରେ ଉଷାକୋଠି ପର୍ବ ଗତ ଦଶହରାଠାରୁ ଶୁଭାରମ୍ଭ ହୋଇଯାଇଛି। ଶନିବାର ଦିନ ଗଜାମୁଗ ପକାଇବା ଉଦ୍ଦେଶ୍ୟରେ କନକ ପାଟଣା ସାହିବାସୀଙ୍କ ପକ୍ଷରୁ ୧୩ ଜଣ ଭକ୍ତ କଳସ ମୁଣ୍ଡାଇ ମେରୁ ପୋଖରୀ ନିକଟକୁ ବାହାରିଥିଲେ। ବାଦ୍ୟବାଜଣା ସହ ନଗର ପରିକ୍ରମା କରି ମେରୁ ପୋଖରୀ ନିକଟରେ ପହଞ୍ଚିଥିଲେ। ଆସନ୍ତା ୨୮ ତାରିଖରେ କନକପାଟଣା ଠାରେ ଗଣ୍ଡି ଗାହାଣି ଆରମ୍ଭ ହୋଇ ତା' ପରଦିନ ଭସାଣି କାର୍ଯ୍ୟ ଅନୁଷ୍ଠିତ ହେବ। ଗାହଣ ଗାୟକ ସୀମାଞ୍ଚଳ ନାହାକ, ଅଭିମନ୍ୟୁ ସ୍ୱାଇଁ, କାମରାଜୁ ପାତ୍ର ଓ ବିଶ୍ୱନାଥ ଶତପଥୀ ସହ ଯାତ୍ରା ଅଭିନେତା ଟୁଟୁ ବରାଳ ଯୋଗଦେବେ।


# ସାପ କାମୁଡ଼ାରେ ବୃଦ୍ଧା ମୃତ


**ବୁଗୁଡ଼ା, ୧୯ ।୧୦(ସମିସ):** ବୁଗୁଡ଼ା ଥାନା ଅନ୍ତର୍ଗତ ଖୋଲଖାଲି ଗ୍ରାମରେ ସାପ କାମୁଡ଼ାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଛାୟା ପ୍ରଧାନ (୭୫)। ସେ ଘରେ ବାସନ ମାଜୁଥିବାବେଳେ ଏକ ସାପ ତାଙ୍କ ହାତକୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ବୁଗୁଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

















# ଗଞ୍ଜାମରେ ନିର୍ଘୁମ୍ ବର୍ଷା; ବାଣ ବେପାର ମାନ୍ଦା





ବ୍ରହ୍ମପୁର,୧୯ ।୧୦(ସମିସ)

ଗଞ୍ଜାମ ଜିଲ୍ଲା ସମେତ ବ୍ରହ୍ମପୁର ସହରରେ ସୋମବାର ମଧ୍ୟାହ୍ନରୁ ନିର୍ଘୁମ୍ ବର୍ଷା ହୋଇଛି। ଫଳରେ ସହରର ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ଆଣ୍ଠୁଏ ଲେଖାଏଁ ପାଣି ପ୍ରବାହିତ ସହ ଜଳାର୍ଣ୍ଣବ ହୋଇପଡ଼ିଥିଲା ରେଶମ ସହର। ସେହିଭଳି ଗଞ୍ଜାମ ଜିଲ୍ଲାର ବହୁ ବ୍ଲକରେ ମଧ ବର୍ଷା ହୋଇଥିବା ବେଳେ ଦୀପାବଳୀ ଲାଗି ବାଣ ବେପାର ପୁରା

**ମଧ୍ୟାହ୍ନରେ ଛେଚିଲା; ସହର ଜଳାର୍ଣ୍ଣବ**

ମାନ୍ଦା ପଡ଼ିଯାଇଛି। ଏତେ ଜୋର୍‌ରେ ବର୍ଷା ହୋଇଥିଲା ଯେ, ଲୋକେ ବାହାରକୁ ବାହାରିବା ଅସମ୍ଭବ ହୋଇଥିଲା। ରାତି ପର୍ଯ୍ୟନ୍ତ ପାଗ ମେଘୁଆ ସହ ଝିପିଝିପି ବର୍ଷା ଲାଗି ରହିଥିଲା। ସୂଚନା ଅନୁସାରେ ଛତ୍ରପୁର ବ୍ଲକରେ ୯.୮ ମିଲି ମିଟର ବର୍ଷା ହୋଇଥିବା ବେଳେ ଗଞ୍ଜାମ ବ୍ଲକରେ ୩ମିଲିମିଟର ବର୍ଷା ହୋଇଛି। ସେହିଭଳି କବିସୂର୍ଯ୍ୟନଗରରେ ୨ମିମି, ଖଲ୍ଲିକୋଟରେ ୨୧ ମିମି, ହିଞ୍ଜିଳି ୫ମିମି, ରଙ୍ଗେଇଲୁଣ୍ଡା ୨୨ମିମି, କୁକୁଡ଼ାଖଣ୍ଡି ୩.୫ମିମି, ଚିକିଟି ବ୍ଲକରେ ୪୨ମିମି, ପାତ୍ରପୁର ବ୍ଲକରେ ୧୬.୪ମିମି, ଗୋପାଳପୁର ଏନଏସିରେ ୪ମିମି ଓ ବ୍ରହ୍ମପୁର ଗାନ୍ଧୀନଗର ପଏଣ୍ଟରେ ୨୩ଏବଂ ବ୍ରଜରାଜନଗରରେ ୨୩.୩ମିଲିମିଟର ବର୍ଷା ରେକଡର୍ ହୋଇଥିବା ସୂଚନା ମିଳିଛି।



## ଛତା ତଳେ ଗୁଜୁରାଣର ରାହା...

ସହରରେ ଦିନତମାମ ଝିପିଝିପି ବର୍ଷା ହୋଇଥିଲା। ଏଭଳି ବର୍ଷା ସରହର ବିଭିନ୍ନ ସ୍ଥାନରେ ରାସ୍ତା କଡ଼ରେ ବସି ଦୀପାବଳି ପାଇଁ ପୂଜା ସାମଗ୍ରୀ ବିକୁଥିବା ବ୍ୟବସାୟୀଙ୍କ କଷ୍ଟ ଦ୍ୱିଗୁଣ କରିଥିଲା। ସହର ଉପଖଣ୍ଡରୁ ଆସିଥିବା ବ୍ୟବସାୟୀମାନେ ବର୍ଷାରେ ଭିଜି ସାମଗ୍ରୀ ବିକୁଥିବା ଦେଖିବାକୁ ମିଳିଛି। ଦୀପାବଳି ପାଇଁ ଆଖୁ, କାଉଁରିଆ କାଠି, ଆମ୍ବପତ୍ର, ଦୂବ, ବରକୋଳି ପତ୍ର ଓ କଦଳିପତ୍ର ଭଳି ବିଭିନ୍ନ ପୂଜା ସାମଗ୍ରୀ ଆବଶ୍ୟକତା ରହିଥାଏ। ଏଭଳି ସାମଗ୍ରୀ ସହରରେ ମିଳିବା କଷ୍ଟକର। ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ଉପଖଣ୍ଡକୁ ବହୁ ଗ୍ରାମାଞ୍ଚଳ ବ୍ୟବସାୟୀ କିଛିଦିନ ପୂର୍ବେ ସହରକୁ ଆସି ରାସ୍ତା କଡ଼ରେ ପୂଜା ସାମଗ୍ରୀ ବିକ୍ରି କରିଥାନ୍ତି। ସହରର ଗିରି ମାର୍କେଟ, ସାନ ବଜାର, ବଡ଼ ବଜାର, କମାପଲ୍ଲୀ, କୋର୍ଟପେଟା ଓ ଇଂଜିନିୟରିଂ ସ୍କୁଲ ଛକ ଭଳି ବିଭିନ୍ନ ସ୍ଥାନରେ ବ୍ୟବସାୟୀମାନେ ଏଭଳି ଖରାବର୍ଷାରେ ବିକ୍ରି କରିଥିବା ଦେଖିବାକୁ ମିଳିଛି। ରବିବାର ନିର୍ଘୁମ୍ ବର୍ଷାରେ ସେମାନେ ଛତା ଧରି ତ କିଏ ଜଳିପାଲ ବାନ୍ଧି ଅତି ଦୟନୀୟ ଭାବେ ବିକୁଥିବା ଦେଖିବାକୁ ମିଳିଥିଲା।

## କଳିଙ୍ଗ ସାହିତ୍ୟ ସମାଜର 'ହେମନ୍ତ ମହୋତ୍ସବ'

ବ୍ରହ୍ମପୁର,୧୯ ।୧୦(ସମିସ): କଳିଙ୍ଗ ସାହିତ୍ୟ ସମାଜର ହେମନ୍ତ ମହୋତ୍ସବ ଉତ୍କଳ ଆଶ୍ରମ ଜାତୀୟ ଭବନରେ ଅନୁଷ୍ଠିତ ହୋଇଛି। ଏ ଅବସରରେ ଯୁବପିଢ଼ି ସମାବେଶ "ଅଳପ ସମୁଦ୍ର-ଅନେକ ଲହଡ଼ି' ଓ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। କଳିଙ୍ଗ ସାହିତ୍ୟ ସମାଜ ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ ଧନଞ୍ଜୟ ସ୍ୱାଇଁ ଏହି ମହୋତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦେଇ ସର୍ଜନଶୀଳ ଅନୁଚିନ୍ତା ଏବଂ କଥା-କବିତାର ପ୍ରାଣଧର୍ମ, ଶୈଳୀ ପ୍ରକରଣ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ରୂପେ ଗାଳ୍ପିକା ଡାକ୍ତର ମଞ୍ଜୁବାଳା ପଣ୍ଡା ତାଙ୍କ ବକ୍ତବ୍ୟରେ କ୍ଷୁଦ୍ରଗଳ୍ପ ରଚନା ନିମନ୍ତେ ମାନସିକ ପ୍ରସ୍ତୁତି, ଅନୁଭୂତ ସତ୍ୟ, ଅଙ୍ଗେନିଭା ଘଟଣା ଓ ଚାରିପାଖର ମଣିଷମାନଙ୍କ ଆର୍ତ୍ତି ଓ ବେଦନା ବିଷୟରେ ଆଲୋକପାତ କରିଥିଲେ। ହେମନ୍ତ ମହୋତ୍ସବ ଅବସରରେ ପ୍ରଶସ୍ତିପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ ପୂର୍ବକ ଡ. ମନୋରମା ବିଶ୍ୱାଳ ମହାପାତ୍ର, କବି ଧନଞ୍ଜୟ ସ୍ୱାଇଁ, ଗାଳ୍ପିକା ଡା. ମଞ୍ଜୁବାଳା ପଣ୍ଡା, ସ୍ତମ୍ଭକାର ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ୍), ବିଜ୍ଞାନ ଲେଖକ କିଶୋର ଚନ୍ଦ୍ର ମହାନ୍ତି, ଡ. ତ୍ରିପତି ମିଶ୍ର, ଅଶୋକ କୁମାର ବ୍ରହ୍ମା, ବୈରାଗୀ ଚରଣ ସାହୁ ପ୍ରଭୃତିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କଳିଙ୍ଗ ସାହିତ୍ୟ ସମାଜର ମୁଖପତ୍ର 'ସାହିତ୍ୟ'ର ଯୁବପିଢ଼ି ବିଶେଷାଙ୍କ ଏବଂ ଡ. ତାରାପ୍ରସାଦ ଦାଶଙ୍କ ଦ୍ୱାରା ଅନୂଦିତ ପ୍ରାଧ୍ୟାପକ କୈଳାସ



ନାଥ ସ୍ୱାଇଁ ଗଳ୍ପ ସଂକଳନ 'ଭଏସ୍ ଅଫ୍ ଆଗୋନି ଆଣ୍ଡ ଅଦର ଷ୍ଟୋରିଜ୍' ଅତିଥିମାନଙ୍କ କରକମଳରେ ଲୋକାର୍ପିତ ହୋଇଥିଲା। ଡ. କୁଳମଣି ଓଝାଙ୍କ ସଂଯୋଜନାରେ ସଂଚାଳିତ ଏହି ମହୋତ୍ସବରେ ସଂପାଦକ ଡ. ଶରତ କୁମାର ଜେନା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଉପ-ସଭାପତି ଡ. ବନମାଳୀ ପାଣିଗ୍ରାହୀ ପ୍ରାକ୍-ସୂଚନା ଓ ଡ. ହୃଷୀକେଶ ପଣ୍ଡା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଡ. ରମେଶ ଚନ୍ଦ୍ର ପ୍ରଧାନ, ଡ. ସଞ୍ଜୟ କୁମାର ପଣ୍ଡା, ଡ. ମନୋରଞ୍ଜନ ବିଷୋୟୀ, ଡ. ବନମାଳୀ ପାଣିଗ୍ରାହୀ ଦିନବନ୍ଧୁ ଶ୍ରୀପଲ୍ଲଓ, ନଳିନୀକାନ୍ତ ଗୌଡ଼ ପ୍ରମୁଖ ମାନପତ୍ର ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ଡ. କୃଷ୍ଣପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଅଧିବେଶନରେ ଡ. ପାଢୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। କବି ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟଅତିଥି ଓ ସୁଖ୍ୟାତ କବି ଅନୁପ କୁମାର ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ରତ୍ନାକର ସାୟ ଓ ଗୀତାରାଣୀ ବିଷୋୟୀଙ୍କ ସଂଯୋଜନାରେ ଅନୁଷ୍ଠିତ 'ଅଳପ ସମୁଦ୍ର-ଅନେକ ଲହଡ଼ି' ଶୀର୍ଷକ କବିତା ପାଠୋତ୍ସବରେ କବିତା ଆବୃତ୍ତି ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ସାହିତ୍ୟ ସମାଜର ଉପ-ସଭାପତି ଡ. ବନମାଳୀ ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ। ଡ. ଦିପୁନ୍ ପୁହାଣଙ୍କ ସଂଚାଳନାରେ ଅନୁଷ୍ଠିତ ଆଲୋଚନାଚକ୍ର ହୋଇଥିଲା।

## ଧର୍ମପ୍ରାଣାଙ୍କ ପରଲୋକ



ବ୍ରହ୍ମପୁର,୧୯ ।୧୦(ସମିସ): ବ୍ରହ୍ମପୁର ସହରର ଜଣାଶୁଣା ତଥା ଧର୍ମପ୍ରାଣା ମହିଳା ତଥା ବରିଷ୍ଠ ଆଇନଜୀବୀ, ସାମ୍ବାଦିକ ରବୀନ୍ଦ୍ର କୁମାର ସାହୁଙ୍କ ମାତା ବିଷ୍ଣୁପ୍ରିୟା ସାହୁଙ୍କ ଶନିବାର ରାତ୍ର ୮ଟା ୫୦ରେ ୮୧ବର୍ଷ ବୟସରେ ପରଲୋକ ଘଟିଛି। କିଛିଦିନ ଧରି ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁଖବର ପ୍ରଚାରିତ ପରେ ଚାରିଆଡ଼େ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ରବୀନ୍ଦ୍ରଙ୍କ ସମେତ ପୁଅ ସୁରେନ୍ଦ୍ର, ରାଜେନ୍ଦ୍ର, ଉପେନ୍ଦ୍ର, ଜିତେନ୍ଦ୍ର, ଧିରେନ୍ଦ୍ର ଝିଅ ଆଶାଲତା, ଶାନ୍ତିଲତା ଓ ନାତି ଶକ୍ତିଙ୍କ ସମେତ ୫ ବୋହୂ ଓ ନାତିନାତୁଣୀ ଉପସ୍ଥିତ ଥିଲେ।

## ଲାୟନ୍ସ କ୍ଲବ୍ ଅଫ୍ ବ୍ରହ୍ମପୁର ଗୋଲ୍ଡ ପକ୍ଷରୁ ସିପିଆର୍ ସଚେତନତା

ବ୍ରହ୍ମପୁର,୧୯ ।୧୦(ସମିସ): ଉମା ଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲରେ ଲାୟନ୍ସ କ୍ଲବ ଅଫ୍ ବ୍ରହ୍ମପୁର ଗୋଲ୍ଡ ପକ୍ଷରୁ ସିପିଆର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କ୍ଲବର ସଭାପତି ଲାୟନ୍ ଲୋକନାଥ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇଞ୍ଜିନିୟରିଂ ସ୍କୁଲର ଅଧ୍ୟକ୍ଷ ଏ.ଏସ୍ ରାଜ, ଡ଼. ବଦ୍ରି ଦଣ୍ଡପାଣି ଏବଂ ଲାୟନ୍ସ କ୍ଲବ ଅଫ୍ ବ୍ରହ୍ମପୁର ଗୋଲ୍ଡର ଜେନେରାଲ ଫିଜିସିଆନ୍ ଏବଂ ପରାମର୍ଶଦାତା ଡ. ଟି. ଓମପ୍ରକାଶ ଉପସ୍ଥିତ ଥିଲେ। ଛାତ୍ର ଏବଂ ଅଧ୍ୟାପକମାନଙ୍କ ମଧ୍ୟରେ ଜୀବନ ରକ୍ଷାକାରୀ କୌଶଳ ସମ୍ପର୍କରେ ସଚେତନତା ସୃଷ୍ଟି କରିବା କାର୍ଡିୟ ପଲ୍ମୋନାରୀ ରିସସିଟେସନ୍(ସିପିଆର)ର ଅବଗତି ନିମନ୍ତେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ବାୟୋଟେକ୍ନୋଲୋଜି ବିଭାଗର ପାକ୍‌ଲିଟି ଶ୍ୱେତାଙ୍ଗିନୀ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଲାୟନ୍ସ ଲାୟନ୍ ପ୍ରଶାସକ ରୂପେଶ ମିଶ୍ର, ପୂର୍ବତନ ସଭାପତି ଇ. ଡିଲେସୁ ରେଡ୍ଡି, ସଚିବ ଦୀନବନ୍ଧୁ ଗୌଡ଼ା, ଉପାଧ୍ୟକ୍ଷ ଜ୍ୟୋତ୍ସ୍ନାମୟୀ ପ୍ରଧାନ, ସେବା ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ପ୍ରଧାନ, ସୁନିଲ ପଟ୍ଟନାୟକ ଏବଂ ସତ୍ୟ ପ୍ରସାଦ ପଟ୍ଟନାୟକଙ୍କ ସମତେ ବହୁ ସଦସ୍ୟ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ମହାନ ସଂଘ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

ବ୍ରହ୍ମପୁର,୧୯ ।୧୦(ସମିସ): ମହାନ ସଂଘର ୪୦ତମ ବାର୍ଷିକ ଉତ୍ସବ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ବର୍ଗର ପ୍ରତିଯୋଗିତା ହୋଇଯାଇଛି। ସଂଘ ସଭାପତି ସୁଶାନ୍ତ କୁମାର ସାବତଙ୍କ ତତ୍ତ୍ୱବଧାନରେ ଗୁରୁକୁଳ ଇଣ୍ଟରନେସେନାଲ୍ ପବ୍ଲିକ ସ୍କୁଲରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ନୃତ୍ୟ, ସାଧାରଣ ଜ୍ଞାନ ଭଳି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଅନ୍ୟପକ୍ଷରେ ମହିଳା ଓ ଯୁବତୀଙ୍କ ନେଇ ଆସନ୍ତା ୨୬ତାରିଖ ନୃତ୍ୟ, ଝୋଟି, ବିନା ଅଗ୍ନିରେ ଖାଦ୍ୟ ପ୍ରସ୍ତୁତି, ମେହେନ୍ଦି ଓ ହୁଳହୁଳି ଆଦି ପ୍ରତିଯୋଗିତା ହେବ। ଆସନ୍ତା ନଭେମ୍ବର ୨ତାରିଖ ଗଞ୍ଜାମ କଳା ପରିଷଦରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କାର ପ୍ରଦାନ କରାଯିବ ବୋଲି ନିଷ୍ପତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ପ୍ରଶାନ୍ତ କୁମାର ପାତ୍ର, ସଞ୍ଜୟ କୁମାର ମାଝୀ, ପ୍ରସାନ୍ତ ଗୌଡ଼, ମନୋରଞ୍ଜନ ପାଢ଼ି, ନମିତା ରାଉତ୍, ସବିତା ସାହୁ, ତପନ କୁମାର ପଣ୍ଡା, ପି. ବୁଛି ବାବୁ, ଉମା ଶଙ୍କର ପାଣି, ଭି.ରବି କୁମାର ଗୁପ୍ତା ଓ ସୁଦୀପ ସାହୁଙ୍କ ସମତେ ଅନ୍ୟମାନେ ଉପସ୍ଥିତ ଥିଲେ।

**କାର୍ତ୍ତିକରେ ଆକାଶଛୁଆଁ ପରିବା ଦର**

## ବାଇଗଣ, ଅଲଡ଼ି, ବିନ୍ସ ଓ ପୋଟଳ ୮୦ ପାର୍

ବ୍ରହ୍ମପୁର,୧୯ ।୧୦(ସମିସ): କାର୍ତ୍ତିକ ଆରମ୍ଭରୁ ଆକାଶଛୁଆଁ ହୋଇଛି ପନିପରିବା ଦର। ବୃଦ୍ଧି ପାଉଥିବା କଞ୍ଚା ପନିପରିବାର ଦରକୁ ନେଇ ଖାଉଟିଙ୍କ ଚିନ୍ତା ଦ୍ୱିଗୁଣିତ କରିଦେଇଛି। କାର୍ତ୍ତିକ ମାସରେ ଅନେକ ଲୋକ ଆମିଷ ଖାଉ ନଥିବାରୁର ପନିପରିବାର ଚାହିଦା ଅଧିକ ରହିବା ସ୍ୱାଭାବିକ। ତେବେ କିଛିଦିନ ପୂର୍ବେ ପରିବା ମୂଲ୍ୟ ଯାହା ଥିଲା ସେଥିରେ ହଠାତ୍ ଦ୍ରୁତ ବୃଦ୍ଧି ପାଇଛି। ପ୍ରତ୍ୟେକ କଞ୍ଚା ପରିବା ଦର କିଲୋ ପିଛା ୧୦ରୁ ୨୦ଟଙ୍କା ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ଫଳରେ ଘରର ବଜେଟକୁ ନିୟନ୍ତ୍ରଣ କରି ଅଳ୍ପରେ ସବୁକିଛି ଚଳାଇବାକୁ ବାଧ ହେଉଥିବା କହିଛନ୍ତି ଗୃହିଣୀ। ବାଇଗଣ, ପୋଟଳ, ଅଲଡି ଓ କାଙ୍କଡ଼ ୮୦ ଛୁଇଁଲାଣି। ୫୦୦ଟଙ୍କା ଧରି ବଜାରକୁ ଗଲେ ବ୍ୟାଗ ଭର୍ତ୍ତି



ହେଉନଥିବା କହିଛନ୍ତି ସାଧାରଣ ଗ୍ରାହକ। ସେହିପରି କେଜି ୪୦ଟଙ୍କା ତଳକୁ ବଜାରରେ କୌଣସି ପରିବା ନାହିଁ। ବ୍ରହ୍ମପୁର ସହରର ବିଭିନ୍ନ ବଜାରରେ ସମାନ ପରିସ୍ଥିତି । ବ୍ୟବସାୟୀ ଚଢ଼ା ଦରରେ କିଣୁ ଥିବାରୁ ଚଢ଼ା ଦରରେ ବିକ୍ରି କରିବାକୁ ବାଧ ହେଉଥିବା କହିଛନ୍ତି। ଫଳରେ ବ୍ୟବସାୟ ମାନ୍ଦା ରହିଥିବା କହିଛନ୍ତି ବ୍ୟବସାୟୀ ରାମ ସାହୁ। ବଜାରରେ ବାଇଗଣ କିଲୋ ପ୍ରତି ୮୦ଟଙ୍କା ଥିବାବେଳେ ଟମାଟ ୪୦, କଟକି ପୋଟଳ ୮୦ଟଙ୍କା, ଅମୃତଭଣ୍ଡା ୩୦, ବୋଇତାଳୁ ୩୦, ଅଲଡ଼ି ୬୦ଟଙ୍କା, କନ୍ଦମୂଳ ୬୦, ସାରୁ ୪୦, ଦେଶୀଆଳୁ ୪୦ଟଙ୍କା, ଦେଶୀ କାଙ୍କଡ଼ ୨୨୦, ଗୁଆଁର ୬୦ଟଙ୍କା, ବିନ୍ସ ୨୨୦, ବନ୍ଧାକୋବି ୪୦ ଏବଂ କଞ୍ଚାକଦଳୀ ୫୦ଟଙ୍କାରେ ବିକ୍ରି ହେଉଛି। ସେହିପରି ଦର ଅଧିକ ଯୋଗୁଁ ଗ୍ରାହକମାନେ କିଲେ ପରିବା ସ୍ଥାନରେ ଅଧାକିଲୋ ନେବାକୁ ବାଧ ହେଉଛନ୍ତି।

**ଶପଥ ନେଲେ ଛାତ୍ରଛାତ୍ରୀ**

## 'ବାଣ ନୁହେଁ; ହସ ଫୁଟେଇବୁ'



ବ୍ରହ୍ମପୁର,୧୯ ।୧୦(ସମିସ)

'ଅସତୋ ମାଂ ସତ୍‌ଗମୟ, ତମସୋ ମାଂ ଜ୍ୟୋତିର୍ଗମୟ'। ଦୀପାବଳୀ ଆଲୋକର ପର୍ବ, ପ୍ରେମ ଓ ସଦ୍‌ଭାବର ପର୍ବ। ଏହି ପର୍ବକୁ ହର୍ଷୋଲ୍ଲାସର ସହ ଦୀପ ଜାଳି, ଖଜା ପିଠା ଖାଇ ବାଣ ନ ଫୁଟେଇ ପାଳନ କରିବୁ ଓ ଅନ୍ୟମାନଙ୍କୁ ମଧ ଏଥିପାଇଁ ପ୍ରେରିତ କରିବା ସହ ସମସ୍ତଙ୍କ ମୁହଁରେ ହସ ଫୁଟାଇବୁ ବୋଲି ଛାତ୍ରଛାତ୍ରୀମାନେ ଶପଥ ନେଇଛନ୍ତି। ଦୀପାବଳୀରେ ଅତ୍ୟଧିକ ବାଣ ଫୁଟିବା ଦ୍ୱାରା ସେଥିରୁ ନିର୍ଗତ ଧୂଆଁ ପରିବେଶକୁ ବିଷାକ୍ତ କରିଦିଏ। ସମ୍ପ୍ରତି ଶରତ ଋତୁ ଯୋଗୁ ପବନ ଚଳାଚଳ ବିଶେଷ ହେଉନଥିବାରୁ ଏଭଳି ସ୍ଥିତି ଜାରି ରହିଲେ ଆଗାମୀ ଦିନରେ ପରିବେଶ ପ୍ରତି ବେଶ ବିପଦ ମଧ। ଏଣୁ ପ୍ରଚଣ୍ଡ ଶବ୍ଦ କରି ବାଣ ଓ ପରିବେଶ ଦୂଷିତ ଭଳି କାର୍ଯ୍ୟରୁ ନିବୃତ୍ତ ରହିବା ଲାଗି ଛାତ୍ରଛାତ୍ରୀ ଶପଥ ନେଇଛନ୍ତି।

ସୂଚନାଯୋଗ୍ୟ ଯେ, ପୂର୍ବାହ୍ନରେ ଆର୍ଯ୍ୟଭଟ୍ଟ ପ୍ରକୃତି ଓ ପରିବେଶ ଫାଉଣ୍ଡେସନ ଆନୁକୂଲ୍ୟରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ସହର ତଥା ଆଖ ପାଖ ଅଞ୍ଚଳରୁ ବିଭିନ୍ନ ସ୍କୁଲ ଓ କଲେଜର ଅନେକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶପଥ ପାଠ କରିଥିଲେ। ବରିଷ୍ଠ ଶିକ୍ଷାବିତ୍ ତଥା ଫାଉଣ୍ଡେସନର ବରିଷ୍ଠ ସଦସ୍ୟ ଶ୍ୟାମ ସୁନ୍ଦର ଖାଡଙ୍ଗା ଛାତ୍ରଛାତ୍ରୀ ତଥା ଉପସ୍ଥିତ ସଦସ୍ୟମାନଙ୍କୁ ଶପଥ ପାଠ କରାଇଥିଲେ। ଫାଉଣ୍ଡେସନ ଅଧ୍ୟକ୍ଷ ସୁଧୀର ରାଉତ ଦୀପାବଳୀର ମହତ୍ତ୍ୱ ବୁଝେଇବା ସହ ବାଣ ଫୁଟେଇବା ଦ୍ୱାରା ସୃଷ୍ଟି ହେଉଥିବା ପରିବେଶୀୟ କ୍ଷତି ଓ ସାଧାରଣ ସ୍ୱାସ୍ଥ୍ୟଗତ କ୍ଷତି ବିଷୟରେ ବୁଝାଇଥିଲେ। ବାଣ ଫୁଟାରୁ ନିବୃତ ରହି ଆଲୋକରେ ମହାପର୍ବ ଦୀପାବଳୀ ପାଳନ କରିବାକୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ୍‌ର ସ୍ୱେଚ୍ଛାସେବୀ ସୁଶାନ୍ତ ମହାନ୍ତି, ଶୁଭେନ୍ଦୁ ପାତ୍ର, କେ ଘନଶ୍ୟାମ, ଦେବୀ ପ୍ରସାଦ ମଙ୍ଗରାଜ, ଫୁଲଟାର ପୂର୍ବତନ ସରପଞ୍ଚ ମାଧବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।







## ଆଇନଜୀବୀ ପୀତବାସ ହତ୍ୟା ମାମଲା

## ପୁଣି ଜଣଙ୍କୁ ଭୁବନେଶ୍ୱରରୁ ଉଠାଇଲା ପୁଲିସ


ବ୍ରହ୍ମପୁର,୧୯ ।୧୦(ସମିସ): ପୀତବାସ ହତ୍ୟାକାଣ୍ଡ ଘଟଣାର ମାଷ୍ଟରମାଇଣ୍ଡ କିଏ? ହତ୍ୟାକାଣ୍ଡର କାରଣ କଣ ଜାଣିବା ପାଇଁ କେବଳ ସ୍ୱର୍ଗତ ପୀତବାସ ପଣ୍ଡାଙ୍କ ପରିବାର ଲୋକ କାହିଁକି ସମସ୍ତେ ଚାତକ ଭଳି ଚାହିଁ ରହିଛନ୍ତି। ପୂର୍ବରୁ ଘଟଣାରେ ପୁଲିସ ୮ଜଣଙ୍କୁ ଅଟକ ରଖି ଜେରା କରୁଥିବା ବେଳେ ଭୁବନେଶ୍ୱରରୁ ପୁଣି ଜଣଙ୍କୁ ଉଠାଇ ଆଣିଛି ବ୍ରହ୍ମପୁର ପୁଲିସ। ଫଳରେ ଅଟକ ସଂଖ୍ୟା ୯କୁ ବୃଦ୍ଧି ପାଇଥିବା ଜଣାପଡିଛି। ସେପଟେ ଦିର୍ଘ ୪ଦିନ ଧରି ଅଟକ ଥିବା ଜନୈକ କର୍ପୋରେଟର ଓ ଅପରାଧୀଙ୍କୁ ପୁଲିସ ମୁହାଁମୁହିଁ ଜେରା କରୁଥିବା ଜଣାପଡିଛି। ପୀତବାସ ହତ୍ୟା ମାମଲାର ପ୍ରକୃତ ରହସ୍ୟ ଉନ୍ମୋଚନ ସହିତ ଷଡଯନ୍ତ୍ରକାରୀଙ୍କ ନିକଟରେ ପହଞ୍ଚିବା ପାଇଁ ପୁଲିସ ପର୍ଯ୍ୟାୟକ୍ରମେ ମଦ ବ୍ୟବସାୟୀ, ବିଲ୍ଡର, କର୍ପୋରେଟର, ଆଇନଜୀବୀ, ସମାଜସେବୀ ଓ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ପଚରାଉଚରା କରି ସେମାନଙ୍କ ଠାରୁ ବହୁ ତଥ୍ୟ ହାସଲ କରିଛି।

**ଅଟକ କର୍ପୋରେଟର ଓ ଅପରାଧୀଙ୍କୁ ମୁହାଁମୁହିଁ ଜେରା**

ମିଳିଥିବା ତଥ୍ୟ ସିସିଟିଭି ଫୁଟେଜ୍, ଫୋନ କଲ ବିବରଣୀ, ଅର୍ଥ ଦେଣନେଣକୁ ଆଧାର କରି ଏବଂ ଅଟକ ବ୍ୟକ୍ତିଙ୍କ ଠାରୁ ଓଗାଳିଥିବା ସୂଚନାକୁ ନେଇ ପୁଲିସ ତଦନ୍ତକୁ ଆଗକୁ ବଢାଇଛି। ଘଟଣାର ମାଷ୍ଟରମାଇଣ୍ଡ ପାଖରେ ପହଞ୍ଚିବା ପାଇଁ ପୁଲିସକୁ ନିଶ୍ଚିତ ଭାବେ କିଛି ସମୟ ଲାଗୁଛି। ତେବେ ହତ୍ୟାକାଣ୍ଡ ଷଡଯନ୍ତ୍ରର ଚେର କେତେଦୂର ଲମ୍ବିଛି ତାହା ଘଟଣାର ପର୍ଦ୍ଦାଫାସ୍ ପରେ ହିଁ ସ୍ପଷ୍ଟ ହେବ।

ସକାଳ
THE SAKALA

# ସମ୍ପାଦକୀୟ



ବୈଜ୍ଞାନିକ ନିର୍ଯାସର ଆଧାର ସ୍ୱାଧୀନ ଚିନ୍ତନ ଓ କଠିନ ପରିଶ୍ରମ; ବ୍ୟୟବହୁଳ ଉପକରଣ ନୁହେଁ।
- ସିଭି ରମଣ

## ଆତସ ଆତଙ୍କ

ଆମର ଏହି ଅଗ୍ରଲେଖ ପାଠ କରିବା ବେଳକୁ ପାଠକମାନେ ଦୀପାବଳୀ ପାଳନର ପ୍ରସ୍ତୁତି ଚୂଡ଼ାନ୍ତ କରିସାରିଥିବେ ଏବଂ ପସନ୍ଦ ମୁତାବକ ବାଣ କିଣିସାରିଥିବେ। ତଥାପି ସଚେତନଧର୍ମୀ ଗଣମାଧ୍ୟମର ଦାୟିତ୍ୱ ଭାବେ ଆମେ ସେ ବିଷୟରେ କିଛି ଉଲ୍ଲେଖ କରିବାକୁ ଉଚିତ ମନେ କରୁଛୁ। ବାଣ(ଆତସବାଜି)ର ପରିବେଶ ଓ ଜନସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ବିଷୟରେ ଆଉ ଲୋକମାନଙ୍କର ଅଜ୍ଞତା ବିଶେଷ ନାହିଁ। ତଥାପି କେବଳ ବାଣ ଫୁଟାଇବାର ପ୍ରତିଯୋଗୀ-ମାନସିକତା ଯୋଗୁଁ ଦେଶରେ ବର୍ଷକୁ ବର୍ଷ ବାଣ ଉତ୍ପାଦନ, ବିକ୍ରିବଟା ଓ ବ୍ୟବହାର ବଢ଼ିବାରେ ଲାଗିଛି। ତତ୍କାଳ ପ୍ରଭାବରେ ବାୟୁମଣ୍ଡଳ ବିଷାକ୍ତ ଧୂଆଁ ଓ ଶବ୍ଦରେ ପରିପୂର୍ଣ୍ଣ ହୋଇପଡୁଛି। ବିଶେଷକରି ରାଜଧାନୀ ଦିଲ୍ଲୀ ଅଞ୍ଚଳରେ ବାୟୁର ମାନ ଅତି ଉତ୍କଟ ସ୍ତରକୁ ଚାଲିଯାଉଛି। ଲୋକଙ୍କୁ ଏହି ବିଷମୟ ଆନନ୍ଦ ଉପଲବ୍ଧିରୁ ନିବୃତ କରିବା ପାଇଁ ବ୍ୟାପକ ସଚେତନ କରାଯାଉଥିଲେ ହେଁ ଫଳପ୍ରଦ ହେଉନାହିଁ। ଶେଷରେ ଦେଶର ସର୍ବୋଚ୍ଚ ଅଦାଲତ ଏଥିରେ ହସ୍ତକ୍ଷେପ କରି ଦିଲ୍ଲୀ ଅଞ୍ଚଳରେ ବାଣ ବିକ୍ରି ଓ ବ୍ୟବହାର ଉପରେ କଟକଣା ଜାରି କରିଥିଲେ ଏବଂ ଚଳିତ ବର୍ଷ ଦେଶର ସବୁ ଅଞ୍ଚଳରେ ଲାଗୁ କରାଯିବା ପାଇଁ ସରକାରଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ ଲୋକଙ୍କ ବାଣ ଫୁଟା ଜିଦ୍ ଆଗରେ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ନିରୂପାୟ ଓ ଅସହାୟ ହୋଇପଡ଼ିଥିବା ଦେଖାଯାଇଛି। ତେଣୁ ଦିଲ୍ଲୀ ଓ ଆଖପାଖ ଅଞ୍ଚଳରେ ଗ୍ରୀନ୍ କ୍ରାକର ବା ସବୁଜ ବାଣର ନିର୍ଦ୍ଦିଷ୍ଟ ଦିନ, ନିର୍ଦ୍ଦିଷ୍ଟ ଅଞ୍ଚଳରେ ମାତ୍ର କିଛି ଘଣ୍ଟା ପାଇଁ ବିକ୍ରି କରିବାକୁ ସର୍ବୋଚ୍ଚ ଅଦାଲତ ଅନୁମତି ଦେଇଛନ୍ତି।

ସବୁଜ ବାଣ ନାମରେ ବିକ୍ରି ହେଉଥିବା ଆତସ କେତେ ସବୁଜ ବା ପରିବେଶ ଅନୁକୂଳ ତାହା ପ୍ରମାଣ କରିବାର ଉପାୟ ନାହିଁ। କାରଣ ଆମ ମାନବ ସମ୍ବଳ ଏତେ କମ୍ ଏବଂ ବ୍ୟବସ୍ଥା ଏତେ ଦୁର୍ବଳ ଯେ ଖୋଲା ବଜାରରେ ବିକ୍ରି ହେଉଥିବା ସବୁଜ ବାଣ ର ଖୋଳପା ଭିତରେ ପାରମ୍ପରିକ ବାଣ ବିକ୍ରି ହେଉଥିବା ମଧ୍ୟ ଅସମ୍ଭବ ନୁହେଁ। ଏହାଛଡ଼ା ଖାଣ୍ଟି ସବୁଜ ବାଣ ଯେ ସମ୍ପୂର୍ଣ୍ଣ ପରିବେଶ ଅନୁକୂଳ ତାହା ମଧ୍ୟ ନିଶ୍ଚିତ ନୁହେଁ। ନିକଟରେ ଆପୋଲୋ ହସ୍‌ପିଟାଲ୍‌ର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସଚେତନଧର୍ମୀ ବାର୍ତ୍ତାଟିଏ ଦେଇ କହିଛନ୍ତି ଯେ ସବୁଜ ବାଣ ସମ୍ପୂର୍ଣ୍ଣ ପରିବେଶ ଅନୁକୂଳ କିମ୍ବା ପ୍ରଦୂଷଣମୁକ୍ତ ନୁହେଁ। ପାରମ୍ପରିକ ବାଣଠାରୁ ଏହା କେବଳ ୩୦% ପ୍ରଦୂଷଣ ହ୍ରାସ କରିପାରେ। ତେଣୁ ସବୁଜ ବାଣ ମଧ୍ୟ ସ୍ୱାସ୍ଥ୍ୟ ଉପଯୋଗୀ ନୁହେଁ।

ଏଠାରେ ପ୍ରଶ୍ନ ଉଠୁଛି ପରିବେଶକୁ ନିଜ ହାତରେ ଜାଣିଶୁଣି ବିଷାକ୍ତ କରି ଉତ୍ସବ ପାଳନ କ'ଣ ନିହାତି ଜରୁରୀ। ମାତ୍ର ଦୁଇ/ତିନି ଦଶନ୍ଧି ଭିତରେ ଦେଶର ସାମାଜିକ-ଅର୍ଥନୈତିକ ଚିତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ପୂର୍ବାପେକ୍ଷା ଯାନବାହନ ଓ ଜୀବାଶ୍ମ ଇନ୍ଧନ ଦହନ ମାତ୍ରା ଏତେ ବଢ଼ିଯାଇଛି ଯେ ବାୟୁର ସ୍ୱାଭାବିକ ମାନ ଉଦ୍‌ବେଗଜନକ ଭାବେ ହ୍ରାସ ପାଇଛି। ଏବେ ସମୟ ଆସିଛି ପ୍ରଦୂଷଣ ସୃଷ୍ଟିକାରୀ ତତ୍ତ୍ୱଗୁଡ଼ିକୁ ଯଥାସମ୍ଭବ ହ୍ରାସ କରିବାର। କିନ୍ତୁ ଆମେ ତା'ର ବିପରୀତ ଆଚରଣ କରୁଛୁ। ପରମ୍ପରା ଓ ପର୍ବ ନାମରେ ପାଳନ ହୋଇଆସୁଥିବା ବାଣଫୁଟା ଅଭ୍ୟାସକୁ ଯଥାଶୀଘ୍ର ତ୍ୟାଗ ନ କଲେ ଆଗକୁ ପରିସ୍ଥିତି ଭୟାବହ ହୋଇପାରେ। ଏ ଦିଗରେ ସରକାରୀ ତତ୍ପରତା ସହିତ ଲୋକ ସଚେତନତା ମଧ୍ୟ ଅନେକ ମହତ୍ତ୍ୱ ରଖେ।



ପ୍ରଥମ କଥା ହେଲା ନିର୍ଦ୍ଦେଶନାମା ଆସିବାର ଯଥେଷ୍ଟ ଆଗରୁ ବିଭିନ୍ନ ପ୍ରଦୂଷଣସୃଷ୍ଟିକାରୀ ବାଣ ସବୁ ବଜାରକୁ କିମ୍ବା ଗ୍ରାହକଙ୍କ ହାତକୁ ଯଥେଷ୍ଟ ଆଗରୁ ଏଥର ଚାଲିଯାଉଛି। ଦ୍ୱିତୀୟ କଥା ହେଲା ବାଣ ଫୁଟାକୁ ନିୟନ୍ତ୍ରଣ କରିବା ଏବଂ ସବୁଜ ଓ ପ୍ରଦୂଷିତ ଆତସବାଜି ମଧ୍ୟରେ ଥିବା ପାର୍ଥକ୍ୟ ଦେଖିବାକୁ ସରକାର କିମ୍ବା ପୁଲିସ ପ୍ରଶାସନ ପାଖରେ ଯଥେଷ୍ଟ ଲୋକଶକ୍ତି ତଥା ସାଧନ ନାହିଁ। ତେଣୁ ଅଦାଲତ ଅଥବା ସରକାରୀ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାର ବ୍ୟବସ୍ଥାଟି ଅତ୍ୟନ୍ତ ଦୁର୍ବଳ ହୋଇ ପଡ଼ିଛି। ତେଣୁ ବାଣ ଯେପରି ଫୁଟୁଥିଲା, ତା'ଠାରୁ ଅଧିକ ଫୁଟୁଛି ଏବଂ ତତ୍‌ଜନିତ ପ୍ରଦୂଷଣ ବଢ଼ିବାରେ ଲାଗିଛି। ବାଣଫୁଟାକୁ ନିୟନ୍ତ୍ରଣ କରିବାକୁ ହେଲେ ପ୍ରଥମେ ଉତ୍ପାଦନର ଉତ୍ସକୁ ଜଗିବାକୁ ପଡ଼ିବ। ବାଣ ପ୍ରସ୍ତୁତି, ଚାଲାଣ ଓ ବିକ୍ରିବଟା ଉପରେ ସରକାରୀ କଟକଣା ବା ନିଷେଧାଦେଶ ଆଗୁଆ ରହିଲେ ବାଣ ବ୍ୟବହାର କମି ପାରନ୍ତା। କିନ୍ତୁ ସଚେତନ ଓ କଟକଣା ଦାୟିତ୍ୱରେ ଥିବା ପକ୍ଷ ଯଦି ବାଣ କିଣା ଓ ବାଣ ଫୁଟାକୁ ଆନନ୍ଦ ନାମରେ ଅଗ୍ରାଧିକାର ଦେବ ତେବେ ବାଣଫୁଟା କମିବ କେମିତି?

ଏକଦା ଆନନ୍ଦର ଉତ୍ସ ଆତସ ଏବେ ଆତଙ୍କର ରୂପ ନେବାରେ ଲାଗିଛି। ବେଳ ହୁଁ ସଚେତନ ନ ହେଲେ ଏହି ଅଦୃଶ୍ୟ ଆତଙ୍କ ଆମ ପରିବେଶ ସହିତ ଉତ୍ତରପିଢ଼ିଙ୍କୁ ପଙ୍ଗୁ କରିଦେବା ଅସମ୍ଭବ ନୁହେଁ। 'ରୋଗୀଣା ଭାରତ'ର ଅପବାଦ ଅର୍ଜନ କରିବା ପୂର୍ବରୁ ଏବେଠାରୁ ପ୍ରତିକାର ଓ ପ୍ରତିରୋଧ ଆରମ୍ଭ ହେବା ଆବଶ୍ୟକ। ନ ହେଲେ ଉତ୍ତରପିଢ଼ି ଆମକୁ କ୍ଷମା ଦେବ ନାହିଁ। ଏ ଦାୟିତ୍ୱ ଏବେ ଅଭିଭାବକଙ୍କର।

## ଗଣତନ୍ତ୍ରର ବିବର୍ତ୍ତନଧାରା

ଡ. ବିମଳ ଷଡ଼ଙ୍ଗୀ

ଭେନେଜୁଏଲାର ବିରୋଧୀଦଳ ନେତ୍ରୀ ତଥା ଗଣତାନ୍ତ୍ରିକ ଦଳ 'ଭେଣ୍ଟ ଭେନେଜୁଏଲା'ର ପ୍ରତିଷ୍ଠାତା ନେତ୍ରୀ ମାରିଆ କୋରିନା ମାଚାଡୋ ୨୦୨୫ମସିହାର ଶାନ୍ତି ନୋବେଲ ପୁରସ୍କାର ପାଇଁ ମନୋନୀତ ହେବା ଅତ୍ୟନ୍ତ ଖୁସିର ଖବର। ମାତ୍ର ଭେନେଜୁଏଲାରେ ପୂର୍ବ ପ୍ରଚଳିତ ଗଣତନ୍ତ୍ରର ବିଲୟ ପ୍ରକ୍ରିୟା ମଧ୍ୟ ପ୍ରଣିଧାନଯୋଗ୍ୟ। ଭେନେଜୁଏଲା ଏକଦା ଲାଟିନ୍ ଆମେରିକାର ସବୁଠାରୁ ସ୍ଥିର ଗଣତାନ୍ତ୍ରିକ ରାଷ୍ଟ୍ର ମଧ୍ୟରୁ ଗୋଟିଏ ଥିଲା, ଯାହାର ଶାସନ ବ୍ୟବସ୍ଥା ଗଣତନ୍ତ୍ରରୁ ଏକଛତ୍ରବାଦୀକୁ ପରିବର୍ତ୍ତନ ଅପ୍ରତ୍ୟାଶିତ ନଥିଲା। ଏହା ଏକ ଧୀର ଲୁକ୍କାୟିତ ପ୍ରକ୍ରିୟା ମାଧ୍ୟମରେ ଗଣତନ୍ତ୍ରର ତଥାକଥିତ ନେତାମାନଙ୍କ ଦ୍ୱାରା ରଚିତ ହୋଇଥିଲା। ଅର୍ଥାତ ନେତାମାନେ ଯେତେବେଳେ କୌଣସି ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଭିତରୁ ଫାଙ୍କା କରି ସ୍ୱେଚ୍ଛାଚାରୀ ପଦକ୍ଷେପକୁ ଯଥାର୍ଥ ଦର୍ଶାନ୍ତି, ପ୍ରତାରଣା ପୂର୍ଣ୍ଣ ଭାଷଣବାଜି ଓ ନୀଚକାର୍ଯ୍ୟ ସାହାରାରେ ନିଜ ସପକ୍ଷରେ ଜନସମର୍ଥନର ଫଳାଫଳକୁ ଅକ୍ତିଆର କରନ୍ତି ଏବଂ ଆଇନକୁ ରାଜନୀତିକରଣ, ଭିନ୍ନମତକୁ ଦମନ, ସଂସ୍ଥାଗତ ବ୍ୟବସ୍ଥାକୁ ଭାଙ୍ଗିବା ଆଦି କାର୍ଯ୍ୟରେ ଲିପ୍ତ ହୁଅନ୍ତି, ସେତେବେଳେ ଗଣତନ୍ତ୍ର ବିପଦରେ ପଡ଼ିଥାଏ।

ପ୍ରତ୍ୟେକ ଦେଶର ସମ୍ବିଧାନର ନିୟମ ଅନୁସାରେ କିଛି ରାଜନୈତିକ ଦଳ ସଂଖ୍ୟାଗରିଷ୍ଠ ଜନତାଙ୍କ ଭୋଟ ଆଧାରରେ ଶାସନ କ୍ଷମତାକୁ ଆସି ଜନତାଙ୍କ ପାଖରେ ଉତ୍ତରଦାୟୀ ରହି ଜନତାଙ୍କ ସୁଖ, ଶାନ୍ତି, ସମୃଦ୍ଧି, ବିକାଶ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ସମସ୍ୟାକୁ ସମାଧାନ କରିବାର ସଂକଳ୍ପ ନେଇଥା'ନ୍ତି। ମାତ୍ର ଗଣତନ୍ତ୍ରର ଯାତ୍ରା ଦାର୍ଶନିକ ବିତର୍କ, ରାଜନୈତିକ ସଂଘର୍ଷ, ଭ୍ରଷ୍ଟାଚାର, ଆତ୍ମକୈନ୍ଦ୍ରିକ ଆଚାର, ହିଂସା, ପରଶ୍ରୀକାତରତା, କ୍ଷମତାର ଅପବ୍ୟବହାର ଆଦି ସାମାଜିକ ପରିବର୍ତ୍ତନରେ ପରିପୂର୍ଣ୍ଣ ହୋଇଚାଲେ। ଗଣତନ୍ତ୍ର ବାସ୍ତବତାରୁ ବହୁଦୂରକୁ ଚାଲିଯାଏ। ଗଣତନ୍ତ୍ରକୁ ଅପବ୍ୟବହାର କରି ବିଜୟୀ ଦଳର ଏକଛତ୍ରବାଦୀ କାର୍ଯ୍ୟକଳାପ ନୂତନ ପିଢ଼ିର ସ୍ଥାୟିତ୍ୱ ପାଇଁ ବିପଦ ଆଣେ।

ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀରୁ ଗଣତନ୍ତ୍ର ତା'ର ଜନ୍ମସ୍ଥାନ ଏଥେନ୍ସରୁ ଯାତ୍ରା ଆରମ୍ଭ କରିଥଲା। ୧୭୮୯ ମସିହାର ଫରାସୀ ରାଷ୍ଟ୍ର ବିପ୍ଳବ ଏବଂ ବିଂଶ ଶତାବ୍ଦୀରେ ବିଶ୍ୱଯୁଦ୍ଧ ଓ ଉପନିବେଶୀକରଣ ଆନ୍ଦୋଳନ ପରେ ୟୁରୋପ, ଏସିଆ ଓ ଆଫ୍ରିକାରେ ଅନେକ ନୂତନ ଗଣତାନ୍ତ୍ରିକ ରାଷ୍ଟ୍ର ଗଠନ ହୋଇଥିଲା। ଆମେରିକାରେ ନାଗରିକ ଅଧିକାର ଆନ୍ଦୋଳନ, ମହିଳା ମତଦାନ, ବର୍ଣ୍ଣବୈଷମ୍ୟ ବିରୋଧୀ ଆନ୍ଦୋଳନ, ୧୯୪୭ ରୁ ୧୯୯୧ ମସିହା ମଧ୍ୟରେ ଗଣତାନ୍ତ୍ରିକ ପୁଞ୍ଜିବାଦୀ ବ୍ୟବସ୍ଥା ଏବଂ ସାମ୍ୟବାଦୀ ଶାସନ ମଧ୍ୟରେ ଏକ ବିଶ୍ୱ ଏକ ଆଦର୍ଶଗତ ଯୁଦ୍ଧ ଦେଖିଥିଲା। ବିଂଶ ଶତାବ୍ଦୀରେ ଭାରତ ପରି ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରର ଜନ୍ମପରେ ସାରା ବିଶ୍ୱରେ ଗଣତନ୍ତ୍ର ପ୍ରତି ଆଗ୍ରହ ବୃଦ୍ଧି ପାଇଥିଲା। ମାତ୍ର ନିକଟରେ ବାଂଲାଦେଶ, ଶ୍ରୀଲଙ୍କା, ନେପାଳ, ବୁର୍କିନା ଫାସୋ ଆଦି ଦେଶଗୁଡ଼ିକରେ ଗଣତାନ୍ତ୍ରିକ ବ୍ୟବସ୍ଥାର ଅପ୍ରାସଙ୍ଗିକ ରୂପକୁ ନୂଆ ଢଙ୍ଗରେ ଉପସ୍ଥାପନ କରିବାର ପ୍ରୟାସ ଆଜି ଗଣତନ୍ତ୍ରର ସଂଜ୍ଞା ପରିବର୍ତ୍ତନ କରିଦେଇଛି।

ପ୍ରଚଳିତ ଗଣତାନ୍ତ୍ରିକ ବ୍ୟବସ୍ଥାର ବିକୃତ ରୂପ ପାଇଁ ୨୦୨୫ମସିହା ସେପ୍ଟେମ୍ବର ମାସ ପ୍ରାରମ୍ଭରେ ନେପାଳରେ ଏକ ବିସ୍ଫୋରଣ ସୃଷ୍ଟି କରିଥିଲା। ନେପାଳର ସମ୍ବିଧାନ ମତାମତ ଏବଂ ବିଭିନ୍ନ ସଭାର ସ୍ୱାଧୀନତା ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ଏକ ମୌଳିକ ଗଣତାନ୍ତ୍ରିକ ଅଧିକାର ଦେଇଥାଏ। ଜାତିଗତ, ଆଞ୍ଚଳିକ ଓ ପରିଚୟଭିତ୍ତିକ ଆନ୍ଦୋଳନ ଗଣତାନ୍ତ୍ରିକ ଭାବରେ ଉପେକ୍ଷିତ ଗୋଷ୍ଠୀ ଯଥା ମାଧେସୀ, ଥରୁ, ଜନଜାତି, ଦଳିତ ଉପରେ ହେଉଥିବା ଅଶାନ୍ତିର ପ୍ରତିବାଦ ସ୍ୱରୂପ ଆରମ୍ଭ ହୋଇଥିଲା ଏବଂ ତାହା ଶାନ୍ତିପୂର୍ଣ୍ଣ ପ୍ରତିବାଦ ଥିଲା। ମାତ୍ର ଶାସକ ଦଳର ହିଂସାତ୍ମକ କାର୍ଯ୍ୟାନୁଷ୍ଠାନ, ଅତ୍ୟଧିକ ବଳ ପ୍ରୟୋଗ କିମ୍ବା ମନମୁଖି ଗିରଫଦାରୀ ଅଗଣତାନ୍ତ୍ରିକ ଥିଲା। ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଦମନ ନୁହେଁ, ବରଂ ଆଲୋଚନା ଏବଂ ଆଇନଗତ ପ୍ରତିକାର ସହିତ ପ୍ରତିକ୍ରିୟା ଦେବା ଉଚିତ। ପ୍ରତିବାଦ ଉପରେ କଟକଣା, ରାଜନୈତିକ ଅଚଳାବସ୍ଥା ସମୟରେ ନାଗରିକ ସମାଜ ପ୍ରତିବାଦ ବିରୁଦ୍ଧରେ ପୁଲିସ କାର୍ଯ୍ୟାନୁଷ୍ଠାନ, ନ୍ୟାୟିକ ସ୍ୱାଧୀନତା ଏବଂ ଆଇନର ଶାସନ ଉପରେ ବିବାଦ ସହିତ ଜଡ଼ିତ ଅଶାନ୍ତି, ସାମ୍ବିଧାନିକ ବିଳୟ, ଦୁର୍ନୀତି ମାମଲା, ଗଣତାନ୍ତ୍ରିକ ପ୍ରତିଷ୍ଠାନର ଭଙ୍ଗୁରତାକୁ ସୂଚାଉଥିଲା। ଯେତେବେଳେ ନେତାମାନେ ଜନକଲ୍ୟାଣ ଅପେକ୍ଷା ଦଳୀୟ ଓ ନିଜର ସ୍ୱାର୍ଥକୁ ଅଗ୍ରାଧିକାର ଦିଅନ୍ତି ସେତେବେଳେ ଜନଅସନ୍ତୋଷ ଦେଖାଯାଏ।

ଶ୍ରୀଲଙ୍କାରେ ପୂର୍ବତନ ରାଷ୍ଟ୍ରପତି ରାଜପକ୍ଷେ ପରିବାରର ପ୍ରାଧାନ୍ୟ, ମିଥ୍ୟା ଲୋକବାଦୀ ଭାଷଣବାଜି ମାଧ୍ୟମରେ କ୍ଷମତାର କେନ୍ଦ୍ରୀକରଣ, ରାଷ୍ଟ୍ର ସମ୍ବଳର ଅପବ୍ୟବହାର ଯୋଗୁଁ ଗଣତାନ୍ତ୍ରିକ ସନ୍ତୁଳନର କ୍ଷୟ ହୋଇଥିଲା। ତେଣୁ ଆର୍ଥିକ ଅସ୍ଥିରତା ଏବଂ ଅସମାନତା, ଉଚ୍ଚ ଦାରିଦ୍ର୍ୟ, ବେକାରୀ ଓ ମୁଦ୍ରାସ୍ଫୀତି ଗଣତାନ୍ତ୍ରିକ ସରକାର ଉପରେ ବିଶ୍ୱାସକୁ ହ୍ରାସ କରିଥିଲା। ଫଳରେ ୨୦୨୨ମସିହାରେ ଶ୍ରୀଲଙ୍କାର ଅର୍ଥନୈତିକ ପତନ ଜନବିରୋଧ ସୃଷ୍ଟି କରିଥିଲା, ଯାହା ରାଷ୍ଟ୍ରପତିଙ୍କ ଇସ୍ତଫାର କାରଣ ହୋଇଥିଲା। ଏହା ଗଣତାନ୍ତ୍ରିକ ଅବକ୍ଷୟର ଏକ ସଙ୍କେତ ଭାବରେ ଗଭୀର ବ୍ୟବସ୍ଥାଗତ ବିଫଳତାକୁ ସୂଚିତ କରିଥିଲା।

ବାଂଲାଦେଶରେ ଧର୍ମନିରପେକ୍ଷ ଓ ଇସଲାମିକ ଶକ୍ତି ମଧ୍ୟରେ ଉତ୍ତେଜନା ରାଜନୈତିକ ଅସ୍ଥିରତା ଏବଂ ସଂଖ୍ୟାଲଘୁ ଅଧିକାର ପ୍ରତି ବିପଦ ସୃଷ୍ଟି କରିଛି। ବାହ୍ୟ ପ୍ରଭାବ ଭାବରେ କିଛି ଶକ୍ତିଶାଳୀ ଦେଶ, ଆଞ୍ଚଳିକ ପ୍ରତିଦ୍ୱନ୍ଦ୍ୱୀ କେତେକ ସମୟରେ ଘରୋଇ ରାଜନୀତିରେ ହସ୍ତକ୍ଷେପ କରିପାରନ୍ତି ବା ଶାସନକୁ ସମର୍ଥନ କରିପାରନ୍ତି କିମ୍ବା ନିଜ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଗଣତନ୍ତ୍ରକୁ ଦୁର୍ବଳ କରିପାରନ୍ତି। ତେଣୁ ଶାସନରେ ରହିବାକୁ ହେଲେ ଦେଶ ଭିତର ସମସ୍ୟା ସହିତ ବାହ୍ୟଶତ୍ରୁଙ୍କ କାର୍ଯ୍ୟକଳାପକୁ ସବୁସମୟରେ ନଜର ରଖିବାକୁ ପଡ଼ିଥାଏ। ସେହିପରି୧୯୮୪ ମସିହାରେ ସ୍ୱାଧୀନ ରାଷ୍ଟ୍ର ବୁର୍କିନା ଫାସୋ ଏକ ବିକାଶଶୀଳ ଦେଶ ରୂପେ ଆତ୍ମପ୍ରକାଶ କରିଥିଲେ ହେଁ ଦୁର୍ନୀତି, ଅନ୍ୟାୟ, ପ୍ରିୟାପ୍ରୀତି ତୋଷଣ, ବେକାରି, ଖାଦ୍ୟାଭାବ ଆଦି ପ୍ରମୁଖ କାରଣ ସହିତ ମାଲି, ନିଜେର୍, ଗିନି ଭଳି ପଡ଼ୋଶୀ ଦେଶଗୁଡ଼ିକର ସାମରିକ ବିପ୍ଳବ ସେମାନଙ୍କୁ ସାମରିକ ଶାସନ ପ୍ରତି ଆକୃଷ୍ଟ କରିଥିଲା।

ଏସବୁକୁ ଅନୁଧ୍ୟାନ କଲେ ଆମେ ଦେଖିବା ଯେ ଆଧୁନିକ ଯୁଗରେ ଗଣତନ୍ତ୍ରର ପରିଭାଷାକୁ ପୁନଃ ବ୍ୟାଖ୍ୟା କରାଯିବାର ସମୟ ଆସିଯାଇଛି। ଡିଜିଟାଲ ଯୁଗରେ ପୁରୁଣା ଗଣତନ୍ତ୍ର ପଦ୍ଧତିକୁ ନୂଆ ରୂପରେ କିଛି ଉଦାହରଣ ସହିତ ବିକଶିତ କରାଯାଇପାରେ ଏବଂ ଏକ ମୌଳିକ ଉପାଦାନ ଭାବରେ ଡିଜିଟାଲ ଅଂଶଗ୍ରହଣକୁ ଅନ୍ତର୍ଭୁକ୍ତ କରି ଗଣତନ୍ତ୍ରକୁ ବିକଶିତ କରାଯାଇପାରେ। ଏସ୍ତୋନିଆ, ବ୍ରାଜିଲ ନ୍ୟୁୟର୍କ, କାଲିଫର୍ଣ୍ଣିଆ, ନ୍ୟୁଜିଲ୍ୟାଣ୍ଡର 'ନାଗରିକ ସଭା', ଫିନଲ୍ୟାଣ୍ଡର ଗଣତାନ୍ତ୍ରିକ ଶିକ୍ଷା ବ୍ୟବସ୍ଥା ଓ ସମାଲୋଚନାତ୍ମକ ଚିନ୍ତାଧାରା ସହିତ 'ଡିଜିଟାଲ୍ ଗଣତନ୍ତ୍ର' ଆଡ଼କୁ ଅଗ୍ରସର ହେଉଛନ୍ତି, ଯାହା ନାଗରିକମାନଙ୍କୁ ଅନଲାଇନରେ ଭୋଟ ଦେବା ଏବଂ ଇ-ସରକାରୀ ସେବାରେ ଅଂଶଗ୍ରହଣ କରିବାର ଅନୁମତି ଦେଇଛି। କେବଳ ନୀତି ଉପରେ ଭୋଟ ଦେବା ପରିବର୍ତ୍ତେ, ନାଗରିକମାନେ ଅର୍ଥପୂର୍ଣ୍ଣ ଆଲୋଚନା, ବିତର୍କ ଏବଂ ନିଷ୍ପତ୍ତି ଗ୍ରହଣରେ ସାମିଲ ହୋଇପାରୁଛନ୍ତି। ଭବିଷ୍ୟତ ପାଇଁ ଏକ ଶିକ୍ଷିତ ଭୋଟର ଭାବରେ ନିଜର ଅଧିକାର ସର୍ବତ୍ର ସାବ୍ୟସ୍ତ କରିପାରୁଛନ୍ତି। ହାନ ନା ଆରେଣ୍ଟ କହିଥିଲେ ଯେ ଏକ ଗୋଷ୍ଠୀତାନ୍ତ୍ରିକ ଶାସନ ମଣିଷର ବ୍ୟକ୍ତିଗତ ଭାବନା, ମତ ଓ ଶ୍ରଦ୍ଧାକୁ ଧ୍ୱଂସ କରେ। ସେ ବିଶ୍ୱାସ କରୁଥିଲେ ଯେ ମଣିଷ ମଧ୍ୟରେ ବିଭିନ୍ନତା ଅତ୍ୟନ୍ତ ସ୍ୱାଭାବିକ, ଯାହା ଆବଶ୍ୟକ। ଅର୍ଥାତ ଦୁଇଜଣ ଲୋକ କେବେ ବି ସମାନ ହୋଇପାରିବେ ନାହିଁ। ତାଙ୍କ ମତରେ ଏହି ବିଭିନ୍ନତା ମଧ୍ୟରେ ମତ ଭିନ୍ନତା, ସଂଘର୍ଷ ଓ ଆଲୋଚନା ଦ୍ୱାରା ଲୋକତନ୍ତ୍ର ଶକ୍ତିଶାଳୀ ହୁଏ।

ଗାଲଟୁଙ୍ଗ୍ କହିଥିଲେ ଯେ ହିଂସା କେବଳ ଶାରୀରିକ ନୁହେଁ। ସମାଜ ଓ ରାଜନୈତିକ ପ୍ରଣାଳୀ ମଧ୍ୟରେ ଥିବା ଅନ୍ୟାୟ ବ୍ୟବସ୍ଥା ମଧ୍ୟ ହିଂସା ରୂପ। ଦାରିଦ୍ର୍ୟ, ଶିକ୍ଷାର ଅଭାବ, ଜାତିବାଦ, ଲିଙ୍ଗ ବେଦଭାବ, ଏମାନେ ଗୁପ୍ତ ହିଂସାର ଆକାର। ବିବିଧତା ହେଉଛି ପାର୍ଥକ୍ୟତାର ଏକ ଉତ୍ସବ ଏବଂ ପାର୍ଥକ୍ୟ ହେଉଛି ଗଣତନ୍ତ୍ରର ଏନଜାଇମ୍। ଗଣତନ୍ତ୍ରକୁ ବହୁସଂଖ୍ୟକବାଦର ଆବଶ୍ୟକତା ନାହିଁ। ଏହାକୁ ବହୁସଂଖ୍ୟକବାଦର ଆବଶ୍ୟକତା ଅଛି। ଗଣତନ୍ତ୍ର କେବଳ ଅଧିକାଂଶ ଲୋକଙ୍କ ସ୍ୱାର୍ଥ ପାଇଁ ନୁହେଁ, ବରଂ ସବୁଲୋକଙ୍କ ସ୍ୱାର୍ଥ ପାଇଁ ଆବଶ୍ୟକ। ଯେଉଁ ଦେଶରେ ଇଣ୍ଟରନେଟର ସୁବିଧାକୁ ରାଜନୀତିକରଣ କରାଯାଇଛି କିମ୍ବା ଦୁର୍ବଳ କରାଯାଇଛି ସେଠାରେ ନେତାମାନେ କ୍ଷମତାକୁ ଅପବ୍ୟବହାର କରିପାରିବେ ଏବଂ ବିରୋଧୀଙ୍କୁ ନିରବ କରିପାରିବେ, ସଂଖ୍ୟାଲଘୁଙ୍କୁ ଆକ୍ରମଣ କରିପାରିବେ, ଧର୍ମ ନାମରେ ବିଭେଦ ସୃଷ୍ଟିକରିପାରିବେ, ଦେଶକୁ ଋଣଗ୍ରସ୍ତକରି ନିଜର ବା ନିଜ ଦଳର ପାଣ୍ଠି ବୃଦ୍ଧି କରିପାରିବେ, ନିଜର ପରିବାରକୁ ଅଧିକ ବିତ୍ତଶାଳୀ, କ୍ଷମତାଶାଳୀ କରି ନିଜର ପ୍ରକୃତ ଦାୟିତ୍ୱ ଏଡ଼ାଇ ପାରିବେ। ଯେତେବେଳେ ରାଜନୈତିକ ନେତାମାନେ କ୍ଷମତା ହାସଲ ପାଇଁ ଗଣତନ୍ତ୍ରକୁ କେବଳ ଏକ ଉପକରଣ ଭାବରେ ବ୍ୟବହାର କରନ୍ତି ଏବଂ ଗଣତାନ୍ତ୍ରିକ ମାନଦଣ୍ଡକୁ ଦୁର୍ବଳ କରନ୍ତି, ସେତେବେଳେ ଗଣତନ୍ତ୍ର ନିଜର ସତ୍ତା ହରାଏ। ଭବିଷ୍ୟତ ଗଣତନ୍ତ୍ରକୁ ନୈତିକତାର ଏକ ନୂତନ ଭାବନା ଏବଂ ବିଜ୍ଞାନ ଅପେକ୍ଷା ଅଧିକ ଉଦ୍ଭାବନଶୀଳ ହେବା ଆବଶ୍ୟକ। ଗଣତନ୍ତ୍ରକୁ ସମୃଦ୍ଧ, ସୁରକ୍ଷିତ ଓ ଶକ୍ତିଶାଳୀ କରିବା ପାଇଁ ବିଶେଷଜ୍ଞମାନଙ୍କ ଅପେକ୍ଷା ସମସ୍ତ ନାଗରିକ ନୀତି ନିର୍ଦ୍ଧାରଣର ଏକ ଅଂଶ ହେବା ଜରୁରୀ।

ଭୁବନେଶ୍ୱର, ମୋ: ୯୪୩୭୧୨୩୮୯୨

## ବୁଭୁକ୍ଷୁର ମାନସିକତା

ପ୍ରଶାନ୍ତ ମିଶ୍ର

ଭୋକ କାହାକୁ ଛାଡ଼େ ନାହିଁ। ଜିତେନ୍ଦ୍ରିୟ ମୁନିଋଷିଙ୍କଠାରୁ ଆରମ୍ଭ କରି ସାଧାରଣ ମଣିଷ, ପଶୁ, ପକ୍ଷୀ, କୀଟ, ପତଙ୍ଗ ସମସ୍ତଙ୍କୁ ଗ୍ରାସ କରେ। ଏପରି କି ଅମୃତ ପିଇଥିବା ଅମରମାନେ ବି ଭୋକର କବଳରୁ ନିଜକୁ ବଞ୍ଚାଇ ପାରନ୍ତି ନାହିଁ। ନଡ଼ିଆ କଦଳୀଠାରୁ ଆରମ୍ଭ କରି ପଶୁପକ୍ଷୀଙ୍କ ରକ୍ତ ପର୍ଯ୍ୟନ୍ତ ବହୁଜିନିଷ ଭୋଗ ଲଗାଇ ଭକ୍ତଙ୍କୁ ତେଣୁ ସେମାନଙ୍କ କ୍ଷୁଧା ମେଣ୍ଟାଇବା ପାଇଁ ପଡ଼େ। ଏହାଛଡ଼ା ଭୋକିଲା ପ୍ରାଣୀ ଆଗରେ ପାରମ୍ପରିକ ରୀତିସମ୍ମତ ଖାଦ୍ୟର କୌଣସି ମହତ୍ତ୍ୱ ରହେ ନାହିଁ। ଯାହା ତା' ଆଖିରେ ପଡ଼େ ସେ ଖାଇଯାଏ। ଭାବେ ତା'କୁ ମିଳିଥିବା ଜିନିଷ ହିଁ ତା'ର ଖାଦ୍ୟ ଏବଂ ସେ ଖାଦ୍ୟ ଉପରେ ତା'ର ପ୍ରଥମ ଅଧିକାର। ସେଇଥିପାଇଁ ବୋଧେ କବି ସଚ୍ଚି ରାଉତରାୟ ଲେଖିଥିଲେ - 'ଖାଦ୍ୟ ଥାଉ ଯେଉଁଠାରେ ତାହା ମୋର, ଯେଣୁ ମୁଁ କ୍ଷୁଧାର୍ତ୍ତ / ଥାଉ ତାହା ପୁଲିସ ଘେରରେ ଅବା କାହା ଗୋଦାମେ ଖମାରେ ତାହା ମୋର ଅଗ୍ର ଦାବି / ମୋ କ୍ଷୁଧାର ଅଂଶ।'

ଶାସ୍ତ୍ର ବି କ୍ଷୁଧାର୍ତ୍ତ ମଣିଷର ଅପାରମ୍ପରିକ ଖାଦ୍ୟ ଭକ୍ଷଣକୁ ସମର୍ଥନ କରେ। କହେ - ଏହା ଆପଦ ଧର୍ମର ରୀତି। ଅର୍ଥାତ ଆପଦ କାଳରେ ମଣିଷ ପ୍ରତିଷ୍ଠିତ ଧର୍ମ ଓ ପରମ୍ପରା ଅନୁଯାୟୀ ବର୍ଜନୀୟ କାର୍ଯ୍ୟ ବି କରିପାରେ। ଜୀବନ ଜଟିଳ। ମଣିଷ ଜୀବନ ଜଟିଳତର। କୌଣସି କଳାଧଳା ତବାରେ ମଣିଷ ଜୀବନକୁ ରଖି ତା'ର ମୂଲ୍ୟାୟନ ସମ୍ଭବ ନୁହେଁ। ତେଣୁ ପ୍ରତିଷ୍ଠିତ ଧର୍ମ ପରମ୍ପରା ଆଧାରିତ ମୂଲ୍ୟବୋଧ ସବୁପ୍ରକାର ପରିସ୍ଥିତିର ମୁକାବିଲା ପାଇଁ ମଣିଷର ସହାୟକ ନ ହେବା ଏକ ସ୍ୱାଭାବିକ କଥା। କେତେକ ସୂତ୍ରରୁ ଜଣାପଡ଼େ ଯେ ବୁଦ୍ଧ ମାଂସାହାରକୁ ଉତ୍ସାହିତ କରୁ ନଥିଲେ। ତେବେ ଭୋକ ମେଣ୍ଟାଇବା ପାଇଁ ଭିକ୍ଷା ରୂପେ ଯାହା ବି ମିଳୁଥିଲା ତା'କୁ ଗ୍ରହଣ କରିବାରେ କୌଣସି ଆପତ୍ତି ନଥିଲା ତାଙ୍କର। ଭିକ୍ଷା ରୂପେ ମିଳିଥିବା ଦୂଷିତ ଘୁଷୁରି ମାଂସରେ ପ୍ରସ୍ତୁତ ଖାଦ୍ୟ ହିଁ ବୁଦ୍ଧଙ୍କ ମୃତ୍ୟୁର କାରଣ ହୋଇଥିଲା।

ମଧ୍ୟଯୁଗୀୟ ୟୁରୋପରେ ଖାଦ୍ୟାଭାବ ବେଳେ ଲୋକମାନେ ଘାସ, ବଣୁଆ ଗୁଳ୍ମ, ଗଛର ବକ୍କଳ ପ୍ରଭୃତି ଖାଉଥିଲେ। ଯୁଦ୍ଧ ଓ ଦୁର୍ଭିକ୍ଷ ସମୟରେ କ୍ଷୁଧାର୍ତ୍ତ ମଣିଷକୁ ମୂଷା, ବିଲେଇ ଶିକାର କରି ଏବଂ ଚମଡ଼ା ସିଝାଇ ଖାଇବାକୁ ପଡୁଥିଲା। ୧୯୪୩ର 'ବେଙ୍ଗଲ୍ ଦୁର୍ଭିକ୍ଷ' ବେଳେ ଆଉ ଘଡ଼ିଏ ବଞ୍ଚି ରହିବା ପାଇଁ ଲୋକମାନେ ଅଖାଦ୍ୟ ଖାଉଥିଲେ ବା ଭୋକରେ ଛଟପଟ ହୋଇ ମରୁଥିଲେ। ଆଜି ବି ଭୋକରେ ମଣିଷ ମରୁଛି। ବୈଶ୍ୱିକ କ୍ଷୁଧାସୂଚୀ(ଗ୍ଲୋବାଲ୍ ହଙ୍ଗେର୍ ଇଣ୍ଡେକ୍ସ - ଜିଏଚ୍ଆଇ) ର ଆକଳନ ଅନୁସାରେ ଭାରତ ଗୁରୁତର କ୍ଷୁଧା (ସିରିଅସ୍ ହଙ୍ଗର୍) ଶ୍ରେଣୀଭୁକ୍ତ। ଜନସଂଖ୍ୟାର ଏକ ବୃହତ୍ତର ଅଂଶ କ୍ଷୁଧାପୀଡ଼ିତ ଏ ଦେଶରେ। ୨୦୨୪ରେ ୧୨୭ ଦେଶକୁ ନେଇ ଜିଏଚ୍ଆଇ ଦ୍ୱାରା ଜାରି ସୂଚୀରେ ଭାରତର ସ୍ଥାନ ୨୭.୩ ପଏଣ୍ଟ ସହ ୧୦୫ତମ ସ୍ଥାନରେ ଥିଲା। ୨୦୨୫ରେ ବି ସେଥିରେ ବିଶେଷ କିଛି ପରିବର୍ତ୍ତନ ଆସିନାହିଁ। ୧୨୩ ଦେଶକୁ ନେଇ ଜିଏଚ୍ଆଇ ଦ୍ୱାରା ଜାରି ସୂଚୀରେ ଭାରତ ରହିଛି ୧୦୨ତମ ସ୍ଥାନରେ, ସେଇ ଗୁରୁତର କ୍ଷୁଧା ଶ୍ରେଣୀରେ।

ଏକ ରିପୋର୍ଟ ଅନୁଯାୟୀ ଭାରତର ୧୮୯.୨ ନିୟୁତ ଲୋକ ପେଟରେ ଭୋକର ନିଆଁ ନେଇ ରାତିରେ ଶୋଯକୁ ଯାଆନ୍ତି। ଏମାନଙ୍କ ଭିତରେ ଶିଶୁ ଓ ମହିଳାଙ୍କ ସଂଖ୍ୟା ଅଧିକ। ଦାରିଦ୍ର୍ୟ, ଅସମାନତା, ଦୁର୍ନୀତି, ଖାଦ୍ୟର ସୀମିତ ସାନ୍ନିଧ୍ୟ, କୃଷି ଓ ଜୀବିକା ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ, ବେରୋଜଗାରୀ, ଦୁର୍ବଳ ପିଡିଏସ୍ ବ୍ୟବସ୍ଥା, ବିଷମ ସରକାରୀ ସହାୟତା ପ୍ରଭୃତି ଏହାର କାରଣ। ବିଶେଷକରି ଦୁର୍ଗମ ଗ୍ରାମାଞ୍ଚଳ ଓ ଦାରିଦ୍ର୍ୟ ପ୍ରପୀଡ଼ିତ ସହରୀ ବସ୍ତିମାନଙ୍କରେ ଭୋକର ସମସ୍ୟା ଉତ୍କଟ। ତେବେ ଏକଥା ସତ ଯେ ଭୋକ କୌଣସି ଗ୍ରାମୀଣ କି ଆର୍ଥିକ ସମସ୍ୟା ନୁହେଁ। ଏହା ମଣିଷହିତ ବିରୋଧୀ ଏକ ସଙ୍କଟ ଏବଂ ଏହାର ନିରାକରଣ ଜରୁରୀ।

ଯେଉଁମାନେ ଖାଦ୍ୟାଭାବ କ'ଣ ଜାଣନ୍ତି ନାହିଁ ସେମାନେ ଭିନ୍ନ ଜାତିର ମଣିଷ। ବିଶ୍ୱ ଅସମାନତା ଲ୍ୟାବ ଦ୍ୱାରା ମାର୍ଚ୍ଚ ୨୦୨୪ରେ କରାଯାଇଥିବା ଏକ ସର୍ବେକ୍ଷଣ ଅନୁସାରେ ଦେଶ ସମ୍ପତ୍ତିର ୪୦.୧ ପ୍ରତିଶତ ସେମାନଙ୍କ ପାଖରେ। ଅନ୍ୟ କେତେକ ରିପୋର୍ଟ ମୁତାବକ ଏହା ୬୦ ପ୍ରତିଶତ। ଇଂରାଜୀରେ କହିଲେ ସେମାନେ 'ଅଲଟ୍ରାହାଇ ନେଟ୍ ୱର୍ଥ(ୟୁଏଚ୍ଏନ୍‌ଡବ୍ଲ୍ୟୁ) ଓ ହାଇ ନେଟ୍‌ୱର୍ଥ(ଏଚ୍ଏନ୍‌ଡବ୍ଲ୍ୟୁ) ଶ୍ରେଣୀର ବ୍ୟକ୍ତି। ମତର୍ଣ୍ଣ ବୁର୍ଜୁଆ, ରାଜନୀତ. ଅର୍ଥନୀତି, ଶାସନ, ପ୍ରଶାସନ, ସାହିତ୍ୟ, ସଂସ୍କୃତି, ଗଣମାଧ୍ୟମ, ଧର୍ମ ସବୁକିଛି ଉପରେ ସେମାନଙ୍କ ପ୍ରଭାବ ବା ପ୍ରଭାବର ଛାଇ।

କାଶୀନଗର(ଗଜପତି)ମୋ: ୭୮୭୩୫୭୩୫୬୯

## ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

### ଇନ୍ଦ୍ରମାରିଷ

ସୌଭାଗ୍ୟସୁନ୍ଦର

ଇନ୍ଦ୍ରମାରିଷ ହେଉଛି ଭାରତର ମୂଳଜାତ ଏକ କ୍ଷୁଦ୍ର ଉଦ୍ଭିଦ, ଯାହା ବର୍ତ୍ତମାନ ସାରାବିଶ୍ୱରେ ଉଷ୍ମମଣ୍ଡଳୀୟ ଓ ଉପ ଉଷ୍ମମଣ୍ଡଳୀୟ ଅଞ୍ଚଳରେ ବଢ଼ିଥାଏ। ଏହା ବଗିଚାରେ ଏକ ଉତ୍କୃଷ୍ଟ ଶୋଭା ବର୍ଦ୍ଧକ ହେଜ୍ ବା ବାଡ଼ ଉଦ୍ଭିଦ ଅଟେ। ଗୃହ ଆଭ୍ୟନ୍ତରୀଣ ଉଦ୍ଭିଦ ଭାବରେ ଇନ୍ଦ୍ରମାରିଷ ବାୟୁପ୍ରଦୂଷଣକୁ ଛାଣିବାରେ ସାହାଯ୍ୟ କରେ। ଏହା ସମୁଦ୍ର ପତ୍ତନଠାରୁ ୧୩୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ସ୍ଥାନରେ ଅନାବନା ଜମି, ରାସ୍ତା ପାର୍ଶ୍ୱ, ପଥୁରିଆ ପାହାଡ଼, ଜଙ୍ଗଲ ଦାଢ଼. ନଦୀ କୂଳ, କାନ୍ଥ ଫାଟରେ ବଢ଼ିଥାଏ।

ଇନ୍ଦ୍ରମାରିଷ ଏକ ଋତୁଭିତ୍ତିକ ବା ବର୍ଷବ୍ୟାପୀ ଶାଖାଯୁକ୍ତ କ୍ଷୁପ ବା କ୍ଷୁଦ୍ର ଗୁଳ୍ମ। ପ୍ରାୟ ୩ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢୁଥିବା ଏହି ଗୁଳ୍ମର କାଣ୍ଡ ରେଖାଯୁକ୍ତ ଓ ନରମ କେଶଯୁକ୍ତ। ପତ୍ରଗୁଡ଼ିକ ଅଣ୍ଡାକାର ଆକାରର ଏବଂ ସବୁଜ, ଲାଲ, ଗୋଲାପୀ, ହଳଦିଆ କିମ୍ବା ତମ୍ବା ରଙ୍ଗର ବିଭିନ୍ନ ବର୍ଣ୍ଣରେ ଆସିଥାଏ। ପତ୍ର ତେଙ୍ଗ ଲମ୍ବା, ପତ୍ରର ଧାର ମୂଳତଃ ୫ ଶିରା ବିଶିଷ୍ଟ ଏବଂ ତୀକ୍ଷ୍ଣ ବା କରତ-ଦନ୍ତି। ଏହାର ଅନନ୍ୟ ବହୁ ରଙ୍ଗୀ ପତ୍ର ପ୍ରଜାପତି ଏବଂ ବିଭିନ୍ନ ପକ୍ଷୀଙ୍କୁ ଆକର୍ଷିତ କରେ, ଯାହା ପରାଗ ସଙ୍ଗମରେ ସାହାଯ୍ୟ କରେ। କକ୍ଷରେ ଅବସ୍ଥିତ ପୁଷ୍ପୋଦ୍‌ଗମ କପ୍ ଆକୃତିର କୁଣ୍ଡଳି ଦ୍ୱାରା ଘୋଡ଼ାଇ ହୋଇ ରହିଥାଏ। ଅଣ୍ଡିରା ଫୁଲଗୁଡ଼ିକ ଛୋଟ, ଧଳା-ସବୁଜ ରଙ୍ଗର ଗୁଳ୍ମର ଉପର ଭାଗରେ ଏବଂ ମାଈ ଫୁଲଗୁଡ଼ିକ ସବୁଜ ରଙ୍ଗର ତଳ ଭାଗରେ ଅବସ୍ଥିତ। ଫଳ ୩-ଲୋବ ବା ପାଳ ବିଶିଷ୍ଟ।

ଇନ୍ଦ୍ରମାରିଷର ଅନେକ ପାରମ୍ପରିକ ଔଷଧୀୟ ବ୍ୟବହାର ଅଛି। ତାମିଲ ସିଦ୍ଧ ଔଷଧୀୟ ଶାସ୍ତ୍ରରେ ଇନ୍ଦ୍ରମାରିଷ ଉଚ୍ଚ ସ୍ଥାନ ଅଧିକାର କରେ। କାରଣ ଏହା ଶରୀରକୁ ପୁନର୍ଜୀବିତ କରେ ବୋଲି ବିଶ୍ୱାସ କରାଯାଏ। ଭାରତର ପାରମ୍ପରିକ ଔଷଧରେ ଏହାର ପତ୍ରଗୁଡ଼ିକୁ ଜଣ୍ଡିସ୍ ପ୍ରତିକାର ଭାବରେ ବ୍ୟବହୃତ କରାଯାଏ। ଏହାଛଡ଼ା ଆଜମା, ନିମୋନିଆ, କଫ, ଯକୃତ, ବୃକ୍କ, ଅନ୍ତନଳୀ କୃମି, ପେଟ ଯନ୍ତ୍ରଣା ....... ଆଦି ଚିକିତ୍ସାରେ ଏହା ଅନେକ ପ୍ରଭାବଶାଳୀ ଔଷଧୀ। ମାଡାଗାସ୍କର ଓ ମରିସସରେ ଏହାର ପତ୍ରର ଚୂର୍ଣ୍ଣ ଓ ରସକୁ ଲୁଣ ସହିତ ମିଶ୍ରିତ କରି କିମ୍ବା କାଢ଼ା କରି କାଛୁ କୁଣ୍ଡେଇ ଘା' ଏବଂ ଅନ୍ୟାନ୍ୟ ଚର୍ମ ରୋଗ ଚିକିତ୍ସା ପାଇଁ ବ୍ୟବହାର କରାଯାଏ। ମାଡାଗାସ୍କରରେ ପତ୍ରର ଆବରଣକୁ ଶୁଦ୍ଧକାରୀ ଏବଂ ସିନ୍ଦୂର ଭାବରେ ମଧ୍ୟ ନିଆଯାଏ। ପୂର୍ବଆଫ୍ରିକାରେ ପତ୍ରର ରସକୁ ଆଖି ସଂକ୍ରମଣ ପାଇଁ ବ୍ୟବହାର କରାଯାଏ। ପତ୍ର ପାଉଡରକୁ ମାଗଟ ବା କୀଟ-ଆକ୍ରାନ୍ତ କ୍ଷତ ପାଇଁ ବ୍ୟବହାର କରାଯାଏ। ଏହାର କ୍ୱାଥ ରେଚକ ଅଟେ। ଏଥିରୁ ପ୍ରସ୍ତୁତ ହୋମିଓପାଥି ଔଷଧ ରକ୍ତ କାଶ, ଅର୍ଶ ରୋଗ, ବାୟୁ ଦୋଷ ଚିକିତ୍ସା ପାଇଁ ଉପଯୋଗୀ ଅଟେ।

ଆଫ୍ରିକା ଓ ଭାରତରେ ଏହି ଗଛକୁ ଖାଦ୍ୟ ଭାବରେ ମଧ୍ୟ ବ୍ୟବହାର କରାଯାଉଥିବା ଜଣାଯାଏ। କିନ୍ତୁ ଏଥିରେ ଅନେକ ଆଲକାଲଏଡ୍ ସହିତ ହାଇଡ୍ରୋସାଇନିକ୍ ଏସିଡ୍ ରହିଥିବାରୁ ଖାଇବା ବେଳେ ସତର୍କତା ଅବଲମ୍ବନ କରିବା ଆବଶ୍ୟକ।

ଇନ୍ଦ୍ରମାରିଷରେ ଆକାଲିଫିନ୍ ନାମକ ଏକ ସାଇନୋଜେନିକ୍ ଗ୍ଲାଇକୋସାଇଡ୍ (ଏକ ୩-ସାଇନୋପାଇରିଡୋନ୍ ଡେରିଭେଟିଭ୍) ଏବଂ ଫ୍ଲାଭୋନଏଡ୍ସ, ଯେପରିକି କ୍ୟାମ୍ପଫେରୋଲ୍, ଗ୍ଲାଇକୋସାଇଡ୍ ମୌରିଟିଆନିନ୍, କ୍ଲିଟୋରିନ୍, ନିକୋଟିଫ୍ଲୋରିନ୍ ଏବଂ ବାୟୋରୋବିନ୍ ଥାଏ। ଟ୍ୟାନିନ୍, ବିଟା-ସିଟୋଷ୍ଟେରୋଲ୍, ଆକାଲିଫାମାଇଡ୍, ଅରାଣ୍ଟିଆମାଇଡ୍, ସକ୍ସିନିମାଇଡ୍ ଏବଂ ଫ୍ଲିଣ୍ଡର୍ସିନ (ଏକ ପାଇରାନୋକ୍ୱିନୋଲିନୋନ୍ ଆଲକାଲଏଡ୍) ମଧ୍ୟ ଏଥିରୁ ପୃଥକ କରାଯାଇଛି। ଇନ୍ଦ୍ରମାରିଷ ସମେତ ଅନେକ ଉଦ୍ଭିଦର ଉଷ୍ମତା ଦ୍ୱାରା ବିଲେଇମାନେ ଆକର୍ଷିତ ହୋଇଥାନ୍ତି ଏବଂ ସେମାନେ ସେଗୁଡ଼ିକର ଗନ୍ଧ ବାସନା ପ୍ରତିକ୍ରିୟାରେ ଆନନ୍ଦଦାୟକ ଆଚରଣ ପ୍ରଦର୍ଶନ କରନ୍ତି। ବିଲେଇମାନଙ୍କୁ ଆକର୍ଷିତ କରୁଥିବା ଏଥିରେ ରହିଥିବା ରାସାୟନିକ ପଦାର୍ଥ ଗୁଡ଼ିକ ହେଉଛି ଇରିଡୋଇଡ୍ ଯୌଗିକ ଆଇସୋଡାଇଡ୍ରୋନପେଟାଲାକ୍ଟନ୍ ଏବଂ ଆଇସୋଇରିଡୋମାଇର୍ମେସିନ୍।

ଇନ୍ଦ୍ରମାରିଷ ବିହନ ଦ୍ୱାରା ବଂଶ ବିସ୍ତାର କରାଯାଇପାରିବ। ଏହାକୁ ସର୍ବଦା ଉଜ୍ଜ୍ୱଳ ସୂର୍ଯ୍ୟକିରଣ, ମଧ୍ୟମ ତାପମାତ୍ରା, ପର୍ଯ୍ୟାପ୍ତ ପାଣି ଏବଂ ଆର୍ଦ୍ରତା ଉପଲବ୍ଧତା ବ୍ୟତୀତ ବିଶେଷ ଯତ୍ନର ଆବଶ୍ୟକତା ନାହିଁ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୀତବାସ ହତ୍ୟାକାଣ୍ଡ: ଜେରାରେ ସୀମିତ ରହିଯିବ କି ତଦନ୍ତ

ବ୍ରହ୍ମପୁର, ୧୯।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ସର୍ବସମ୍ମୁଖରେ ଗୁଳି କରି ହତ୍ୟା ଘଟଣାକୁ ଦୁଇ ସପ୍ତାହ ବିତିଗଲାଣି। ତଥାପି ଏଯାଏ ଅପରାଧୀଙ୍କ ଟେର୍ ପାଉନି ପୁଲିସ। ୭୦ରୁ ଅଧିକ ସିସିଟିଭି ଫୁଟେଜ୍ ଯାଞ୍ଚ ସହ ସନ୍ଦେହରେ ଶତାଧିକ ବ୍ୟକ୍ତିଙ୍କୁ ଅଟକ ରଖି ଜେରା କରିସାରିଲାଣି। କିଛି ଦିନ ତଳେ ହତ୍ୟା ଘଟଣାରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହୋଇଥିବା ନେଇ ଖୋଦ୍ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଗଣମାଧ୍ୟମଙ୍କୁ ସୂଚନା ଦେଇଥିଲେ। କିନ୍ତୁ ଏହା ପରେ ମଧ୍ୟ କାହାରିକୁ ଗିରଫ କରାନଯିବା କିମ୍ବା କୌଣସି

- ଦୁଇ ସପ୍ତାହ ପରେ ବି ମୁହଁ ଖୋଲୁନି ପୁଲିସ
- ନିରବତାକୁ ନେଇ ଉଠିଲା ପ୍ରଶ୍ନ?
- ମୁଖ୍ୟ କାର୍ପଟଦାରକୁ ଖସାଇବାକୁ ହେଉଛି କି ଯୋଜନା?

ଠୋସ୍ ପ୍ରମାଣ ନମିଳିବା ସମସ୍ତଙ୍କୁ ଚକିତ କରିଛି। ଅପରପକ୍ଷେ ଏହି ହାଇପ୍ରୋଫାଇଲ୍ ହତ୍ୟାକାଣ୍ଡରେ ସମସ୍ତଙ୍କ ନିରବତା, ସାଧାରଣରେ ଭିନ୍ନ ଭିନ୍ନ ଚର୍ଚ୍ଚାକୁ ଖୋରାକ୍ ଯୋଗାଇଲାଣି। ଖୋଦ୍ ତଦନ୍ତକାରୀ ପୁଲିସ ଗଣମାଧ୍ୟମକୁ କୌଣସି ସୂଚନା ନଦେଇ ଅନ୍ଧାରରେ ରଖୁଥିବା ବେଳେ ଶାସକ ବିଜେପି ଦଳ ଏବଂ ରାଜ୍ୟର ଆଇନଜୀବୀମାନେ ଚୁପ୍ ରହିବା ଉପରେ ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ।

ପୀତବାସ ଖାଲି ଜଣେ ଆଇନଜୀବୀ ନଥିଲେ, ସେ ରାଜ୍ୟ ଆଇନଜୀବୀ ପରିଷଦ ନିର୍ବାଚନରେ ସର୍ବୋଚ୍ଚ ଭୋଟ୍ ପାଇ ନିର୍ବାଚିତ ହୋଇଥିବା ଜଣେ ସଦସ୍ୟ। ସେହିପରି ବିଜେପିର ଜଣେ ଆଗଧାଡ଼ିର ରାଜନେତା। ଖାଲି ସେତିକି ନୁହେଁ, ଜଣେ ଶ୍ରମିକ ନେତା ସହ ରାଜ୍ୟ କ୍ୟାବିନେଟ୍‌ର ଖଣି ଓ ପରିବହନ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱରେ ଥିବା ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅତ୍ୟନ୍ତ ଘନିଷ୍ଠ ଥିଲେ। ପୀତବାସ ମନ୍ତ୍ରୀଙ୍କ କେତେ ଖାସ୍ ଥିଲେ, ତାହା ପୀତବାସଙ୍କ ହତ୍ୟା ଘଟଣା ଦିନ ମନ୍ତ୍ରୀ ଶ୍ରୀ ଜେନାଙ୍କ ଦୀର୍ଘ ସମୟର ଉପସ୍ଥିତି ଓ ଦ୍ୱାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଓ ଭୋଜି ଆୟୋଜନରୁ ସ୍ପଷ୍ଟ ପ୍ରମାଣିତ ହୋଇସାରିଛି। ସେହିଭଳି ରାଜ୍ୟ ଆଇନଜୀବୀ ପରିଷଦର ଜଣେ ପ୍ରମୁଖ ସଦସ୍ୟ ଭାବେ ପୀତବାସଙ୍କ ପ୍ରତି ସମଗ୍ର ରାଜ୍ୟର ଆଇନଜୀବୀଙ୍କର ମଧ୍ୟ ସମବେଦନା ରହିଛି।

ଏହି ହତ୍ୟା ମାମଲାରେ ରାଜ୍ୟ ଆଇନଜୀବୀ ପରିଷଦ ସମେତ ସୁପ୍ରିମକୋର୍ଟ ଓକିଲ ସଂଘ ଅଧ୍ୟକ୍ଷ ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଘଟଣାକୁ ତୀବ୍ର ନିନ୍ଦା କରିଥିଲେ। ରାଜ୍ୟବ୍ୟାପୀ ଓକିଲଙ୍କ ଦିନିକିଆ କଲମଛାଡ଼ ଆନ୍ଦୋଳନ ସହ ୪୮ ଘଣ୍ଟାର ମହଲତ ଦେଇ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ଏପରିକି, ଅପରାଧୀଙ୍କୁ ତୁରନ୍ତ ଗିରଫ କରିବା ଓ ରହସ୍ୟ ଉନ୍ମୋଚନ କରିବା ଦାବିରେ ଗଞ୍ଜାମ ଓକିଲ ସଂଘର ଆଇନଜୀବୀମାନେ ପଦଯାତ୍ରା କରି ଦକ୍ଷିଣାଞ୍ଚଳ ପୁଲିସ ଆଇଜି ନୀତିଶେଖରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ।

ତେବେ ହତ୍ୟାକାଣ୍ଡ ପରେ ଉଭୟ ଆଇନଜୀବୀ ଓ ଶାସକ ବିଜେପି ଦଳ ପକ୍ଷରୁ ଯେଉଁଭଳି ଭାବେ ତତ୍ପରତା ପ୍ରକାଶ ପାଉଥିଲା, ବର୍ତ୍ତମାନ ପରିସ୍ଥିତିରେ ସମସ୍ତେ ଚୁପ ରହିବା ଏକ ବ୍ୟତିକ୍ରମ ଓ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ସେପଟେ ପୁଲିସର ନିରବତା କେବେ ଭାଙ୍ଗିବ ଓ ହତ୍ୟାକାଣ୍ଡ ଘଟଣାର ରହସ୍ୟ ଉନ୍ମୋଚିତ ହେବ, ତାକୁ ନେଇ ମଧ୍ୟ ସାଧାରଣରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି।

ଏହି ମାମଲାରେ ପୁଲିସ ୬ଟି ସ୍ୱତନ୍ତ୍ର ଟିମ୍ ଗଠନ କରି ରାଜ୍ୟ ତଥା ରାଜ୍ୟ ବାହାରେ ତନାଘନା କରିବା ସହ ବହୁ ବ୍ୟକ୍ତିଙ୍କୁ ପଚରାଉଚରା କରିଛି। ୯ଜଣଙ୍କୁ ଅଟକ ରଖି ମଧ୍ୟ ଜେରା କରୁଛି। ତେବେ ଦୀର୍ଘ ଦୁଇ ସପ୍ତାହ ପରେ ମଧ୍ୟ ପୁଲିସ କୌଣସି ସୂଚନା ଦେବା ତ ଦୂରର କଥା, ଓଲଟି ମୁହଁ ନ ଖୋଲିବା ସମସ୍ତଙ୍କ ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରିଛି। ଘଟଣାର ମୁଖ୍ୟ କାର୍ପଟଦାରଙ୍କୁ ଖସାଇବା କିମ୍ବା ରାଜନୈତିକ ଚାପରେ ପୁଲିସ ଘଟଣାକୁ ଚପାଇବାକୁ ଅଥବା ଭିନ୍ନମୋଡ଼ ଦେବାକୁ ଉଦ୍ୟମ କରୁଛି କି ବୋଲି ମଧ୍ୟ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

ଏହି ଘଟଣାରେ କେବଳ କେଇଁ ବ୍ୟକ୍ତିଙ୍କୁ ଅଟକ ରଖି ଜେରା କରାଯିବା ଛଡ଼ା ଅନ୍ୟ କିଛି ଅଗ୍ରଗତି ହୋଇନଥିବା ଦର୍ଶାଇ ଗଞ୍ଜାମ ଓକିଲ ସଂଘର ବହୁ ଆଇନଜୀବୀଙ୍କ ମଧ୍ୟରେ ତଦନ୍ତକୁ ନେଇ ଅସନ୍ତୋଷ କୁହୁଳୁଛି। ଏଣୁ, ପୁଲିସ ତୁରନ୍ତ ଘଟଣାର ପର୍ଦ୍ଦାଫାସ କରି ରହସ୍ୟ ଉନ୍ମୋଚନ କରୁ ବୋଲି ସାଧାରଣରେ ଆଲୋଚନା ହେଉଛି। ତେବେ ହତ୍ୟାକାଣ୍ଡ ଭଳି ଘଟଣାରେ ଯେଉଁଭଳି ଜଣେ ନିରୀହ ବ୍ୟକ୍ତିଙ୍କୁ ନ ଫସାଇ ଘଟଣାର ଉଚିତ ତଦନ୍ତ କରି ପ୍ରକୃତ ଦୋଷୀଙ୍କୁ ଦଣ୍ଡିତ କରିବା ଦିଗରେ ପୁଲିସ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁ ବୋଲି ମଧ୍ୟ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# କମୁଛି ଶିକ୍ଷା ଦିବସ

## ଚଳିତବର୍ଷ ନୂଆଁଖାଇ ଓ ଦୀପାବଳିରେ ୨ଟି ଅତିରିକ୍ତ ଛୁଟି

ଭୁବନେଶ୍ୱର,୧୯ ।୧୦(ସମିସ): ଦୀପାବଳି ପାଇଁ ଆସନ୍ତାକାଲି ଅର୍ଥାତ୍ ସୋମବାରକୁ ଛୁଟି ଦିବସ ଭାବେ ଘୋଷଣା କରାଯାଇଛି। ପୂର୍ବରୁ ମଙ୍ଗଳବାରକୁ ଛୁଟି ଦିବସ ଭାବେ ଘୋଷଣା କରାଯାଇଥିବାରୁ ଉଭୟ ସୋମବାର ଓ ମଙ୍ଗଳବାର ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ଏହା

- ଗ୍ରୀଷ୍ମ ପ୍ରବାହ ପାଇଁ ବର୍ଷକୁ ପ୍ରାୟ ୧୫ଦିନ ପଢ଼ା ବାଧାପ୍ରାପ୍ତ
- ସ୍ୱଳ୍ପ ସମୟରେ ସମ୍ପୂର୍ଣ୍ଣ ଶିକ୍ଷାଦାନ ପାଇଁ ଚାପଗ୍ରସ୍ତ ଛାତ୍ରଛାତ୍ରୀ

ପୂର୍ବରୁ ନୂଆଁଖାଇ ସମୟରେ ମଧ୍ୟ ସରକାର ଗୋଟିଏ ଦିନ ଅତିରିକ୍ତ ଛୁଟି ପ୍ରଦାନ କରିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ପାଇଁ ବର୍ଷକୁ ବର୍ଷ ଖରାଛୁଟି ବଢ଼ିବାରେ ଲାଗିଛି ଓ ଭିଭିଆଇପିଙ୍କ ଭୁବନେଶ୍ୱର ଗସ୍ତ ସମୟରେ ବିଏମ୍‌ସି ଅଞ୍ଚଳର ବିଦ୍ୟାଳୟକୁ ଅଧାରେ ବନ୍ଦ କରିଦିଆଯାଉଛି। ଫଳରେ ଶିକ୍ଷା ଦିବସ କମିବା ସହ ଶିକ୍ଷାଦାନ ଓ ପାଠପଢ଼ା ବାଧାପ୍ରାପ୍ତ ହେଉଛି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କ୍ୟାଲେଣ୍ଡର ଅନୁଯାୟୀ ଚଳିତ ବର୍ଷ ମେ ୬ ତାରିଖ ଠାରୁ ଜୁନ୍ ୧୯ ତାରିଖ ପର୍ଯ୍ୟନ୍ତ ଖରାଛୁଟି ପାଇଁ ପୂର୍ବରୁ ନିର୍ଦ୍ଧାରିତ କରାଯାଇଛି। ହେଲେ ଗ୍ରୀଷ୍ମ ପ୍ରବାହ ପାଇଁ ନିର୍ଦ୍ଧାରିତ ସମୟର ୧୩ ଦିନ ପୂର୍ବରୁ ଖରାଛୁଟି ଘୋଷଣା ହୋଇଥିଲା। ସେହିପରି ୨୦୨୪-୨୫ ଶିକ୍ଷାବର୍ଷରେ ମଧ୍ୟ ୧୨ ଦିନ ପୂର୍ବରୁ ବିଦ୍ୟାଳୟ ଗୁଡ଼ିକ ଛୁଟି କରାଯାଇଥିଲା। ଅଧିକ ଖରା ପ୍ରଭାବିତ ଜିଲ୍ଲାରେ ଅଧିକ ୩ଦିନ ଛୁଟି କରିଥିଲେ ଜିଲ୍ଲାପାଳ। ଫଳରେ ୧୨ରୁ ୧୫ ଦିନ ପର୍ଯ୍ୟନ୍ତ ପାଠପଢ଼ା ବନ୍ଦ ହେଲା। ୨୦୨୩-୨୪ ଶିକ୍ଷା ବର୍ଷରେ ଏପ୍ରିଲ୍ ୨୧ ତାରିଖରୁ ଅର୍ଥାତ୍ ନିର୍ଦ୍ଧାରିତ ଛୁଟି ଦିବସର ୧୫ ଦିନ ପୂର୍ବରୁ ଛୁଟି ହୋଇଥିଲା। ଖରା ପାଇଁ ନିର୍ଦ୍ଧାରିତ ସମୟର ୩ଦିନ ପରେ ବିଦ୍ୟାଳୟ ଖୋଲିଥିଲା। ଫଳରେ ମୋଟ୍ ୧୮ ଦିନ ଛୁଟି ହେବା ସହ ଶିକ୍ଷାଦିବସ କମିଥିଲା। ଏହା ସହ ବିଭିନ୍ନ ସମୟରେ ପ୍ରବଳ ବର୍ଷା ବା ପବନ ଭୟ ଯୋଗୁଁ ସରକାର ସ୍କୁଲ କଲେଜ ଛୁଟି ଘୋଷଣା କରୁଛନ୍ତି।

ବର୍ଷକୁ ହାରିହାରି ୧୫ ଦିନ ପାଠପଢ଼ା ବନ୍ଦ ହେଉଛି। ପୂର୍ବପରି ପାଠ୍ୟକ୍ରମ ସମାନ ରହିଥିବାବେଳେ ଶିକ୍ଷାଦାନ ପାଇଁ କାର୍ଯ୍ୟଦିବସ କମୁଛି। ଫଳରେ ସିଲାବସ୍ ଠିକ୍ ସମୟରେ ସରିବ ନାହିଁ। ସ୍ୱଳ୍ପ ସମୟରେ ସମ୍ପୂର୍ଣ୍ଣ ପାଠପଢ଼ା ହେଉଥିବାରୁ ତାହା ଛାତ୍ରଛାତ୍ରୀଙ୍କୁ ଚାପଗ୍ରସ୍ତ କରିବ। ଛୁଟି ଦିନକୁ ଭରଣା କରିବା ପରିବର୍ତ୍ତେ ଅତିରିକ୍ତ ଛୁଟି ହେଉଥିବାରୁ ପାଠପଢ଼ା ପ୍ରତି 'ବେଢି ଉପରେ କରୋଢ଼ା' ସଦୃଶ ହେଉଛି। ଏଣୁ ପାଠପଢ଼ାକୁ ବ୍ୟବସ୍ଥିତ ଓ ସୁଦୃଢ଼ କରିବା ପାଇଁ ଅତିରିକ୍ତ ଛୁଟି ବଦଳରେ ଅଧିକ ଶିକ୍ଷା ଦିବସ ସୃଷ୍ଟି କରିବାକୁ ଶିକ୍ଷାବିତ୍‌ଙ୍କ ସମେତ ଅଭିଭାବକମାନେ ଦାବି କରିଛନ୍ତି।

# ମାଓ କମାଣ୍ଡର ସୁନୀଲର ଆତ୍ମସମର୍ପଣ !

ନୂଆପଡ଼ା,୧୯ ।୧୦(ସମିସ): ନୂଆପଡ଼ା ଜିଲ୍ଲା ଛତିଶଗଡ଼ ସୀମାନ୍ତ ଗରିଆବନ୍ଧ ପୁଲିସ ନିକଟରେ ଛତିଶଗଡ଼-ଗରିଆବନ୍ଧ ମାଓ କମାଣ୍ଡର୍ ସୁନୀଲ ଆତ୍ମସମର୍ପଣ କରିଥିବା ଚର୍ଚ୍ଚା ହେଉଛି। ଖାଲି ସେତିକି ନୁହେଁ, ସେ କୋମନା ଏବଂ ଏସଡିକେ-ସୀତାନଦୀ କ୍ୟାଡର୍‌ମାନଙ୍କୁ ମଧ୍ୟ ଆତ୍ମସମର୍ପଣ କରିବାକୁ ଆହ୍ୱାନ କରିଥିବା କୁହାଯାଉଛି। ଏକ ନିର୍ଭରଯୋଗ୍ୟ ସୂତ୍ରରୁ ସୁନୀଲ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଥିବା ବେଳେ ପୁଲିସ ପକ୍ଷରୁ କିନ୍ତୁ ଏ ସଂପର୍କରେ କୌଣସି ଘୋଷଣା କରାଯାଇନାହିଁ। ଅପରପକ୍ଷେ, ଏବେ ଏକ ପୋଷ୍ଟର୍ ଚର୍ଚ୍ଚାର ପରିସରକୁ ଆସିଛି। ପୋଷ୍ଟରଟି ସୁନୀଲ ଜାରି କରିଥିବା କୁହାଯାଉଛି। ସେଥିରେ ଉଲ୍ଲେଖ କରାଯାଇଛି ଯେ 'ମୁଁ ପୁଲିସ ନିକଟରେ ଆତ୍ମସମର୍ପଣ କରୁଛି ଏବଂ ବାକି ବନ୍ଧୁମାନେ ମଧ୍ୟ ଏଥିରେ ସାମିଲ ହୁଅନ୍ତୁ' ବୋଲି ସୁନୀଲଙ୍କ ନାମରେ ନିବେଦନ କରାଯାଇଛି। ଏହି ପୋଷ୍ଟର୍ ଓଡ଼ିଶା-ଛତିଶଗଡ଼ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଭାଇରାଲ ହେବାରେ ଲାଗିଛି।

# ବିଜେପି ସମାବେଶର ବଳକା ଖାଦ୍ୟ ଖାଇ ୧୩ ଗୋରୁ ମୃତ

## କ୍ଷତିପୂରଣ ପାଇଁ ଦାବି କରିଛନ୍ତି ଗ୍ରାମବାସୀ

ନୂଆପଡ଼ା, ୧୯ ।୧୦ (ସମିସ): ସ୍ଥାନୀୟ ଖରିଆରରୋଡ୍ ଗୌତମ ଛକସ୍ଥିତ ଏୟାରଷ୍ଟ୍ରିପ୍ ପଡ଼ିଆ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ସଙ୍କଳ୍ପ ସମାବେଶ ଶେଷ ହେବା ପରେ ଫିଙ୍ଗି ଦିଆଯାଇଥିବା ବଳକା ଖାଦ୍ୟ ଖାଇ ୧୩ ଗୋରୁଙ୍କ ମୃତ୍ୟୁ ଘଟିଥିବା ବେଳେ ୩୦ରୁ ଉର୍ଦ୍ଧ୍ୱ ଗୁରୁତର ହୋଇଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ

**ସ୍ୱଚ୍ଛତା ଡିଣ୍ଡିମ ପିଟୁଛନ୍ତି ସରକାର**

ପାଇଛି। ଗରିବ ଓ କ୍ଷୁଦ୍ର ଚାଷୀଙ୍କ ଗୋରୁ ପ୍ରାଣ ହରାଇଥିବା ବେଳେ ସେମାନେ କ୍ଷତିପୂରଣ ସହାୟତା ପାଇଁ ଦାବି କରିଛନ୍ତି।

ଗତ ୧୬ ତାରିଖ ଦିନ ଏୟାରଷ୍ଟ୍ରିପ୍ ନିକଟସ୍ଥ ପଡ଼ିଆରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏକ ସ୍ୱତନ୍ତ୍ର ହେଲିକପ୍ଟର୍ ଯୋଗେ ଆସି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସଭାରେ ୨୦ରୁ ୨୫ହଜାର ଲୋକଙ୍କ ପାଇଁ ବ୍ୟବସ୍ଥା ହୋଇଥିଲା। ମାତ୍ର ୮ରୁ ୧୦ହଜାର ଲୋକ ଆସିଥିଲେ। ତେଣୁ ବହୁ ଖାଦ୍ୟ ବଳି ପଡ଼ିଥିଲା। ଏହାକୁ କୌଣସି ସୁରକ୍ଷିତ ଜାଗାରେ ଫିଙ୍ଗା ଯାଇ ନଥିବାରୁ ଗୋତମା ଗାଁର ଚାଷୀମାନଙ୍କ ଗୋରୁ ଚରିବାକୁ ଯାଇ ସେହି ବଳକା ତଥା ପଚାସଢ଼ା ଖାଦ୍ୟ ଖାଇଥିଲେ। ଶନିବାର ସକାଳୁ କିଛି ଗାଇ ଅସୁସ୍ଥ ହୋଇଥିବା ଖବର ଆସିଥିଲା। ଖବର



ପାଇ ନୂଆପଡ଼ା ଜିଲ୍ଲା ପ୍ରାଣୀ ଚିକିତ୍ସା ବିଭାଗର ଟିମ୍ ଗାଁରେ ପହଞ୍ଚି ଚିକିତ୍ସା କରିଥିଲେ। ହେଲେ ବିଳମ୍ବିତ ରାତିରେ ୧୩ଟି ଗୋରୁଙ୍କ ମୃତ୍ୟୁ ହୋଇଯାଇଥିଲା। ଏଥିରେ ଚାଷୀ ଦେବକାନ୍ତ ରଥ, ସୂର୍ଯ୍ୟକାନ୍ତ ସାହୁ, ପ୍ରଦୀପ କୁମାର ସାହୁ, ସାହୁଲାଲ ସାହୁ, ବଳ ଶବର, ହେମନ୍ତ ସାହୁ, ସୁରେନ ସାହୁ, ଚନ୍ଦ୍ରଦେବ ସାହୁ, ଲୋଭିତ ରାଉତଙ୍କ ମୋଟ ୧୩ଟି ଦୁଧିଆଳୀ ଓ କିଛି ଗର୍ଭବତୀ ଗାଈଙ୍କ ମୃତ୍ୟୁ ଘଟିଛି। ଗାଁରେ ରାଜସ୍ୱ ବିଭାଗ ସହ ପ୍ରାଣୀ ଚିକିତ୍ସା ବିଭାଗର ଅଧିକାରୀମାନେ ପହଞ୍ଚି ଚିକିତ୍ସା କାର୍ଯ୍ୟକୁ ତ୍ୱରିତ କରିବା ସହ ମୃତ ଗୋରୁମାନଙ୍କୁ ବ୍ୟବଚ୍ଛେଦ କରିଛନ୍ତି। ଏହାକୁ ରାଜ୍ୟ ସରକାର ଗମ୍ଭୀରତାର ସହ ବିଚାରକୁ ନେବା ଏକ ଉଚ୍ଚସ୍ତରୀୟ ତଦନ୍ତ କରି କ୍ଷତି ପୂରଣ ସହାୟତା ଯୋଗାଇବାକୁ ଦାବି ହେଉଛି।

# ଗୋ-ମାତାଙ୍କୁ ନେଇ ରାଜନୀତି କରୁଥିବା ବିଜେପି ଗୋ-ମୃତ୍ୟୁ ପାଇଁ ଦାୟୀ: ବିଜେଡି

ଭୁବନେଶ୍ୱର, ୧୯।୧୦ (ସମିସ): ଶନିବାର ନୂଆପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ସଭା ପାଇଁ ବ୍ୟାପକ ଆୟୋଜନ ହୋଇଥିଲେ ମଧ୍ୟ ଲୋକ ନ ହେବାରୁ ହତାଶ ହୋଇ ବିଜେପି ଲୋକଙ୍କ ପାଇଁ ପ୍ରସ୍ତୁତ ଖାଦ୍ୟ ଫୋପାଡ଼ି ଦେଇଥିଲା। ଏହି ଖାଦ୍ୟ ଖାଇ ୨୦ଟି ଗୋମାତାଙ୍କର ମୃତ୍ୟୁ ହୋଇଛି ବୋଲି ଅଭିଯୋଗ ଆଣିଛି

- ବଳକା ଖାଦ୍ୟ ନ ପୋତି ଫୋପାଡ଼ି ଦେବା ବିଜେପିର ଦାୟିତ୍ୱହିନତା
- ମୁଖ୍ୟମନ୍ତ୍ରୀଙ୍କ ସଭାରେ ଲୋକ ନ ହେବାରୁ ବିଜେପି ହତାଶ

ବିଜେଡି। ଗୋମାତାଙ୍କୁ ନେଇ ରାଜନୀତି କରୁଥିବା ବିଜେପି ଦଳ ଗୋ-ମୃତ୍ୟୁ ପାଇଁ ଦାୟୀ ବୋଲି ବିଜେଡି ପକ୍ଷରୁ ଉର୍ତ୍ସନା କରାଯାଇଛି।

ରବିବାର ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭାରେ ପ୍ରାୟ ୧୦ ହଜାର ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହୋଇଥିଲେ ମଧ୍ୟ କମ୍ ସଂଖ୍ୟକ ଲୋକଙ୍କ ଉପସ୍ଥିତି ବିଜେପି ଦଳକୁ ନିରାଶ କରିଥିଲା। ମୁଖ୍ୟମନ୍ତ୍ରୀଙ୍କ ସଭା ଚାଲିଥିବା ବେଳେ ଲୋକମାନେ ଉଠି ଚାଲିଯିବା ଘଟଣାରୁ ସ୍ପଷ୍ଟ ପ୍ରତୀୟମାନ ଯେ ବିଜେପି ଉପରେ ନୂଆପଡ଼ାବାସୀଙ୍କ ଭରସା ନାହିଁ। ତେଣୁ, ହତାଶ ହୋଇ ବିଜେପି ଦଳ ବଳକା ଖାଦ୍ୟକୁ ପୋତିବା ପରିବର୍ତ୍ତେ ଫୋପାଡ଼ି ଦେଇଥିଲା। ସ୍ଥାନୀୟ ବାସିନ୍ଦାଙ୍କ ଗୃହପାଳିତ ପଶୁ ଏହାକୁ ଖାଇ ଅସୁସ୍ଥ ହୋଇପଡ଼ିଥିଲେ। ପରିଣାମସ୍ୱରୂପ, ୨୦ଟି ଅମୂଲ୍ୟ ପ୍ରାଣୀ ସମ୍ପଦ ମୃତ୍ୟୁବରଣ କଲେ। ଏହି ପ୍ରାଣୀ ସମ୍ପଦ ଦ୍ୱାରା ଜୀବିକା ନିର୍ବାହ କରୁଥିବା ସ୍ଥାନୀୟ ବାସିନ୍ଦାଙ୍କ ରୋଜଗାର ଚାଲିଯାଇଛି।



ଗୋମାତାଙ୍କୁ ନେଇ ରାଜନୀତି କରୁଥିବା ବିଜେପି ଦଳର ଅସଲ ସ୍ୱରୂପ ନୂଆପଡ଼ାବାସୀ ଦେଖିଲେ। ଏହି ଅମାନବୀୟ ଘଟଣା ପାଇଁ ଦାୟୀ ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଡ. ମହାନ୍ତି ଦାବି କରିଛନ୍ତି। ସେ ଆହୁରି କହିଥିଲେ ଯେ ରାଜନୀତି ଭିତରେ ମାନବିକତା ରହିବା ଦରକାର।

ବିଜେପିର ଦାୟିତ୍ୱହୀନତା ଲାଗି ଯେଉଁ ବହୁମୂଲ୍ୟ ପଶୁ ସମ୍ପଦ ହାନି ଘଟିଲା, ତାହା ନୂଆପଡ଼ାବାସୀଙ୍କ ମନକୁ ଗଭୀର ଆଘାତ ଦେଇଛି। ତାହାର କେବେ ବି କ୍ଷତିଭରଣା ହୋଇପାରିବ ନାହିଁ। ଭବିଷ୍ୟତରେ ଏହିଭଳି ଅମାନବୀୟ ଘଟଣାର ପୁନରାବୃତ୍ତି ଯେଭଳି ନ ହେବ, ସେଥିପ୍ରତି ବିଜେପି ଦଳ ସମ୍ବେଦନଶୀଳ ହେବା ଆବଶ୍ୟକ ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉତ୍ସାହ କମ୍...

କୁହାଯାଉଛି। ଚଳିତ ବର୍ଷ ଗ୍ରାହକ ବେଶି ସୁନା ଏବଂ ରୁପା ମୁଦ୍ରା କିଣିଛନ୍ତି। କାରଣ ଆଗକୁ ମୂଲ୍ୟ ଆହୁରି ବଢ଼ିବ ବୋଲି ବିଶ୍ୱାସ କରୁଛନ୍ତି। ସେଥିପାଇଁ ଏବେ କ୍ରୟ କରି ଲାଭରେ ରହିବାକୁ ଚାହୁଁଛନ୍ତି। ମୁମ୍ବଇର ଜଭେରି ବଜାରରୁ ନେଇ ଦେଶର ଅନେକ ସ୍ଥାନରେ ସୁନା ଏବଂ ରୁପା ମୁଦ୍ରା କିଣିବାକୁ ଶନିବାର ଦିନ ଯାକ ଗହଳି ଲାଗି ରହିଥିଲା। ସିଏଆଇଟିର ଜାତୀୟ ଅଧ୍ୟକ୍ଷ ପଙ୍କଜ ଆରୋରା କହିଛନ୍ତି ଯେ କେବଳ ଦିଲ୍ଲୀରେ ୧୦ ହଜାର କୋଟି ଟଙ୍କାର କାରବାର ହୋଇଛି। ତେବେ ଇଣ୍ଡିଆ ବୁଲିୟନ ଆଣ୍ଡ ଜ୍ୱେଲର୍ସ ଆସୋସିଏସନ (ଆଇବିଜେଏ) ର ଜାତୀୟ ସଚିବ ସୁରେନ୍ଦ୍ର ମେହେଟ୍ଟା କହିଛନ୍ତି ଯେ ଉଚ୍ଚା ଦର ଯୋଗୁଁ ସୁନା ବିକ୍ରି ହାର ୧୦ ପ୍ରତିଶତ ହ୍ରାସ ପାଇଛି। ଗତ ବର୍ଷ ଧନତେରାସରେ ପ୍ରାୟ ୩୯ ଟନ୍ ସୁନା ବିକ୍ରି ହୋଇଥିଲା। କିନ୍ତୁ ଚଳିତ ଥର ପ୍ରାୟ ୩୬ ଟନ୍ ସୁନା ବିକ୍ରି ହୋଇଛି। ଜେମ୍ ଆଣ୍ଡ ଜୁଏଲାରୀ କାଉନସିଲ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ରାଜେଶ ରୋକଡେ କହିଛନ୍ତି ଯେ ଗତ ବର୍ଷ ତୁଳନାରେ ଚଳିତ ଧନତେରାସରେ ବିକ୍ରି ୧୦-୧୫ ପ୍ରତିଶତ ହ୍ରାସ ପାଇଥିବାବେଳେ ମୋଟ ମୂଲ୍ୟ ଦ୍ରୁତ ବୃଦ୍ଧି ପାଇଛି। ଉଚ୍ଚ ଦର ସତ୍ତ୍ୱେ ସ୍ମାର୍ଟ କ୍ରୟ ଏବଂ ଶୀଘ୍ର ବିବାହ ଖର୍ଚ୍ଚ ପାଇଁ ଗ୍ରାହକଙ୍କ ଆଗ୍ରହ ବଢ଼ିଛି। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ସୁନା ମୂଲ୍ୟ ୫୩,୪୨୨ ଟଙ୍କା ବୃଦ୍ଧି ପାଇଲାଣି। ୨୦୨୪ ଡିସେମ୍ବର ୩୧ରେ ୨୪ କ୍ୟାରଟ ସୁନା ମୂଲ୍ୟ ୭୬,୧୬୨ ଟଙ୍କା ଥିବାବେଳେ ଏବେ ତାହା ୧,୨୯, ୫୮୪ରେ ପହଞ୍ଚି ଯାଇଛି। ସେହିପରି ରୁପା କେଜି ୮୩, ୨୧୩ ଟଙ୍କା ବଢ଼ିଛି। ଗତ ବର୍ଷ ଶେଷ ସୁଦ୍ଧା ଏହାର ଦାମ କିଲୋ ପିଛା ୮୬, ୦୧୭ ଟଙ୍କା ଥିବାବେଳେ ଏବେ ୧, ୬୯, ୨୩୦ ଟଙ୍କା ରହିଛି।

### ଜେଲ୍‌ରେ ଆଉ...

ଡିଏସ୍‌ପି କେବଳ ଅଭିଯୁକ୍ତ ପରୀକ୍ଷାର୍ଥୀଙ୍କୁ ପଚରାଉଚରା କରିଛନ୍ତି। ରବିବାର ଜେରା ହୋଇଥିବା ୬୩ ଜଣଙ୍କ ମଧ୍ୟରେ ସମସ୍ତ ମହିଳା ପରୀକ୍ଷାର୍ଥୀ ସାମିଲ ଥିଲେ। ଏହି ଜାଲିଆତିରେ ସାମିଲ ପାଇଁ ଦଲାଲମାନେ କିପରି ଓ କେଉଁ ଉପାୟରେ ପରୀକ୍ଷାର୍ଥୀଙ୍କୁ ଯୋଗାଯୋଗ କରିଥିଲେ, ସେମାନଙ୍କଠାରୁ କିଏ ସାର୍ଟିଫିକେଟ୍ ଓ ଟଙ୍କା ଆଦାୟ କରିଥିଲା, ପରୀକ୍ଷାର୍ଥୀମାନେ କିଭଳି ଟଙ୍କା ଦେଇଥିଲେ; ଆଦି ସଂପର୍କରେ ସେମାନଙ୍କୁ ପଚରାଉଚରା କରାଯାଇଛି। କ୍ରାଇମବ୍ରାଞ୍ଚ ଡିଏସ୍‌ପ ସକାଳ ୮ଟାରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ଦୀର୍ଘ ୧୦ ଘଣ୍ଟା ଧରି ଜେଲ ଭିତରେ ୬୩ଜଣ ନିଯୁକ୍ତି ଆଶାୟୀଙ୍କୁ ଜେରା କରିଥିଲେ। ଜେରାରୁ କ୍ରାଇମ୍‌ବ୍ରାଞ୍ଚକୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା କୁହାଯାଉଛି।

### ନାମାଙ୍କନ ପୂର୍ବରୁ...

ସିଂ ମାଝୀ,ନିରଞ୍ଜନ ବିଶିଙ୍କ ନେତୃତ୍ୱରେ ବହୁ ଆଦିବାସୀ ନେତା ବିଜେଡିରେ ଯୋଗ ଦେଇଥିଲେ। ପରେ ନୂଆପଡା ଆସି ଶୋଭାଯାତ୍ରାରେ ବାହାରିଥିଲେ ସ୍ନେହାଙ୍ଗିନୀ। ତେଲିପଡାଠାରୁ ବିଶାଳ ଶୋଭାଯାତ୍ରା ମଧ୍ୟାହ୍ନ ୧୨ଟାରୁ ବାହାରି ସହର ପରିକ୍ରମା କରିଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରୋଡ ଶୋ'ରେ ପରିକ୍ରମା କରିଥିଲେ।

ଜିଲ୍ଲାପାଳ କାର୍ଯ୍ୟାଳୟ ନିକଟରେ ବିଜେଡିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଓ ସ୍ଥାନୀୟ ନେତାମାନେ ସମ୍ବୋଧନ କରି ରାଜ୍ୟ ବିଜେପି ସରକାର ଉପରେ ବର୍ଷିଥିଲେ। ଡବଲ୍ ଇଞ୍ଜିନ ଡବଲ ବିକାଶ ନୁହେଁ, ଡବଲ ବିନାଶ ହେଉଛି ବୋଲି ଅଭିଯୋଗ କରିଥିଲେ। ବିଜେଡି ନୂଆପଡ଼ା ଜିଲ୍ଲା ଅଧ୍ୟକ୍ଷ ଅବନୀ ରଞ୍ଜନ ଯୋଶୀ,ବିଜେଡି ସାଧାରଣ ସଚିବ ମନୋଜ ମିଶ୍ର, ବିଜେଡି ବରିଷ୍ଠ ନେତା ଭାନୁ ପ୍ରତାପ ସିଂହ ମାଝୀ ପ୍ରମୁଖ ଗତ ୧୬ ମାସର ବିଜେପି ଶାସନରେ ନୂଆପଡ଼ା ପ୍ରତି ହୋଇଥିବା ଅବହେଳା ବିଷୟରେ ଉଲ୍ଲେଖ କରିଥିଲେ। ସେହିପରି ଶୋଭାଯାତ୍ରାରେ ଦଳର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ,ସଞ୍ଜୟ କୁମାର ଦାସବର୍ମା, ପ୍ରତାପ ଜେନା,ଅରୁଣ ସାହୁ,ନିରଞ୍ଜନ ପୁଜାରୀ,ଅତନୁ ସବ୍ୟସାଚୀ ନାୟକ,ପୁଷ୍ପେନ୍ଦ୍ର ସିଂହଦେଓ, ପ୍ରମିଳା ମଲ୍ଲିକ, ଟୁକୁନି ସାହୁ,ସୁଦାମ ମାରାଣ୍ଡି, ପ୍ରୀତିରଞ୍ଜନ ଘଡେଇ,ସାରଦା ନାୟକ,ଚିନ୍ମୟ ସାହୁ, ଶ୍ରୀମତୀ ଇପସୀତା ସାହୁ,ଦେବୀରଞ୍ଜନ ତ୍ରିପାଠୀ, ପ୍ରଦୀପ ଦିଶାରୀ, ନଳିନୀକାନ୍ତ ପ୍ରଧାନ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଲେଖାଶ୍ରୀ ସାମନ୍ତସିଂହାର, ଅଧିରାଜ ପାଣିଗ୍ରାହୀ, ରବି ନନ୍ଦ,ସୁଭାଶିଷ ଖୁଣ୍ଟିଆ, ନିରଞ୍ଜନ ବିଶି,ବିଜୟ ନାୟକ,ପ୍ରଦୀପ ମାଝୀ, ବିକ୍ରମ ପଣ୍ଡା, ନିହାର ବେହେରା,ସ୍ୱରୂପ ଦାସ, ଦୁଷ୍ମନ୍ତ ନାୟକ,ବ୍ରଜ ପ୍ରଧାନ, ମନୋରମା ମହାନ୍ତି,ତୁଷାରକାନ୍ତି ବେହେରା, ସରୋଜ ମେହେର, ବର୍ଷା ସିଂହ ବରିହା ଓ ସୁଦର୍ଶନ ହରିପାଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ନୂଆପଡ଼ାର ଲୋକମାନେ ବିଜେଡି ସହ ଅତୁଟ ଭାବେ ଅଛନ୍ତି ଓ ନୂଆପଡାବାସୀଙ୍କ ଆଶୀର୍ବାଦରେ ସ୍ନେହାଙ୍ଗିନୀ ଛୁରିଆ ବିଜୟୀ ହେବେ ବୋଲି ନେତାମାନେ ଦୃଢ଼ୋକ୍ତି କରିଥିଲେ। ସ୍ନେହାଙ୍ଗିନୀ ଛୁରିଆ ତାଙ୍କ ବକ୍ତବ୍ୟରେ ନୂଆପଡାବାସୀଙ୍କ ଆଶା ଆକାଂକ୍ଷା ପୂରଣ କରିବା ପାଇଁ ମୁଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସଂପାଦକ କାର୍ତ୍ତିକ ଦୀପ, ନୂଆପଡା ଏନ୍‌ଏସି ଅଧ୍ୟକ୍ଷ ମହମ୍ମଦ ଆଦମ, ଟିଙ୍କୁ ପଣ୍ଡା, ଜିଲ୍ଲାପରିଷଦ ସଭ୍ୟ ଚିତ୍ତ ରଞ୍ଜନ ବେହେରା, ଅକ୍ଷୟ ନନ୍ଦ ପ୍ରମୁଖ ସାମିଲ ଥିଲେ।

### ଭିଜିବ ଦୀପାବଳି !...

ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, ମାଲକାନଗିରି, ରାୟଗଡା ଓ କୋରାପୁଟ ଜିଲ୍ଲାରେ ୩୦ରୁ ୪୦ କିମି ବେଗରେ ପବନ ସହ ବର୍ଷା ହୋଇପାରେ। ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ।ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୧ ତାରିଖରେ ମଧ୍ୟ କେତେକ ଜିଲ୍ଲାରେ ବର୍ଷା ସମ୍ଭାବନା ଆକଳନ କରିଛି ପାଣିପାଗ କେନ୍ଦ୍ର।

ଅପରପକ୍ଷେ ଦୀପାବଳିରେ ବର୍ଷାକୁ ନେଇ ବରିଷ୍ଠ ପାଣିପାଗ ବିଜ୍ଞାନୀ ଡ. ସୁରେନ୍ଦ୍ର ନାଥ ପଶୁପାଳକ ଆକଳନ କରି କହିଛନ୍ତି ଯେ ୨୦ ଓ ୨୧ ତାରିଖରେ ରାଜ୍ୟରେ ପାଗ ଶୁଖିଲା ରହିବ। ୨୨ ଓ ୨୩ ତାରିଖରେ ରାଜ୍ୟରେ ବିକ୍ଷିପ୍ତ ବର୍ଷା ହେବାକୁ ଥିବାବେଳେ ୨୪ରୁ ୨୬ ତାରିଖ ମଧ୍ୟରେ ରାଜ୍ୟରେ ଭାରୀ ବର୍ଷାର ସମ୍ଭାବନା ରହିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ୨୦ ତାରିଖରେ ଦକ୍ଷିଣ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟିହୋଇ ୨୧ ବା ୨୨ ତାରିଖ ସୁଦ୍ଧା ଅବପାତ ଏବଂ ୨୪ ତାରିଖ ସକାଳ ସୁଦ୍ଧା ତାମିଲନାଡୁ ବା ସଂଲଗ୍ନ ଦକ୍ଷିଣ ଆନ୍ଧ୍ର ଉପକୂଳ ଛୁଇଁବ। ସେତେବେଳକୁ ଏହା ଦୁର୍ବଳ ହୋଇ ଯାଇଥିବ, ହୁଏତ ସେହି ଦୁର୍ବଳ ଘୂର୍ଣ୍ଣିବଳୟ ଅବସ୍ଥାରେ ଆନ୍ଧ୍ର/ଓଡ଼ିଶା ଉପକୂଳ ଦୂରରେ ରହିବ। ମାତ୍ର ଓଡ଼ିଶାକୁ ପବନର ଭୟ ନାହିଁ ବୋଲି ଡ. ପଶୁପାଳକ ପୂର୍ବାନୁମାନ କରିଛନ୍ତି। ସେହିପରି କେତେକ ମଡେଲ ବାତ୍ୟାର ସମ୍ଭାବନା ଆକଳନ କରୁଥିବା ବେଳେ ଏମିତି ସମ୍ଭାବନା ନାହିଁ ବୋଲି ସେ କହିଛନ୍ତି।

### ଜଙ୍ଗଲରେ ଅଷ୍ଟମ...

ଭୟଭୀତ ହୋଇଯାଇଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରୁ ଘରକୁ ଫେରି ନିଜ ଖୁଡ଼ିଙ୍କୁ ସେ ଘଟଣା ସମ୍ପର୍କରେ ଜଣାଇଥିଲେ। ପରେ ନାବାଳିକାଙ୍କ ଦାଦା ଗାଁର ମହିଳା, ଆଶାକର୍ମୀ, ସରପଞ୍ଚ ଓ ୱାର୍ଡମେମ୍ବରଙ୍କ ସହଯୋଗରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣା ପରେ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଚଳାଇଥିବା ଥାନା ଅଧିକାରୀ କନକ ମାଝୀ ସୂଚନା ଦେଇଛନ୍ତି।

### ୭ ବର୍ଷର ନାବାଳିକାକୁ...

କରିବାରୁ ଅଭିଯୁକ୍ତ ତାକୁ ମିଠା ଖାଇବାକୁ ଦେବା ସହ ଏ ବାବଦରେ କାହାରିକୁ ନ କହିବାକୁ କହିଥିଲେ। କିନ୍ତୁ ନାବାଳିକାଜଣଙ୍କ ଘରକୁ ଆସି ତାଙ୍କ ମା'ଙ୍କୁ ସମସ୍ତ ଘଟଣା ଜଣାଇବା ପରେ ପରିବାରଲୋକ ଥାନାରେ ଅଭିଯୋଗ କରିଥିଲେ।

# ଡଙ୍ଗାରେ ଯାନ୍ତ୍ରିକ ତ୍ରୁଟି: ମଝି ଚିଲିକାରେ ଘଣ୍ଟାଏ ଫସିଲେ ୪୦ ଯାତ୍ରୀ

ବ୍ରହ୍ମଗିରି, ୧୯।୧୦(ସମିସ): ତୀର୍ଥକ୍ଷେତ୍ର ପୁରୀ ତଥା କୃଷ୍ଣପ୍ରସାଦ ବ୍ଲକ୍‌ର ମୁଖ୍ୟ କାର୍ଯ୍ୟାଳୟକୁ ଯିବା ପାଇଁ ପ୍ରତିଦିନ ଶହଶହ ଯାତ୍ରୀ ଚିଲିକା ମଧ୍ୟରେ ବିପଜ୍ଜନକ ଯାତ୍ରା କରିଥା'ନ୍ତି। ପ୍ରତିଦିନ ଭଳି ରବିବାର ଅପରାହ୍ଣ ସମୟରେ ସାତପଡ଼ାରୁ ଏକ ଯାତ୍ରୀବାହୀ



ଡଙ୍ଗା ୪୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଏବଂ ୧୫ରୁ ଅଧିକ ବାଇକ୍ ନେଇ ଜହ୍ନିକୁଦା ଅଭିମୁଖେ ଆସୁଥିବା ବେଳେ ମଝି ଚିଲିକାରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଡଙ୍ଗା ଚାଳକ ବହୁ ଚେଷ୍ଟା କରିବା ସତ୍ତ୍ୱେ ମୋଟର ନ ଚାଲିବା ଯୋଗୁଁ ଡଙ୍ଗାଟି ମହିଁଷା ନିକଟ ମଝି ଚିଲିକାରେ ଅଟକିଥିଲା। ଡଙ୍ଗା ଚିଲିକା ମଧ୍ୟରେ ଅଟକିବା ଯୋଗୁଁ ଯାତ୍ରୀମାନେ ହୋ-ହାଲ୍ଲା ସହ ଚିତ୍କାର କରିଥିଲେ। ଯାତ୍ରୀମାନେ ୧ଘଣ୍ଟାରୁ ଅଧିକ ସମୟ ଜଳବନ୍ଦୀ ପରେ ଅନ୍ୟ ଏକ ଡଙ୍ଗା ସହାୟତାରେ ଜହ୍ନିକୁଦା ଜେଟି କୂଳରେ ପହଞ୍ଚିଥିଲେ। ଚିଲିକାର ଏହି ରାସ୍ତାରେ କେବେ ଭସାପୋଲ ତ କେବେ ଡଙ୍ଗା, ଏହିଭଳି ଦୁର୍ଘଟଣା ଘଟିବା ନିତିଦିନିଆ ଘଟଣା ହୋଇଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି।

# ୪୪ କେଜି ଅଫିମ ଚୋପା ଜବତ, ଜଣେ ଗିରଫ



ବୈଶିଙ୍ଗା,୧୯।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଗଡଗଡ଼ିଆ ଗ୍ରାମରେ ପୁଲିସ ଚଢ଼ଉ କରି ବେଆଇନ ନିଶା କାରବାରରେ ଜଡ଼ିତ ଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ଜଣଙ୍କ ହେଲେ କମଳାକାନ୍ତ ନାୟକ। ସୂତ୍ରରୁ ଖବର ପାଇ ମଧ୍ୟାହ୍ନରେ ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ ଓ ମାଜିଷ୍ଟ୍ରେଟ ଭାବେ ବଡ଼ସାହିର ଅତିରିକ୍ତ ତହସିଲଦାର ବିନିତା କିସ୍କୁଙ୍କ ଉପସ୍ଥିତିରେ ପୁଲିସ ଫୋର୍ସ ସହିତ ୧୮ ନଂ ଜାତୀୟ ରାଜପଥ ପାଶ୍ୱର୍ ଗଡ଼ଗଡ଼ିଆ ଛକ ନିକଟସ୍ଥ କମଳାକାନ୍ତର ଘରେ ଚଢ଼ଉ କରି ୩ଟି ବ୍ୟାଗ ଭର୍ତ୍ତି ଅଫିମ ଚୋପା ଜବତ କରିଥିଲେ। ତେବେ ଗଚ୍ଛିତ ଅଫିମ ଚୋପାର ଓଜନ ପାଖାପାଖି ୪୪କିଲୋ ହୋଇଥିଲା। ସୂଚନା ଯୋଗ୍ୟ ଯେ ଏହି ଅଫିମ ଚୋପାକୁ ଗୁଣ୍ଡ କରି ଟ୍ରକ ଡ୍ରାଇଭରମାନଙ୍କୁ ବିକ୍ରୟ କରନ୍ତି କମଳାକାନ୍ତ। ଏହି ବେଆଇନ ବେପାରରେ ଦୀର୍ଘଦିନ ଧରି ଜଡ଼ିତ ଥିବାବେଳେ ପୁଲିସ ହାତରେ ଧରାପଡୁନଥିଲା। ସେ ଝାଡ଼ଖଣ୍ଡ ରାଜ୍ୟରୁ ବସ ମାଧ୍ୟମରେ ଏହି ଅଫିମ ଚୋପା ଆଣି ତାକୁ ଗୁଣ୍ଡକରି ଜାତୀୟ ରାଜପଥରେ ୨୪ଘଣ୍ଟା ଧରି ଚାଲୁଥିବା ଟ୍ରକ, ଟ୍ରଲର ଓ ଡମ୍ଫର ଚାଳକମାନଙ୍କୁ ଚଢାଦରରେ ବିକୁଥିଲା। ପୁଲିସ ୫୨୮ ନଂରେ ମାମଲା ରୁଜୁ କରି ଅଭିଯୁକ୍ତ କମଳାକାନ୍ତକୁ ଆସନ୍ତାକାଲି କୋର୍ଟଚାଲାଣ କରାଯିବା ନେଇ ଥାନା ଅଧିକାରୀ ଶ୍ରୀ ଦାସ ସୂଚନା ଦେଇଛନ୍ତି।


**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**


**Notice (For Minor)**

By virtue of an affidavit sworn before (Executive Magistrate/Notary Public), Bhubaneswar, Vol-II, SL No. 1900/18.10.2025, I, Mr. Nirmal Sahoo, At- Sobala, PO.- Gogua, PS.- Pattamundai, Dist. Kendrapara, Odisha declare that I have changed the name of my son from old name Suvranshu Shekhar Sahoo to new name Subhransu Sekhar Sahoo. Henceforth he shall be known as new name **Subhransu Sekhar Sahoo** for all purpose.

Nirmal Sahoo

ସକାଳ THE SAKALA



## କଳିଙ୍ଗା ଘାଟିରେ ଭୂସ୍ଖଳନ ଘଟଣା

# ବିକଳ୍ପ ରାସ୍ତା ପାଇଁ ବନ ବିଭାଗର ମିଳିତ ସର୍ଭେ

ଜି.ଉଦୟଗିରି,୧୯।୧୦(ସମିସ): କଳିଙ୍ଗା ଘାଟି ଭୂସ୍ଖଳନ କୁ ମାସେରୁ ଅଧିକ ଦିନ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଯାତାୟାତ ସ୍ୱାଭାବିକ ହୋଇପାରିନି। ରାସ୍ତା କଂକ୍ରିଟ କାମ ଶେଷ ହୋଇଥିବା ବେଳେ ପାହାଡ଼ ଉପରେ ବିପଦସଙ୍କୁଳ ଅବସ୍ଥାରେ ଥିବା ବଡ଼ ବଡ଼ ପଥରକୁ ବ୍ଲାଷ୍ଟିଂ କରି ହଟାଇବା କାମ ଜାରି ରହିଛି। କେବେ ସ୍ୱାଭାବିକ ହେବ ଉତ୍ତର କାହା ପାଖରେ ନାହିଁ। ଶୀଘ୍ର ଯାତାୟାତ ସ୍ୱାଭାବିକ କରିବା ସହିତ ଭାଲିଆପଟା-ଦୁର୍ଗାପ୍ରସାଦ ରାସ୍ତା ନିର୍ମାଣ କରିବାକୁ ଦାବି ହେଉଛି। ଯାହା ଏକ ବହୁ ପୁରୁଣା ରାସ୍ତା ଥିବାବେଳେ ସହଜରେ ଏହି ରାସ୍ତା ବାହାରି ପାରିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଭଞ୍ଜନଗର ବିଧାୟକ ବିଭିନ୍ନ ବିଭାଗକୁ ନେଇ ମିଳିତ ବୈଠକ କରି ଆଲୋଚନା କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାସହିତ ନିକଟରେ ବିଧାୟକ ବିଭାଗୀୟ ଅଧିକାରୀଙ୍କ ସହ ଏହି ରାସ୍ତା ବୁଲି ଦେଖିବା ସହିତ ଶୀଘ୍ର ଆରମ୍ଭ ହେବ ବୋଲି କହିଥିଲେ। ଆଜି ଭାଲିଆପଟା-ଦୁର୍ଗାପ୍ରସାଦ ରାସ୍ତା ନିର୍ମାଣ ଆଶା ଆଉ ପାଦେ ଆଗେଇଛି। ଶନିବାର ଜି.ଉଦୟଗିରି ଏବଂ ଘୁମୁସର ନର୍ଥ ଡିଭିଜନ ବନ ବିଭାଗ ପକ୍ଷରୁ ରାସ୍ତା ସର୍ଭେ କରାଯାଇଛି। ବନବିଭାଗ ରିପୋର୍ଟ ଦେବା ପରେ ନିର୍ମାଣ କାର୍ଯ୍ୟ ଆଗକୁ ବଢ଼ିବା ସମ୍ଭାବନା ଦେଖା ଦେଇଛି। ରାସ୍ତା ସ୍ୱାଭାବିକ ହେବାକୁ ଜିଲ୍ଲାବାସୀ ଚାହିଁ ବସିଥିବା ବେଳେ ଦିନ ପରେ ଦିନ ବିତିବାରେ ଲାଗିଛି। ଦଶହରା ଗଲା ଏବେ ଦୀପାବଳି ମଧ୍ୟ ଗଲା। ତଥାପି ସ୍ୱାଭାବିକ ହୋଇ ପାରିଲାନି ଯାତାୟାତ। ଯାହା ଫଳରେ ସବୁ କ୍ଷେତ୍ରରେ ହଇରାଣ ହୋଇଛନ୍ତି ଜିଲ୍ଲାବାସୀ। ତେଣୁ ମୁଖ୍ୟ ରାସ୍ତା ଶୀଘ୍ର ସ୍ୱାଭାବିକ ସହିତ ଭାଲିଆ ପଟା-ଦୁର୍ଗାପ୍ରସାଦ ରାସ୍ତା ନିର୍ମାଣ କରିବା ପାଇଁ ସାଧାରଣରେ ଦାବି ହେଉଛି।



# ଫିରିଙ୍ଗିଆରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



ଫିରିଙ୍ଗିଆ,୧୯।୧୦(ସମିସ): ଫିରିଙ୍ଗିଆ ବ୍ଲକ ୧୩ ନମ୍ବର ଜୋନ ପାହିରେଜୁ, କୁଏରମାଣ୍ଡୁ, ଲୁଇଙ୍ଗି ଓ ବାଲନ୍ଧାପଡା ପଞ୍ଚାୟତରେ ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ରବିବାର ଏହି ପଦଯାତ୍ରା ପାହିରେଜୁ ପଞ୍ଚାୟତରୁ ଆରମ୍ଭ ହୋଇ ବାଲନ୍ଧାପଡା ହାଟପଦାରେ ଶେଷ ହୋଇଥିଲା। ଜନସାଧାରଣଙ୍କ ସହ ସୁସମ୍ପର୍କ ସ୍ଥାପନ କରିବା ସହ ତୃଣମୂଳ

**ବିଜେଡିରେ ସାମିଲ ହେଲେ ବହୁ ବିଜେପି କର୍ମୀ**

ସ୍ତରରେ କର୍ମୀଙ୍କୁ ଏକଜୁଟ କରିବା ଓ ବିଜେଡି ସରକାର କରିଥିବା ବିଭିନ୍ନ ଜନହିତକର ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଦଳର ମୁଖ୍ୟା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଏହି ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେଉଛି। ରବିବାର ଗୋଛାପଡା ଅଞ୍ଚଳରେ ମଧ୍ୟ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଛି। ଫିରିଙ୍ଗିଆ ବ୍ଲକ ବିଜେଡି ସଭାପତି ରଜନୀକାନ୍ତ ମଲ୍ଲିକଙ୍କ ନେତୃତ୍ୱରେ ପଦଯାତ୍ରାରେ ବିଜେଡିର କନ୍ଧମାଳ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇ ପଦଯାତ୍ରାକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଦୁଗୁନି କହଁର, ପୂର୍ବତନ ବିଧାୟକ ଅଙ୍ଗଦ କହଁର, ଜିଲ୍ଲା ପରିଷଦ ସଭ୍ୟ ନୀଳଗିରି ଦିଗାଳ, ଜିଲ୍ଲାପରିଷଦ ସଭ୍ୟା ଜୟଶ୍ରୀ କହଁର, ବରିଷ୍ଠ ବିଜେଡି ନେତା ତଥା ଆଇନଜୀବୀ ସତ୍ୟନାରାୟଣ ବେହେରା, କଣ୍ଟଶିଙ୍ଗ ତଥା ବିଜେଡି ନେତା ଜଳନ୍ଧର କହଁର, ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷା ନମିତା କହଁର, ବିଜୁ ଜନତା ଦଳ ଜିଲ୍ଲା ଯୁବ ସଭାପତି ବିଷ୍ଣୁ ଚରଣ ମଲ୍ଲିକ, ବ୍ଲକ ଉପସଭାପତି ପ୍ରଦୀପ ବେହେରା, ପାହିରେଜୁ ସରପଞ୍ଚ କେଶବ କହଁର, କେଳପଡା ସରପଞ୍ଚ ସ୍ୱର୍ଣ୍ଣଲତା ପ୍ରଧାନ, ରଡଙ୍ଗ ସରପଞ୍ଚ ପାର୍ବତୀ ମଲ୍ଲିକଙ୍କ ସହ ଅଞ୍ଚଳର ବହୁ ଆଗ ଧାଡ଼ିର ବିଜେଡି ନେତା ଓ କର୍ମୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅବସରରେ ବିଜେପିର କାର୍ଯ୍ୟ ଏବଂ ମିଥ୍ୟା ପ୍ରତିଶ୍ରୁତି ସହ ଫିରିଙ୍ଗିଆ ବ୍ଲକ ବିଜେପି କର୍ମୀଙ୍କ ମଧ୍ୟରେ ବିଶୃଙ୍ଖଳାରେ ଅସନ୍ତୁଷ୍ଟ ହୋଇ ଏକାଧିକ ବିଜେପି କର୍ମୀ ବିଜେଡିରେ ମିଶିଥିଲେ। ପ୍ରତ୍ୟେକ ପଞ୍ଚାୟତ ମୁଖ୍ୟାଳୟରେ ପଦଯାତ୍ରା ପାଇଁ ଅନୁଷ୍ଠିତ ହୋଇଥିବା ସାଙ୍ଗଠନିକ ବୈଠକରେ ଅଞ୍ଚଳର ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଗୋଛାପଡା ଥାନା ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡି କରାଯାଇଥିବା ବେଳେ ଥାନା ଅଧିକାରୀ ଚିରଞ୍ଜିବ ବେହେରା ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ।

## 'ବିଦ୍ୟାଳୟରୁ ଗାଁ' କାର୍ଯ୍ୟକ୍ରମ




ଜି.ଉଦୟଗିରି,୧୯।୧୦(ସମିସ): ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନ ଓ ପରିବେଶକୁ ଦୃଷ୍ଟିରେ ରଖି ଏହାର ସୁରକ୍ଷା ଦିଗରେ ଗୁରୁତ୍ୱ ଦେବାକୁ ବିଶ୍ୱ ପରିବେଶ ପରିଷଦ ଓ ଅନ୍ତର୍ଜାତୀୟ ଯୁବ ମହାସଂଘର ସହଯୋଗରେ ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଭାପତି ଶିବରାମ ସାହୁଙ୍କ ଅଧ୍ୟକ୍ଷତାରେ ବିଶ୍ୱ ପରିବେଶ ସହିତ ସାମିଲ ହେବାକୁ ବିଦ୍ୟାଳୟରୁ ଗାଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଡ. ବବିତା ପଟ୍ଟନାୟକ, ମିନତି କୁମାରୀ ଦାସ, ସୁଧାରାଣୀ ପାତ୍ର, ମାଳତୀ ମଲ୍ଲିକ, ସସ୍ମିତା ଦାସ ଓ ଅନ୍ତର୍ଜାତୀୟ ଯୁବ ମହାସଂଘର ସମ୍ପାଦକ ତଥା ବିଶ୍ୱ ପରିବେଶ ପରିଷଦର ସଂଯୋଜକ ହୃଷୀକେଶ ପ୍ରଧାନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରୁ ଗାଁକୁ ପରିବେଶ ସୁରକ୍ଷା ପାଇଁ ମାନସିକ ପରିବର୍ତ୍ତନ କରିବା ସହ ବିଶ୍ୱ ପରିବେଶ ପରିଷଦ ଓ ଏସିଆ ସ୍କିଲ ଇନ୍‌ସିଆଟ ଦ୍ୱାରା ବିଭିନ୍ନ ବୃତ୍ତି ଏବଂ କୁଇଜରେ ଭାଗ ନେଇ ଜ୍ଞାନ କୌଶଳ ବଢ଼ାଇବା ପାଇଁ ଅନ୍ତର୍ଜାତୀୟ ଯୁବ ମହାସଂଘର ସମ୍ପାଦକ ପରାମର୍ଶ ଦେଇଥିଲେ। ଏଥିସହିତ ଅଧ୍ୟକ୍ଷ ଶିବରାମ ସାହୁ ଛାତ୍ରୀ ପରିବେଶ ସମ୍ବନ୍ଧୀୟ ବିଷୟରେ କେବଳ ଯୋଜନା ନୁହେଁ କାର୍ଯ୍ୟରେ ସମ୍ପାଦନା କରି ଆମ ମହାବିଦ୍ୟାଳୟରୁ ଆରମ୍ଭ କରାଯିବ ବୋଲି ଉତ୍ସାହ କରିଥିଲେ। ଏହି କାର୍ଯ୍ୟକ୍ରମ ଆଗାମୀ ପିଢ଼ି ଓ ସମାଜରେ ଏକ ନୂତନ ଉଦାହରଣ ସୃଷ୍ଟି କରିବ ବୋଲି ମହାବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

## କାଶୀନଗରରେ ସାଇବର ସୁରକ୍ଷା କାର୍ଯ୍ୟକ୍ରମ

କାଶୀନଗର,୧୯।୧୦(ସମିସ): କାଶୀନଗର ତ୍ରିନାଥ କଲ୍ୟାଣ ମଣ୍ଡପ ପରିସରରେ ପୁଲିସ ପକ୍ଷରୁ ସାଇବର ସୁରକ୍ଷା ମାସ ପାଳନ ଉପଲକ୍ଷେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଥାନା ଅଧିକାରୀ ସୁନୀଲ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତହସିଲଦାର ସୁଧୀର କୁମାର ନନ୍ଦ ଯୋଗ ଦେଇଥିଲେ। ଏନ୍‌ଏସି ଉପାଧ୍ୟକ୍ଷ ରଘୁରାମ ସାହୁ, ଅଧ୍ୟାପକ କେ.ବିଜୟ, କାଉନସିଲର କେ.ଜୀବରତ୍ନ ଯୋଗ ଦେଇଥିଲେ। ଲାଭ ଓ ଲୋଭର ବଶବର୍ତ୍ତୀ ହୋଇ କିପରି ଯୁବପିଢ଼ି ସାଇବର ଠକେଇର ସମ୍ମୁଖୀନ ହେଉଛନ୍ତି ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଖବର ପ୍ରକାଶ ଜରିଆରେ କାଶୀନଗର ପ୍ରେସ୍ କ୍ଲବ୍‌ର କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟା ଏ ଦିଗରେ କାର୍ଯ୍ୟ କରୁଛନ୍ତି ବୋଲି ବକ୍ତାମାନଙ୍କ ପକ୍ଷରୁ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଏଏସ୍‌ଆଇ ଲକ୍ଷ୍ମୀ ନାରାୟଣ ତିଲାସ୍ତୁ ଓ ସମସ୍ତ ପୁଲିସ କର୍ମଚାରୀ ସହଯୋଗ କରିଥିଲେ।

## ନାବାଳକ ନିଖୋଜ ନେଇ ଥାନାରେ ଅଭିଯୋଗ

କାଶୀନଗର,୧୯।୧୦(ସମିସ): କାଶୀନଗରର ଜଣେ ନାବାଳକ ଠାରୁ ନିଖୋଜ ଥିବା ନେଇ କାଶୀନଗର ଥାନାରେ ଏତଲା ଦେଇଛନ୍ତି ପରିବାରବର୍ଗ। ଶୁକ୍ରବାର ସକାଳେ ସମ୍ପୃକ୍ତ ନାବାଳକ (୧୪ବର୍ଷ) ଘରୁ ବାହାରକୁ ଯାଇ ଆଉ ଫେରି ନଥିଲା। ପରିବାର ଲୋକେ ଖୋଜାଖୋଜି କରି ନପାଇବାରୁ କାଶୀନଗର ଥାନାରେ ଏତଲା ଦେଇଥିଲେ। ଥାନା ଅଧିକାରୀ ସୁନିଲ କୁମାର ବେହେରା ତଦନ୍ତ ଚଳାଉଥିବା ସୂଚନା ଦେଇଛନ୍ତି। ନାବାଳକ ଜଣକ ଗୁଣୁପୁର-ପୁରୀ ଟ୍ରେନରେ ପଳାଇଥିବା ପରିବାର ଲୋକେ ଅନୁମାନ କରୁଛନ୍ତି।


## ୧୬୪ ହିତାଧିକାରୀଙ୍କୁ ଗୃହ ଯୋଗାଣ



ଦାରିଙ୍ଗବାଡି,୧୯।୧୦(ସମିସ): ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଦାରିଙ୍ଗବାଡି ପଞ୍ଚାୟତ ସମିତିର ବୁଢାଗୁଡା ଏବଂ ବାଡାବାଙ୍ଗା ପଞ୍ଚାୟତର ଦୁଇଟି ନୂତନ ପଞ୍ଚାୟତ ଭବନର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଏହା ସହ ଅନ୍ତ୍ୟୋଦୟ ଗୃହ ଯୋଜନାର ତୃତୀୟ ପର୍ଯ୍ୟାୟରେ ୧୬୪ ଜଣ ହିତାଧିକାରୀଙ୍କୁ ଗୃହ ନିର୍ମାଣ ନିମନ୍ତେ ପ୍ରଥମ କିସ୍ତି ଅର୍ଥରାଶି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଦାରିଙ୍ଗବାଡି ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରୀତି ରଞ୍ଜନ ରଥ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କ ସମେତ ଦାରିଙ୍ଗବାଡି, ବୁଢ଼ାଗୁଡା, ବାଡ଼ାବାଙ୍ଗା ସରପଞ୍ଚ ଏବଂ ସମିତିସଭ୍ୟ ଉପସ୍ଥିତ ଥିଲେ।

# ୧୭ ବର୍ଷ ଧରି କର୍କଟ ସହ ସଂଘର୍ଷ କରୁଛନ୍ତି ଏସୀୟ

**ସରକାରୀ ସହାୟତାକୁ ଅପେକ୍ଷା**



ଜି.ଉଦୟଗିରି,୧୯।୧୦(ସମିସ): ଆର୍ଥିକ ଅନଟନରେ ଦିନ କାଟୁଥିବା ପରିବାର ମୁଠାଏ ଖାଇବାକୁ ସଂଘର୍ଷ କରୁଥିବା ବେଳେ ପରିବାର କେହି କର୍କଟ ରୋଗରେ ଆକ୍ରାନ୍ତ ହେଲେ ଜୀବନ ଦୁର୍ବିସହ ହୋଇପଡ଼େ। କ'ଣ କରିବେ କିଛି ଉପାୟ ନପାଇ ଉପରବାଲାଙ୍କ ହାତରେ ଛାଡ଼ି ଦେଇଥାଆନ୍ତି। ଏମିତି ଏକ ପରିବାର ହେଉଛି କନ୍ଧମାଳ ଜିଲ୍ଲାର ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ଲିଙ୍ଗାଗଡ଼ ପଞ୍ଚାୟତ ନିଲୁଙ୍ଗିଆ ଗ୍ରାମର ଏସୀୟ ନାୟକ (୭୧)ଙ୍କ ପରିବାର। ଏସୀୟ କର୍କଟ ରୋଗାକ୍ରାନ୍ତ। ପରିବାର କହିଲେ ସ୍ତ୍ରୀ ମମତା ନାୟକ। ମଜୁରି ଲାଗିଲେ ପରିବାର ଚାଲେ। ଆର୍ଥିକ ଅନଟନ ଦେଇ ଗତି କରୁଥିବା ବେଳେ ଏହି ଭଳି ରୋଗରେ କେମିତି ଚିକିତ୍ସା କରିବେ କିଛି ଉପାୟ ପାଉନାହାନ୍ତି। ସହାୟତା କରିବାକୁ କେହି ପିଲା ଛୁଆ ମଧ୍ୟ ନାହାନ୍ତି। ୧୭ ବର୍ଷ ପୂର୍ବେ ଗାଲରେ ଏକ ଛୋଟ ଫୁଲା ଦେଖାଦେଇଥିଲା। ସେତେବେଳେ ଏହାକୁ ହାଲୁକା ଭାବି ନେଇ ସାଧାରଣ ଚିକିତ୍ସା କରିଥିଲେ। କିନ୍ତୁ ସମୟ ବିତିବା ସହିତ ରୋଗ ବଢ଼ିଲା ଓ ପରେ କର୍କଟ ବୋଲି ଚିହ୍ନଟ ହେଲା। ସ୍ତ୍ରୀ ମମତା ନାୟକ ନିଜ ସକ୍ଷମ ଅନୁସାରେ ଜି.ଉଦୟଗିରି, ଭୁବନେଶ୍ୱର ଓ ବିଶାଖାପାଟଣା ପର୍ଯ୍ୟନ୍ତ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଇଲେ କିନ୍ତୁ କେଉଁଠି ସୁଫଳ ମିଳିଲା ନାହିଁ। ଡାକ୍ତରମାନେ ଲକ୍ଷ ଲକ୍ଷ ଟଙ୍କା ଆବଶ୍ୟକ ବୋଲି କହିଥିବା ବେଳେ ଅସମର୍ଥ ହୋଇ ଘରେ ରହିଛନ୍ତି। ସରକାରୀ ସହାୟତାକୁ ଅପେକ୍ଷା କରିବା ଛଡ଼ା ଆଉ କିଛି ଉପାୟ ନାହିଁ ବୋଲି କହିଛନ୍ତି ପତ୍ନୀ। ଏଭଳି ଅସହାୟ ପରିବାରକୁ ସାହାଯ୍ୟ ମିଳିଲେ ଉଚିତ ଚିକିତ୍ସା କରିବାକୁ ସକ୍ଷମ ହେବା ସହିତ ଏକ ପରିବାର ନୂଆ ଜୀବନ ପାଇପାରିବ ବୋଲି କୁହାଯାଉଛି।

## ■ ଅଭିଯୋଗ ବାଡ଼ିଲେ ମାଓନେତା ଆଜାଦଙ୍କ ମା'

# ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ମାନୁନାହାନ୍ତି ସରକାର

ପାରଳାଖେମୁଣ୍ଡି,୧୯।୧୦(ସମିସ): ଆନ୍ଧ୍ରରେ ଆତ୍ମସମର୍ପଣ କରିଥିବା ଓଡ଼ିଶାର ଟପ୍ ମାଓନେତା ଆଜାଦ୍ ଓରଫ ଦୁନା କେଶବ ରାଓଙ୍କ ମୁକ୍ତି ନିମନ୍ତେ ସଚେତନ ସୃଷ୍ଟି କରିବାକୁ ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିରେ ଏକ ସାମ୍ବାଦିକ ସମ୍ମିଳନୀ ତାଙ୍କ ପରିବାର ପକ୍ଷରୁ ଅନୁଷ୍ଠିତ ହୋଇଛି। ଏଥିରେ ଆଜାଦଙ୍କ ମା' ଦୁନା କାମୁଲୁଆମ୍ମା ଉପସ୍ଥିତ ରହି ଗଣମାଧ୍ୟମ ପ୍ରତିନିଧିଙ୍କୁ ତାଙ୍କ ପୁଅର ମୁକ୍ତି ପାଇଁ ଦାବି କରିଥିଲେ।

**ଆନ୍ଧ୍ରରେ ଆତ୍ମସମର୍ପଣ କରିଥିବା ଆଜାଦଙ୍କୁ ଜେଲରେ ରଖିଛନ୍ତି**




ଏ ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକୁ ଓଡ଼ିଶା ସରକାର ମାନୁନାହାନ୍ତି ବୋଲି ସେ ଅଭିଯୋଗ କରିଥିଲେ। ଉକ୍ତ ବିଷୟ ସାର୍ବଜନୀନ ହୋଇପାରିନଥିବାରୁ ଏହି ସାମ୍ବାଦିକ ସମ୍ମିଳନୀ ସେ ପାରଳାଖେମୁଣ୍ଡି ଠାରେ କରୁଥିବା କହିଥିଲେ। ସେ କହିଛନ୍ତି, ଆଜାଦଙ୍କୁ ୧୪ ବର୍ଷ ୪ ମାସରୁ ଅଧିକ ହେଲା ବିଚାରାଧୀନ କଏଦୀ ଭାବେ ଓଡ଼ିଶା ଜେଲରେ ରଖାଯାଇଛି। ଆଜାଦ୍ ଆନ୍ଧ୍ରରେ ଆତ୍ମସମର୍ପଣ କରିଥିବାବେଳେ ତାଙ୍କୁ ପୁଣି ଜେଲରେ ରଖାଯାଇଛି। ଏପରିକି ଚଳିତମାସ ୧୫ ତାରିଖରୁ ଭୁବନେଶ୍ୱର ସ୍ଥିତ ଝାରପଡ଼ା ଜେଲରେ ଆଜାଦ ଆମରଣ ଅନଶନରେ ବସିଥିଲେ। ସରକାରଙ୍କ ଏଭଳି ପଦକ୍ଷେପ ଆତ୍ମସମର୍ପଣ ନୀତିକୁ କୁଠାରଘାତ କରୁଛି ବୋଲି ତାଙ୍କ ମା' ଅଭିଯୋଗ କରିଛନ୍ତି। ଆଜାଦ୍ ହାଇଦ୍ରାବାଦରେ ୨୦୧୧ ମେ' ୧୮ରେ ଡିଜିଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଥିଲେ। ସେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା ଅନ୍ତର୍ଗତ ମଞ୍ଜୁଶା ମଣ୍ଡଳମ୍ର ଗାଙ୍ଗୁୱାଡ଼ା ଗ୍ରାମରେ ଆତ୍ମସମର୍ପଣ ପରେ ରହିଆସୁଥିଲେ। ତେବେ ତାଙ୍କୁ ଓଡ଼ିଶା ପୁଲିସ୍ ମେ' ୨୯ରେ ତଦନ୍ତ ପାଇଁ ଉଠାଇ ନେଇଥିଲା। ଆଜାଦ ଗଜପତି, କନ୍ଧମାଳ ଓ ରାୟଗଡ଼ା ଜିଲ୍ଲାରେ ହୋଇଥିବା ବିଭିନ୍ନ ମାଓ ହିଂସାକାଣ୍ଡରେ ଜଡ଼ିତ ଥିବା ଓଡ଼ିଶା ପୁଲିସ ଦର୍ଶାଉଥିଲା। ସେବେଠାରୁ ଆଜାଦଙ୍କୁ ବେଆଇନ ଭାବେ ଗିରଫ କରି ରଖିଥିବା ତାଙ୍କ ମା' ବିଭିନ୍ନ ସ୍ତରରେ ଅଭିଯୋଗ କରି ଆସୁଛନ୍ତି। ତେବେ ବର୍ତ୍ତମାନ ଆଜାଦ ଆମରଣ ଅନଶନରେ ବସିଥିବାରୁ ତାଙ୍କ ଦାବି ଓ ତାଙ୍କ ପ୍ରତି ହୋଇଥିବା ଅବିଚାର ସାର୍ବଜନୀନ କରିବାକୁ ତାଙ୍କ ମା' ଗଣମାଧ୍ୟମକୁ ଅନୁରୋଧ କରିଛନ୍ତି।

## ଅନ୍ତ୍ୟୋଦୟ ଗୃହ ଯୋଜନାର ଅର୍ଥରାଶି ପ୍ରଦାନ



ରାଇକିଆ,୧୯।୧୦(ସମିସ): ରାଇକିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ରବିବାର ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କୁ ଅର୍ଥ ରାଶି ପ୍ରଦାନ କରାଯାଇଛି। ଓଡ଼ିଶା ସରକାର ଏହି କାର୍ଯ୍ୟକ୍ରମ ଯୋଜନାର ଶୁଭାରମ୍ଭ ସିଧା ପ୍ରସାରଣରକୁ ରାଇକିଆ ବ୍ଲକ ପରିସରରେ ଟିଭି ପରଦାରେ ହିତାଧିକାରୀ ଦେଖିଥିଲେ। କାର୍ଯ୍ୟକ୍ରମରେ ରାଇକିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ ରୀନା ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସବ୍ୟସାଚୀ ସାହୁ ଉପସ୍ଥିତ ଥିଲେ। ୨୧୯ ଜଣ ଅନ୍ତ୍ୟୋଦୟ ଗୃହ ନିର୍ମାଣ ପାଇଁ ହିତାଧିକାରୀଙ୍କୁ ୩ୟ ପର୍ଯ୍ୟାୟର ପ୍ରଥମ କିସ୍ତି ଅର୍ଥ ରାଶି ପ୍ରଦାନ କରାଯାଇଛି। ବ୍ଲକ ପ୍ରକଳ୍ପ ସଂଯୋଜକ କମଳ ପ୍ରସାଦ ନାୟକ ସହଯୋଗ କରିଥିଲେ।

## ରାଜ୍ୟପାଳଙ୍କ ଦ୍ୱାରା ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସମ୍ବର୍ଦ୍ଧିତ



ପାରଳାଖେମୁଣ୍ଡି,୧୯।୧୦(ସମିସ): କଟକ ସ୍ଥିତ ସାରଳା ଭବନରେ ସାରଳା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ ସମାରୋହରେ ବିଶିଷ୍ଟ ସମବାୟବିତ୍, ସାହିତ୍ୟିକ, ଗବେଷକ, ସମାଜସେବୀ, ଐତିହାସିକ ତଥା ସାରସ୍ୱତ ସଂଗଠକ ଉପାନ୍ତ ପ୍ରବରା ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପଟି ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ ସାରସ୍ୱତ ସମ୍ମାନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଉକ୍ତ ସାରସ୍ୱତ ଅନୁଷ୍ଠାନର ଅଧ୍ୟକ୍ଷ ଡ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଅବସରପ୍ରାପ୍ତ ମୁଖ୍ୟଶାସନ ସଚିବ ସହଦେବ ସାହୁ, ସାଂସଦ ଭର୍ତ୍ତୃହରି ମହତାବ ଓ ପ୍ରଫେସର ଖାରବେଳ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବରେ ଉପସ୍ଥିତ ପ୍ରଫେସର ବିଜୟାନନ୍ଦ ସିଂ, ପ୍ରଫେସର ବାଞ୍ଛାନିଧି ଚରଣ ପଟ୍ଟନାୟକ, ଶିକ୍ଷାବିତ୍ ତ୍ରିପତି ପ୍ରସାଦ ପଣ୍ଡା ସାହିତ୍ୟିକ ଓ ସମାଜସେବୀ ଶ୍ରୀ ମହାପାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଅବସରପ୍ରାପ୍ତ ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକାଙ୍କ ପରଲୋକ



ଦାରିଙ୍ଗବାଡି,୧୯।୧୦(ସମିସ): ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅନ୍ତର୍ଗତ ଗନ୍ଧମାହା ଗ୍ରାମର ଅବସରପ୍ରାପ୍ତ ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ପ୍ରାଞ୍ଜିୟା ବେହେରାଙ୍କ ଗତକାଲି ପରଲୋକ ଘଟିଛି। କିଛିବର୍ଷ ହେବ କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ସେ କନ୍ଧମାଳ ସହିତ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ଭାବରେ କାର୍ଯ୍ୟକରି ୨୦୦୫ରେ ଅବସର ନେଇଥିଲେ। ଅବସର ପରେ ଭାଇ-ଭାଉଜଙ୍କ ସହିତ ବ୍ରାହ୍ମଣୀଗାଁରେ ରହୁଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପରିବାରବର୍ଗ ଉପସ୍ଥିତ ଥିଲେ।

## ଜେନେରେଟର ଜଳିଗଲା; ଜିଓ ଟାୱାର ଅଚଳ



ପାରଳାଖେମୁଣ୍ଡି,୧୯।୧୦(ସମିସ): ଗଜପତି ଜିଲ୍ଲା ଗୋଶାଣି ବ୍ଲକ ଲାବାଣ୍ୟଗଡ଼ରେ ଥିବା ଏକ ଜିଓ ଟାୱାର ଜେନେରେଟର ଜଳିଯିବାରୁ ନେଟୱର୍କ ସେବା ଠପ୍ ହୋଇଯାଇଛି। ଆଜି ମଧ୍ୟାହ୍ନରେ କୌଣସି କାରଣରୁ ଜେନେରେଟରରେ ନିଆଁ ଲାଗିଯାଇଥିଲା। ପାରଳାଖେମୁଣ୍ଡି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଏହା ଉପରେ ନିର୍ଭର କରୁଥିବା ଅଞ୍ଚଳବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ଅନ୍ୟତ୍ର ଯୋଗାଯୋଗ କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଏପରି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

**ଦୁଇ ନାବାଳକ ଅନାଥ ଘଟଣା**

# ଗାଁରେ ପହଞ୍ଚିଲା ଚାଇଲଡ ଲାଇନ୍‌ର ସ୍ୱତନ୍ତ୍ର ଟିମ୍

ଫିରିଙ୍ଗିଆ,୧୯।୧୦(ସମିସ): ଫିରିଙ୍ଗିଆ ବ୍ଲକ ପଲାବୁଡି ପଞ୍ଚାୟତ ଶ୍ରୀଗୁଣୀ ଗାଁରେ ବାପା ମା'ଙ୍କ ମୃତ୍ୟୁ ପରେ ୨ ଶିଶୁ ଅନାଥ ହୋଇପଡ଼ିଥିବା ଖବର ପ୍ରକାଶ ପରେ ଚାଇଲଡ ଲାଇନ୍‌ର ସ୍ୱତନ୍ତ୍ର ଟିମ୍ ଗାଁରେ ପହଞ୍ଚିଛି। ପ୍ରକାଶ ଯେ, ସାପ କାମୁଡ଼ାରେ ମିଳି ବିକ୍ରାଶିଙ୍କ ମୃତ୍ୟୁର ୨ମାସ ପରେ ତାଙ୍କ ସ୍ୱାମୀ ଲକ୍ଷଣ ବିକ୍ରାଶିଙ୍କ ମୃତ୍ୟୁ ଘଟିଥିଲା। ୯ ବର୍ଷର ପୁଅ ଶିବୁ ଓ ୫ ବର୍ଷର ପୁଅ ଆଦର୍ଶ ଅନାଥ ହୋଇ ବଡ଼ ବାପାଙ୍କ ଘରେ ଆଶ୍ରୟ ନେଇଛନ୍ତି। ବଡ଼ ବାପା ଅତି କଷ୍ଟରେ ଚଳୁଥିବା ଯୋଗୁ ଅନାଥ ଦୁଇ ନାବାଳକଙ୍କ ଦାୟିତ୍ୱ ସରକାର ନେବା ସହ ସହାୟତା ଓ ଥଇଥାନ ପାଇଁ ବଡ଼ ବାପା ଓ ଗ୍ରାମବାସୀ ଦାବି କରିଥିଲେ। ଖବର ପ୍ରକାଶ ପରେ ଫିରିଙ୍ଗିଆ ବିଡିଓ ହସ୍ତକ୍ଷେପ କରି ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା ପରେ ସଙ୍ଗେ ସଙ୍ଗେ ଗାଁରେ ଡ଼ିସିପିଓ ରଶ୍ମିତା କରନଙ୍କ ନିର୍ଦ୍ଦେଶରେ ଚାଇଲଡ ଲାଇନର ସ୍ୱତନ୍ତ୍ର ଟିମ୍ ପହଞ୍ଚିଥିଲା। ଗ୍ରାମବାସୀ ଏବଂ ବଡ଼ ବାପାଙ୍କ ସହ ଆଲୋଚନା କରି ବିଭିନ୍ନ କାଗଜ ପତ୍ର ତଦାରଖ କରିଥିଲେ। ଏହି ଟିମରେ ଚାଇଲଡ ଲାଇନ କୋର୍ଡିନେଟର କ୍ଷୀରୋଦ ପ୍ରକାଶ ନାୟକ ଓ ସନ୍ତୋଷ କୁମାର ବେହେରା ସାମିଲ ଥିଲେ। ତୁରନ୍ତ ଅସହାୟ ଦୁଇ ଭାଇଙ୍କ ଥଇଥାନ ସହ ପାଠ ପଢ଼ିବା ବ୍ୟବସ୍ଥା କରାଯିବ। ସରକାରଙ୍କ ତରଫରୁ ମିଳୁଥିବା ବିଭିନ୍ନ ସୁବିଧା ସୁଯୋଗ ଯୋଗାଇବା ଚେଷ୍ଟା କରାଯିବ ବୋଲି ଚାଇଲଡ ଲାଇନ କୋର୍ଡିନେଟର କହିଛନ୍ତି। ସରକାରଙ୍କ ତରଫରୁ ଦିଆଯାଉଥିବା ସୁବିଧା କିଭଳି ସେମାନେ ପାଇପାରିବେ ସେ ନେଇ ବ୍ୟବସ୍ଥା କରାଯିବ ବୋଲି ବିଡିଓ ଶ୍ରୀ ବେହେରା କହିଛନ୍ତି।



## କାଳୀମୁଖି ମନ୍ଦିରରେ କାଳୀପୂଜା



**ଆସିକା, ୧୯ ।୧୦(ସମିସ):** ଆସିକା ହାପଦା ସ୍ଥିତ କାଳୀ ମୁଖି ମନ୍ଦିରରେ ତିନି ଦିନିଆ କାଳୀ ପୂଜା ଉତ୍ସବ ଶୁଭାରମ୍ଭ ହୋଇଛି। ପ୍ରଥମ ଦିବସରେ ମା'ଙ୍କ ସେବା ଓ ମାଜଣା ସହ ବାଳ ଧୂପ ପରେ ମଧ୍ୟାହ୍ନରେ ପୂଜା ମଣ୍ଡପରେ ସ୍ତୋତ୍ରିୟ ବ୍ରାହ୍ମଣଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜା ଓ ଚଣ୍ଡୀ ପାଠ ଆରମ୍ଭ ହେଇଥିଲା। ସନ୍ଧ୍ୟାରେ ଆଳତୀ ଓ ଅନ୍ୟାନ୍ୟ ପୂଜା ଓ ହୋମ ପରେ ଶତାଧିକ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନ ଆୟୋଜନ କରାଯାଇଥିଲା। ରବିବାର ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ତିଥି ବା ଶ୍ୟାମାକାଳୀ ପୂଜା ହେତୁ ବୈଷ୍ଣବୀ ରୀତି ନୀତି ଅନୁଯାୟୀ ଦିନ ତମାମ ବିଭିନ୍ନ ପୂଜା ଓ ଚଣ୍ଡୀପାଠ ସହ ରାତ୍ରିରେ ଯଜ୍ଞାନୁଷ୍ଠାନ ଚାଲୁ ରହିଛି। ସୋମବାର ଦିନ ଦୀପାବଳୀରେ ପୂଜା ଉଦଯାପିତ ହେବ। ପୂଜା କାର୍ଯ୍ୟରେ ପଣ୍ଡିତ କାଲୁ ଚରଣ ମହାପାତ୍ର ଓ କାହ୍ନୁ ଚରଣ ତ୍ରିପାଠୀ ତଥା ଚଣ୍ଡୀ ପାଠରେ ପଣ୍ଡିତ ଦିଲ୍ଲୀପ ଦେବତା ନିୟୋଜିତ ରହିଛନ୍ତି। ଆୟୋଜିତ ପୂଜାରେ ମା'ଙ୍କ ଆଶିଷ ପାଇବା ନେଇ ବହୁ ଭକ୍ତଙ୍କ ସମାଗମ ହେଉଛି।

● ଇ-କେୱାଇସି ବାଧ୍ୟତାମୂଳକ

## ଧରାପଡ଼ିବେ ନକଲି ଶ୍ରମିକ

**ଭଞ୍ଜନଗର, ୧୯ ।୧୦(ସମିସ):** ମନରେଗା ଯୋଜନାର ଅନେକ ଗଳା ବାଟରେ ସୁଯୋଗ ନେଇ କୋଟି କୋଟି ଟଙ୍କା ଲୁଟ୍ ହେଉଥିଲା। ଏନେଇ ବିଭିନ୍ନ ସମୟରେ ଅଭିଯୋଗ ମଧ୍ୟ ହେଉଥିଲା। ତେଣୁ ଯୋଜନାରେ ସ୍ୱଚ୍ଛତା ଆଣିବାକୁ ରାଜ୍ୟ ସରକାର ସମସ୍ତ ଜବ୍‌କାର୍ଡଧାରୀଙ୍କ ଇ-କେୱାଇସି ବାଧ୍ୟତାମୂଳକ କରିଛନ୍ତି। ଯେଉଁମାନେ ଇ-କେୱାଇସି ଅପଡେଟ୍ କରିବେ ସେମାନେ ହିଁ ଆଗାମୀ ଦିନରେ କାମ କରିପାରିବେ। ଅକ୍ଟୋବର ୩୧ ପର୍ଯ୍ୟନ୍ତ ଇ-କେୱାଇସି ଅପଡେଟ୍ ଚାଲିବ। ଭଞ୍ଜନଗର ବ୍ଲକରେ ମଧ୍ୟ ଏହି ପ୍ରକ୍ରିୟା ଚାଲିଛି। ବିଡିଓ ଭାରତୀ ଦେବୀ ଏବଂ ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ପ୍ରତ୍ୟକ୍ଷ ଭାବେ ବିଭିନ୍ନ ଗ୍ରାମ ବୁଲି କାର୍ଯ୍ୟକ୍ରମ ତଦାରଖ କରୁଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଏହି ଯୋଜନାରେ କାମ ଜଣେ କରୁଥିଲେ ଆଉ ଜଣେ ବେନିୟମ ଭାବେ ଟଙ୍କା ଉଠାଉଥିଲେ। ଏହିଭଳି ଗଳା ବାଟର ସୁଯୋଗ ନେଇ ବିପୁଳ ଅର୍ଥ ବାଟମାରଣ ହେଉଥିଲା। ଏଥିରେ ଅଫିସରଙ୍କଠାରୁ ଆରମ୍ଭ କରି କୁଜିନେତା, ମଧ୍ୟସ୍ଥି ଲାଭବାନ ହେଉଥିଲେ।

## ମା' ଶ୍ୟାମାକାଳୀ ପୂଜା ଲାଗି କଳସ ଯାତ୍ରା

**ବୁଗୁଡା, ୧୯ ।୧୦(ସମିସ):** ବୁଗୁଡ଼ା ବ୍ଲକ ଗୋଲିଆ ଗ୍ରାମର ତେଲୁଗୁ ସାହିରେ ଲଙ୍ଗେଶ୍ୱର ପାଠାଗାର ପକ୍ଷରୁ ଆୟୋଜିତ ମା' ଶ୍ୟାମାକାଳୀଙ୍କ ପୂଜା ଉପଲକ୍ଷେ ରବିବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ନିକଟସ୍ଥ ବାଘୁଆ ନଦୀପଠାରେ ପୁରୋହିତ ଉମାତନୟ ହୋତା, ଗୋଦାବରୀଶ ହୋତା ଓ ଶଶାଙ୍କଭୂଷଣ ହୋତା ପ୍ରମୁଖ ଯଥାବିଧି ପ୍ରକାରେ ପୂଜାପାଠ ସମ୍ପାଦନ କରିଥିବା ବେଳେ ନାରାୟଣ ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଶତାଧିକ ମହିଳା ଓ ପୁରୁଷ କଳସରେ ନଦୀରୁ ଜଳ ଘେନି ଗ୍ରାମ ପରିକ୍ରମା କରି ମା'ଙ୍କ ଅସ୍ଥାୟୀ ପୂଜା ମଣ୍ଡପରେ ପହଞ୍ଚି ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପାଠାଗାର ସଦସ୍ୟଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ସାମ୍ବାଦିକଙ୍କ ମାତୃ ବିୟୋଗ

**ଆସିକା, ୧୯ ।୧୦(ସମିସ):** ଆସିକା ଅଞ୍ଚଳର ଜଣାଶୁଣା ଧର୍ମପ୍ରାଣା ମହିଳା ଜୟନ୍ତୀ ଦାସଙ୍କ ୭୯ ବର୍ଷ ବୟସରେ ପରଲୋକ ଘଟିଛି। ସ୍ୱର୍ଗତା ଦାସଙ୍କ ମଧ୍ୟମ ପୁତ୍ର ତଥା ସାମ୍ବାଦିକ ସରୋଜ ଦାସଙ୍କ ଅର୍ବାନ୍ ବ୍ୟାଙ୍କ ରୋଡ଼ସ୍ଥିତ ବାସଭବନରେ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶୋକବ୍ୟକ୍ତ କରିଛନ୍ତି। ଆସିକା ପ୍ରେସ କ୍ଲବ ପ୍ରତିଷ୍ଠାତା ତଥା ବରିଷ୍ଠ ସାମ୍ବାଦିକ ବିପିନ ଦାସଙ୍କ ଧର୍ମପତ୍ନୀ ଶ୍ରୀମତି ଦାସ ଜଣେ ପରୋପକାରୀ, ଆଧ୍ୟାତ୍ମିକ ପ୍ରେମୀ ମହିଳା ଭାବେ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ତିନି ପୁଅ, ବୋହୂ, ନାତି ନାତୁଣୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ତାଙ୍କ ପାର୍ଥିବ ଶରୀରକୁ ପୁରୀ ସ୍ୱର୍ଗଦ୍ୱାରକୁ ସଂସ୍କାର ନିମନ୍ତେ ନିଆଯାଇଛି। ତାଙ୍କ ବିୟୋଗରେରେ ସାମ୍ବାଦିକ ସୁରେନ୍ଦ୍ରନାଥ ସାହୁ, ଜଗନ୍ନାଥ ପାତ୍ର, ଏସ. ନାର୍ଶୀମୁଲୁ ଆଚାରି, ମନୋଜ ମୁନି, ମୁନାଫ ସରିଫ୍, ଅନିଲ ପାଣିଗ୍ରାହୀ, ସନ୍ତୋଷ ମିଶ୍ର, ନରେନ୍ଦ୍ର ସାହୁ, ବିଶିଷ୍ଟ ସଂଗଠକ ଅଜିତ୍ କୁମାର ପଟ୍ଟନାୟକ, ନାରାୟଣ ସ୍ୱାଇଁ, ଏମ୍. ତାରିଣୀ ସେନାପତି, ଆଇନଜୀବୀ ଦିଲ୍ଲୀପ ପାଣିଗ୍ରାହୀ, ସନ୍ତୋଷ ପାଣିଗ୍ରାହୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

**ଛତ୍ରପୁର, ୧୯ ।୧୦(ସମିସ):** ଛତ୍ରପୁର ସ୍ଥିତ ରୋଟାରୀ କ୍ଲବ ତଥା ବିଜୁ ପଟ୍ଟନାୟକ ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ବ୍ରହ୍ମପୁରର ମିଳିତ ସହଯୋଗରେ ବିପୁଲିଙ୍ଗି ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ ସଭାପତି ତଥା ହାଇକୋର୍ଟ ଓକିଲ ପଦ୍ମ ଚରଣ ସାହୁଙ୍କ ଦ୍ୱାରା ଉଦଘାଟିତ ଶିବିରରେ ଡାକ୍ତରୀ ଦଳର ନେତୃତ୍ୱ ନେଇଥିଲେ ଡ଼ଃ ଶ୍ୟାମସୁନ୍ଦର ମହାରଣା। ସେହିପରି ଡ଼ଃ ସିଦ୍ଧାର୍ଥ ଶତପଥୀ, ଡ଼ଃ ଜି. ବେଦ ବିକାଶ, ଡ଼ଃ ସମରେନ୍ଦ୍ର ସାହୁ ଓ ହୋମିଓ ସହାୟକ ନୀଳମାଧବ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆସିଥିବା ଡାକ୍ତରୀ ଦଳ ଶତାଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଯକ୍ଷ୍ମା, ମଧୁମେହ, ଥାଇରଏଡ଼ ତଥା ଗଣ୍ଠି ଯନ୍ତ୍ରଣା ଭଳି ଅନେକ ରୋଗରୁ କିପରି ହୋମିଓପ୍ୟାଥି ଔଷଧ ସେବନ ଦ୍ୱାରା ମୁକ୍ତି ମିଳିପାରିବ ସେ ନେଇ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଛତ୍ରପୁର ରୋଟାରୀ କ୍ଲବର ପୂର୍ବତନ ସଭାପତି ନିରଞ୍ଜନ ପାତ୍ର, ସମ୍ପାଦକ ଡମ୍ବୁରୁଧର ସାହୁ, ଉପସଭାପତି ଡ଼ଃ ଅଜୟ ତ୍ରିପାଠୀ, ଗଜପତି ଜିଲ୍ଲା ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, ସ୍ଥାନୀୟ ସରପଞ୍ଚ ହୀନା ସେଠୀ, ସୁରେଶ ଦାଶ, ସମାଜସେବୀ ମନୋଜ ମିଶ୍ର, ଦିନେଶ ମହାନ୍ତି, ଲକ୍ଷ୍ମଣ ସେଠୀ, ତ୍ରିନାଥ ପାତ୍ର, ବୈରାଗୀ ସାହୁ, ବିରଭଦ୍ର ପାଣିଗ୍ରାହୀ, ଘନଶ୍ୟାମ ପାତ୍ର ଓ ସ୍ଥାନୀୟ ସମିତି ସଭ୍ୟ ସହାୟତା କରିଥିଲେ।

### କୋଦଳାକୁ ସବ୍‌ଡିଭିଜନ ମାନ୍ୟତା ଦାବି

# ସ୍ୱାଭିମାନ ସୁରକ୍ଷା ଅଭିଯାନ ମଞ୍ଚ ଗଠିତ

**କୋଦଳା, ୧୯ ।୧୦(ସମିସ)**



ଗଞ୍ଜାମ ଜିଲ୍ଲାର କୋଦଳା ତହସିଲ ସର୍ବ ପୁରାତନ। ଏହାକୁ ଏବେ ସବ୍ ଡିଭିଜନ ମାନ୍ୟତା ଦାବି କରୁଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ଇତିହାସରୁ ଜଣାପଡ଼େ ଯେ ବ୍ରିଟିଶ ଶାସନ ସମୟରେ ଏହା ଏକ ଉପଖଣ୍ଡ ଭାବେ ପରିଚିତ ଥିଲା। ବହୁ ପୁରାତନ ତହସିଲ କୋଦଳା ଏବେ ଅବହେଳିତ ହୋଇ ରହିଯାଇଛି। ଏଣୁ କୋଦଳାକୁ ଏବେ ଉପଖଣ୍ଡ ତଥା ସବ୍ ଡିଭିଜନ ମାନ୍ୟତା ଦାବି କରୁଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ଦଳମତ ନିର୍ବିଶେଷରେ ବିଭିନ୍ନ ବର୍ଗର ଲୋକଙ୍କ ସମର୍ଥନରେ ଆଜି ଗଠିତ ହୋଇଛି କୋଦଳା ସ୍ୱାଭିମାନ ସୁରକ୍ଷା ଅଭିଯାନ ମଞ୍ଚ। କୋଦଳା ଦଣ୍ଡିଶ୍ୱର ମନ୍ଦିର ପ୍ରାଙ୍ଗଣରେ ରବିବାର ଏହି ମଞ୍ଚର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ମହାସଚିବ ଦଣ୍ଡପାଣି ମହାପାତ୍ରଙ୍କ ସଂଯୋଜନା ତଥା କୋଦଳା ଏନଏସି ଉପାଧ୍ୟକ୍ଷା ରଞ୍ଜିତା ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏହି ଦାବିକୁ ଆଗାମୀ ଦିନରେ କିପରି ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ସେନେଇ ଆଲୋଚନା କରାଯାଇଥିଲା। ଏଥିରେ ସମାଜସେବୀ ତଥା ପୂର୍ବତନ କାଉନସିଲର ସନ୍ତୋଷ ନାୟକ, ଆଇନଜୀବୀ ମୀରାବାଇ ଦେଓ, କାଉନସିଲର ମନୋରଞ୍ଜନ ଡାକୁଆ, ବରିଷ୍ଠ ନାଗରିକ ସଂଘର ସଭାପତି ସୂର୍ଯ୍ୟ ନାରାୟଣ ଦୋରା, ସମାଜସେବୀ ବିଶ୍ୱନାଥ ତ୍ରିପାଠୀ, ଗଣେଶ ଯୁବକ ସଂଘ ସଭାପତି ସନ୍ତୋଷ କୁମାର ପ୍ରଧାନ, ଶିକ୍ଷକ ନେତା ରବି ନାରାୟଣ ଶତପଥି, ଜଗବନ୍ଧୁ ସାହୁ, କାଳି ପ୍ରସାଦ ରଥ, ଚନ୍ଦନ ସ୍ୱାଇଁ, ସାମ୍ବାଦିକ ସୁଶାନ୍ତ କୁମାର ପଟ୍ଟନାୟକ, କୃଷ୍ଣଚନ୍ଦ୍ର ପଲେଇ, ସୂର୍ଯ୍ୟ ନାରାୟଣ ବଡୁ, ପବିତ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



**ରମ୍ଭା, ୧୯।୧୦(ସମିସ):** ଅନନ୍ତ ଗୁଞ୍ଜର ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଖଲ୍ଲିକୋଟ ବିଡ଼ିଓ ଦେବାଶିଷ ସାମଲ ଯୋଗ ଦେଇଥିବା ବେଳେ ପୂର୍ବତନ ସରପଞ୍ଚ କୃଷ୍ଣ ଚନ୍ଦ୍ର ସାହୁ, ସିଆରସିସି ଲିପନ ପଣ୍ଡା, ଶିକ୍ଷକ ଅରୁଣ କୁମାର ମିଶ୍ର ଓ ଅବସରପ୍ରାପ୍ତ ଶିକ୍ଷକ ଭୋବନି ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ପରିଶେଷରେ କୃତି ପ୍ରତିଯୋଗୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀ, ଅଭିଭାବକ, ଗ୍ରାମର ଭଦ୍ରବ୍ୟକ୍ତି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସବିତା ରାଣୀ ଜଗଦ୍ଦେବ ଓ ନୀରଜ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବତନ ସିଆରସିସି ତଥା ଶିକ୍ଷକ ଦୁର୍ଯ୍ୟୋଧନ ପଲେଇ ମଞ୍ଚ ପରିଚାଳନା କରିଥିବା ବେଳେ ବାସନ୍ତୀ ଷଡ଼ଙ୍ଗୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

**କୁକୁଡ଼ାଖଣ୍ଡି, ୧୯ ।୧୦(ସମିସ):** ଦକ୍ଷିଣପୁର କ୍ଲଷ୍ଟରସ୍ଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଦରବାଲୀରେ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଲାଞ୍ଜିଆ ସମିତିସଭ୍ୟ ତଥା ବିଶିଷ୍ଟ ଶିକ୍ଷାବିତ୍ କାହ୍ନୁଚରଣ ପାତ୍ର



ନିମନ୍ତ୍ରିତ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଦକ୍ଷିଣପୁର କ୍ଲଷ୍ଟରର ୧୨ଟି ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଓ ଏଫ୍‌ଏଲ୍‌ଏନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଆମ୍ବଗଡ଼ ବିଦ୍ୟାଳୟର ସୁନିତା ସାହୁ ଓ ଜନତା ସାହୁ, ଗୁଣ୍ଡବନ୍ଧ ବିଦ୍ୟାଳୟର ସୁଜାତା କୁମାରୀ ସାହୁ ଓ ରୁନୁ ବରଡ, ଦକ୍ଷିଣ ପୁର ବିଦ୍ୟାଳୟ ଏ. ପୁଷ୍ପଲତା ଓ ମନୀଷା ବଡମୁଣ୍ଡି, ଲାଞ୍ଜିଆ ବିଦ୍ୟାଳୟର ନମିତା ମହାରଣା ଓ ରଞ୍ଜୁଲତା ପଟ୍ଟନାୟକ, ବାଳକୃଷ୍ଣପୁର ବିଦ୍ୟାଳୟର ଶଶୀରେଖା ମଲ୍ଲିକ ଓ କଲ୍ୟାଣୀ ତ୍ରିପାଠୀ, ଭେନୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅଳକା ମିଶ୍ର ଓ ଦେବକୀ ମଲିକ, ଭଗବାନପୁର ବିଦ୍ୟାଳୟର କନକଲତା ମହାନ୍ତି ଓ ଶିବାନନ୍ଦ ସାହୁ, ବୁଦାଲୁଣ୍ଡି ବିଦ୍ୟାଳୟର ମହାଲକ୍ଷ୍ମୀ କର, ବାଘଝରି ବିଦ୍ୟାଳୟର ସରସ୍ୱତୀ ଆଚାରୀ, ବିରିବାଡିଆ ବିଦ୍ୟାଳୟର ସୋମିୟ ରଞ୍ଜନ ଦାସ, ତଳକୁମ୍ଭାଝରିର ସୁଶ୍ରୀ ସଙ୍ଗୀତା ପାତ୍ର ଓ ଏସ.ଏସ କୁମ୍ଭାଝରିର ପି. ନରସିଂହ ଯୋଗ ଦେଇଥିଲେ। କ୍ଲଷ୍ଟର ସିଆର୍‌ସିସି ଦୃଷ୍ମନ୍ତ କୁମାର ପଟ୍ଟନାୟକ ବୈଠକ ପରିଚାଳନା କରିଥିଲେ। ବୈଠକ ଚାଲିଥିବାବେଳେ କୁକୁଡ଼ାଖଣ୍ଡି ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ମହାପାତ୍ର ଅଚାନକ ଏମ୍‌ସିଏମ୍‌କୁ ପରିଦର୍ଶନରେ ଆସି ସମୀକ୍ଷା କରିଥିଲେ। ସିଆରସିସି ଦୃଷ୍ମନ୍ତ ପଟ୍ଟନାୟକଙ୍କୁ ଏମସିଏମ କାର୍ଯ୍ୟ ଚାଲୁ ରଖିବାପାଇଁ ଆଦେଶ ଦେଇଥିଲେ।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ଧରାକୋଟ, ୧୯ ।୧୦(ସମିସ):** ଧରାକୋଟ ବ୍ଲକ ବଡଗଡ଼ ଥାନା ହରଭଙ୍ଗି କେନାଲରୁ ଜଣେ ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ପୁଲିସ ଉଦ୍ଧାର କରିଛି। ଏଯାଏ ମୃତ ବ୍ୟକ୍ତିଙ୍କ ପରିଚୟ ମିଳି ନଥିବା ବେଳେ ମୃତ୍ୟୁର କାରଣ ମଧ୍ୟ ଅସ୍ପଷ୍ଟ ରହିଛି। ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିବା ବେଳେ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ପଠାଯାଇଛି। ଅପର ପକ୍ଷରେ ଶବଟିର ହାତ, ଜଂଘ ସହ ଶରୀରର କିଛି ଅଂଶରେ କ୍ଷତ ଚିହ୍ନ ରହିଛି। ତାଙ୍କୁ କେହି ହତ୍ୟା କରିଥିବା ଅନୁମାନ କରାଯାଉଥିବାବେଳେ ପୁଲିସି ଘଟଣାର ତଦନ୍ତ ଜାରି ରଖିଛି।

## ଭିଡିଓ ବାର୍ତ୍ତାରେ ସାଇବର ସଚେତନତା



**ଜଗନ୍ନାଥପ୍ରସାଦ, ୧୯ ।୧୦(ସମିସ):** ଜଗନ୍ନାଥ ପ୍ରସାଦ ଥାନା ପକ୍ଷରୁ ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କାଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ବଜାର ଠାରେ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ ସାଇବର ସଚେତନତା କରିଛନ୍ତି। ସାମ୍ପ୍ରତିକ ସ୍ଥିତିରେ ଛାତ୍ରଛାତ୍ରୀ ବିଶେଷଭାବେ ସାଇବର ଠକେଇର ଶିକାର ହେଉଥିବାରୁ ସେମାନେ କିଭଳି ଇଣ୍ଟରନେଟ୍ ସୁରକ୍ଷା ଅଭ୍ୟାସ, ଇଣ୍ଟରନେଟ୍ ବ୍ୟବହାରର ନୈତିକ ନିୟମ, ସୋସିଆଲ ମିଡିଆ ବ୍ୟବହାର କ୍ଷେତ୍ରରେ ସତର୍କତା ଆଦି ସମ୍ପର୍କରେ ବିଶେଷଭାବେ ଅବଗତ ହେବାପାଇଁ ପୁଲିସ ପ୍ରଶାସନ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ଏସଆଇ ବଂଶୀଧର ମଲ୍ଲିକ, ଏସଆଇ ଜ୍ୟୋତିରଞ୍ଜନ ସାହୁ, ରଞ୍ଜିତ କୁମାର ମାଝୀ ଓ ଅନ୍ୟାନ୍ୟ ଥାନା କର୍ମଚାରୀ ଉପସ୍ଥିତ ରହିଥିଲେ।

## କୋର୍ଟ ରାୟ ପରେ ନାଏବ ସରପଞ୍ଚ ପଦ କାଏମ

**ପୁରୁଷୋତ୍ତମପୁର, ୧୯ ।୧୦(ସମିସ):** ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ପ୍ରତାପୁର ପଞ୍ଚାୟତର ଏକ ନିର୍ବାଚନୀ ମାମଲାରେ ଅଦାଲତଙ୍କ ରାୟ ପ୍ରକାଶ ପରେ ପଞ୍ଚାୟତର ୧ ନମ୍ବର ୱାର୍ଡର ୱାର୍ଡ ମେମ୍ବର ହରପ୍ରିୟା ପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ତାହା ସହିତ ନାଏବ ସରପଞ୍ଚ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ ଗତ ପଞ୍ଚାୟତ ନିର୍ବାଚନରେ ହରପ୍ରିୟା ପାତ୍ର ପ୍ରତାପୁର ପଞ୍ଚାୟତ ୧ ନମ୍ବର ୱାର୍ଡରୁ ୱାର୍ଡ ସଭ୍ୟା ଭାବେ ନିର୍ବାଚିତ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ନାଏବ ସରପଞ୍ଚ ଭାବେ ମଧ୍ୟ ନିର୍ବାଚିତ ହୋଇଥିଲେ ଏହାକୁ ନେଇ ପ୍ରତିପକ୍ଷ ଶୈଳେନ୍ଦ୍ରି ବେହେରାଙ୍କ ପକ୍ଷରୁ ଏକ ମାମଲା ସିଭିଲ ଜର୍ଜ (ଜୁନିଅର ଡିଭିଜନ) ପୁରୁଷୋତ୍ତମପୁରରେ ଦାୟର ହୋଇଥିଲା। ମାମଲା ବିଚାରଣ କରି କୋର୍ଟ ହରପ୍ରିୟାଙ୍କୁ ୱାର୍ଡ ସଭ୍ୟା ଭାବେ କାଏମ ରଖି ପ୍ରତିପକ୍ଷଙ୍କ ଦାବିକୁ କୋର୍ଟ ଆଗ୍ରହ କରିଥିଲେ। ଗତ ଜୁନ ୧୭ ତାରିଖରେ କୋର୍ଟ ରାୟ ପ୍ରକାଶ କରିଛନ୍ତି। ପୁରୁଷୋତ୍ତମପୁର ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡ଼ିଓ ଶରତ ଚନ୍ଦ୍ର ପାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଡିଓ ଏ ସମ୍ପର୍କରେ ସମ୍ପୃକ୍ତ ପଞ୍ଚାୟତ ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କୁ ପତ୍ର ଲେଖି ମାନ୍ୟବର କୋର୍ଟ ରୟକୁ କାଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହରପ୍ରିୟା ପାତ୍ର ପ୍ରତାପୁର ପଞ୍ଚାୟତରେ ନାଏବ ସରପଞ୍ଚ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ହରପ୍ରିୟା ପକ୍ଷରୁ ଆଇନଜୀବୀ ଗୌରୀଶଙ୍କର ରାଉଳ ମାମଲା ଲଢ଼ିଥିଲେ।

## 'ଆମ ପୁଲିସ ସମିତି'ର ରକ୍ତଦାନ ଶିବିର

**ବେଲଗୁଣ୍ଠା, ୧୯ ।୧୦(ସମିସ):** ଗାଙ୍ଗପୁର ଆମ ପୁଲିସ ସମିତି ଆନୁକୂଲ୍ୟରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ ହୋଇଯାଇଛି। ୧୨୧ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଗାଙ୍ଗପୁର ଥାନାଧିକାରୀ ବନବିହାରୀ ପ୍ରଧାନଙ୍କ ପରିଚାଳନାରେ ହୋଇଥିବା ଏହି ଶିବିରକୁ ଭଞ୍ଜନଗର ଉପଖଣ୍ଡ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜନ କୁମାର ଦେ ଶୁଭାରମ୍ଭ କରିଥିଲେ। ସୋରଡା ବିଧାୟକ ନୀଳମଣି ବିଷୋୟୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।ଅନ୍ୟତମ ଅତିଥି ଭାବେ ଏସ.ଡି.ପି.ଓ ଡଃ ଦିପକ କୁମାର ମିଶ୍ର, ଯୁବ ସଙ୍ଗଠକ ଜିତେନ୍ଦ୍ର କୁମାର ନାୟକ ଯୋଗଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଘୁମୁସର ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ତଥା ସମିତି ସଭ୍ୟ କେ.ରବୀନ୍ଦ୍ର କୁମାର ପାତ୍ର, ବେଲଗୁଣ୍ଠା ପ୍ରେସ୍ କ୍ଲବ୍ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ଗାଙ୍ଗପୁର ସରପଞ୍ଚ ପ୍ରତିନିଧି ସୁରେନ୍ଦ୍ର ଡାକୁଆ, ବେଲଗୁଣ୍ଠା ପ୍ରେସ୍ କ୍ଲବ ଉପଦେଷ୍ଟା ସନ୍ତୋଷ କୁମାର ବିଷୋୟୀ, ଅଧ୍ୟାପକ ଡ଼ଃ ସଞ୍ଜୀବ କୁମାର ଦାଶ, ପାଇଲିପଡ଼ା ମେଡିକାଲ୍ ଅଫିସର ଡ଼ାଃ ଜନାର୍ଦ୍ଦନ ମୋହିନୀ, ଶିବରାମ ମହାରଣା, ରଞ୍ଜିତ ଭୁୟାଁ, ସ ।ମାଞ୍ଚଳ ବିଷୋୟୀ, ମହନ୍ତ ରାମକୃଷ୍ଣ ଦାଶ, ଚିତ୍ରସେନ ବିଶ୍ୱାଳ, ବଡବୋରସିଂ ସରପଞ୍ଚ ରାମେଶ୍ୱର ପାତ୍ର, ଝାଡବନ୍ଧ ସରପଞ୍ଚ ଯୋଗେନ୍ଦ୍ର ସ୍ୱାଇଁ, ମୁନିଗାଡି ସରପଞ୍ଚ ପ୍ରତିନିଧି ସନ୍ତୋଷ ସ୍ୱାଇଁ, ଏସ୍. ଆଇ ଆର୍ତ୍ତତ୍ରାଣ ଦାନୀ ଓ ଅଜୟ ମଲ୍ଲିକ, ବିଶ୍ୱମ୍ଭର ଜେନା, ଏ.ଏସ. ଆଇ .ୟାଇ ଭି ନାଇଡୁ ଓ ସୁଷମା ବେହେରା ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଗାଙ୍ଗପୁର ଥାନାଧିକାରୀ ବନବିହାରୀ ପ୍ରଧାନ ଓ ପ୍ରେସ କ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର ପରିଚାଳନା କରିଥିଲେ। ଭଞ୍ଜନଗର ରକ୍ତ ଭଣ୍ଡାର କର୍ମଚାରୀ ମାନେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ।

## ଭାଗବତ ସତ୍‌ସଙ୍ଗ ଉଦ୍‌ଯାପିତ

**ଧରାକୋଟ, ୧୯ ।୧୦(ସମିସ):** ଧରାକୋଟ ଜଗନ୍ନାଥ ମନ୍ଦିରରେ ଗତ ଏକ ସପ୍ତାହ ବ୍ୟାପୀ ଚାଲିଥିବା ଭାଗବତ କଥାମୃତ ସତସଙ୍ଗ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। କୃଷ୍ଣ ଷଷ୍ଠୀ ଠାରୁ କୃଷ୍ଣ ଦ୍ୱାଦଶୀ ପର୍ଯ୍ୟନ୍ତ ପ୍ରତିଦିନ ମନ୍ଦିର କଲ୍ୟାଣ ମଣ୍ଡପରେ ଏହି କାର୍ଯ୍ୟକ୍ରମ ଚାଲିଥିଲା। କାର୍ଯ୍ୟକ୍ରମରେ ପୁରୁଷୋତ୍ତମପୁର ନିକଟସ୍ଥ ପ୍ରତାପୁର ସ୍ଥିତ ଲକ୍ଷ୍ମୀ ନାରାୟଣ ମଠ ମହନ୍ତ ରାଜେନ୍ଦ୍ର ଦାସ ମହାରାଜ ଭାଗବତ ପାଠ କରିଥିଲେ। ଏହାକୁ ଶ୍ରବଣ ପାଇଁ ଧରାକୋଟ ଅଞ୍ଚଳର ବିଭିନ୍ନ ଗ୍ରାମରୁ ଭକ୍ତ ମାନଙ୍କ ଭିଡ ଜମିଥିଲା। ସୀତାସ୍ୱାମୀ ସତସଙ୍ଗ କେନ୍ଦ୍ରର ପଦ୍ମ ଚରଣ ବାରିକ, ଗୋଲକ ବିହାରୀ ସାହୁ, ଯୋଗେନ୍ଦ୍ର ଘୋଷଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ଓଡ଼ିଆ ଆଲୋଚନା ଓ କବିତା ପାଠୋତ୍ସବ

**ଟିକାବାଲି, ୧୯।୧୦(ସମିସ)**




ଟିକାବାଲି ସାହିତ୍ୟ ସଂସଦର ବାର୍ଷିକୋତ୍ସବ ସଭାପତି ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ଏଏମସିଏସ ମହାବିଦ୍ୟାଳୟର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ଲେଖକ ସାମୁଖ୍ୟର ସଭାପତି ରବୀନ୍ଦ୍ର ନାଥ ମିଶ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ଉପସଚିବ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ଆଲୋଚନାର ଶୀର୍ଷକ ସ୍ୱାଧୀନତାର ପରବର୍ତ୍ତୀ ସାହିତ୍ୟରେ କିପରି ପରିବର୍ତ୍ତନ ଘଟିଛି ଏବଂ ମଣିଷ ଜୀବନ ଅସହାୟତାର ରଡ଼ ନିଆଁରେ କିପରି ଜର୍ଜରିତ ଏବଂ ଓଡ଼ିଆ ଅସ୍ମିତାର କିପରି ସମୃଦ୍ଧି କରିପାରିବା ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନରେ ସମ୍ପାଦକ ତଥା ପ୍ରତିଷ୍ଠାତା ମନୋଜ କୁମାର ଭୋଇ ସମ୍ପାଦକୀୟ ବିବରଣୀ ପଠନ କରିଥିବା ବେଳେ ଉପସଭାପତି ଗୁରୁପ୍ରସାଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଦସ୍ୟ ଦୀନକୃଷ୍ଣ ମହାପାତ୍ର ପରିଚାଳନା କରିଥିବା ବେଳେ, ଡ଼ ସୁଶାନ୍ତ କୁମାର ନାୟକ ଅନୁଷ୍ଠାନର କିଛି ସ୍ମୃତିକୁ ବଖାଣିଥିଲେ। ସଦସ୍ୟ ବନମାଳୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନ କବିତା ପାଠୋତ୍ସବରେ ଜିଲ୍ଲା ତଥା ଜିଲ୍ଲା ବାହାରର ବହୁ କବି କବିତା ପାଠ କରିଥିଲେ। ୭୦ରୁ ଅଧିକ କବିଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ତରଫରୁ ସ୍ମରଣିକା 'ଶବ୍ଦବ୍ରହ୍ମ' ଅତିଥି ମାନଙ୍କଦ୍ୱାରା ଉନ୍ମୋଚିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ସୁବର୍ଣ୍ଣପୁରର ଡ଼.ନିରଞ୍ଜନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡ଼ ପୁର୍ଣ୍ଣେନ୍ଦୁ ତ୍ରିପାଠୀ ଯୋଗ ଦେଇଥିଲେ। ଉପସଭାପତି ଗୁରୁପ୍ରସାଦ ସାହୁ ସଭାପତିତ୍ୱ କରିଥିଲେ। କବିତା ସଂଯୋଜନା ବନିତା ମହାରଣା ଓ ପ୍ରେମଲତା ସାହୁ କରିଥିଲେ। କାହ୍ନୁ ଚରଣ ପାତ୍ର, ଶ୍ରୀକାନ୍ତ ଚୌଧୁରୀ ଏବଂ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ସହ ସମ୍ପାଦିତା ଲତାଞ୍ଜଳି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟର ବିକାଶ ଦାବି



**ପାରଳାଖେମୁଣ୍ଡି, ୧୯ ।୧୦(ସମିସ):** ପାରଳାଖେମୁଣ୍ଡିସ୍ଥିତ ଶତାୟୁ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ବିକାଶ କରାଯିବାକୁ ଦାବି ହେଉଛି। ଶିକ୍ଷାର ଉନ୍ନତି ସହ ସାକ୍ଷର କରିବା ପାଇଁ ପ୍ରଜାବତ୍ସଳ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଏହି ବିଦ୍ୟାଳୟର ଉନ୍ନତିକରଣ କରିଥିଲେ। ପୂର୍ବପୁରୁଷଙ୍କ ଦ୍ୱାରା ନିର୍ମିତ ଏହି ବିଦ୍ୟାଳୟ ଆଗାମୀ ଭବିଷ୍ୟତ ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରୁ ବୋଲି ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ଇଚ୍ଛା ଥିଲା। ଉକ୍ତ ବିଦ୍ୟାଳୟ ୧୫୦ ବର୍ଷ ପୁରାତନ ହୋଇଥିବା ବେଳେ ଏହାର ନିର୍ମାଣ ଶୈଳୀ ଓ ବିଦେଶରୁ ଘଣ୍ଟା ଅଣାଯାଇ ବିଦ୍ୟାଳୟର ସୌନ୍ଦର୍ଯ୍ୟ ବର୍ଦ୍ଧନ କରାଯାଇଥିଲା। କାଳକ୍ରମେ ବିଦ୍ୟାଳୟର ସୌନ୍ଦର୍ଯ୍ୟ ହରାଇବା ସହ ଜରାଜୀର୍ଣ୍ଣ ହୋଇପଡ଼ିଛି। ବାରମ୍ବାର ବିଦ୍ୟାଳୟରେ ବହୁ ସରକାରୀ କାର୍ଯ୍ୟକ୍ରମ ଓ ନିର୍ବାଚନ ପାଇଁ ଷ୍ଟ୍ରଙ୍ଗରୁମ୍ ଭାବେ ବ୍ୟବହାର କରାଯାଇ ଭିତ୍ତିଭୂମିର ନଷ୍ଟ କରାଯାଇଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସମୟ ଅନ୍ତରାଳେ ବିଭିନ୍ନ ସ୍ତରରୁ ବାରମ୍ବାର ଏହାର ବିକାଶ ପାଇଁ ଦାବି ହେଉଥିଲେ ମଧ୍ୟ ଶିକ୍ଷା ବିଭାଗର ଅବହେଳା କରୁଥିବା ଅଭିଯୋଗ ହେଉଛି। ସ୍କୁଲ କର୍ତ୍ତୃପକ୍ଷ ଓ ସ୍ଥାନୀୟ ଅଞ୍ଚଳବାସୀ ଜିଲ୍ଲାପାଳ, ଶିକ୍ଷା ବିଭାଗ ଓ ସ୍ଥାନୀୟ ସାଂସଦଙ୍କୁ ଏସମ୍ପର୍କରେ ଏବେ ଦାବି ଜଣାଇଛନ୍ତି। ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଅନେକ ଆଦିବାସୀ ବିଦ୍ୟାର୍ଥୀ ସ୍କୁଲରେ ଥିବା ୧୨୫ ଶଯ୍ୟା ବିଶିଷ୍ଟ ହଷ୍ଟେଲ୍ ଯୋଗୁଁ ବାହାରେ ରହୁଥିବା ଅଭିଯୋଗ ହୋଇଛି। ହଷ୍ଟେଲର ଶଯ୍ୟା ସଂଖ୍ୟା ୧୨୫ ରୁ ୨୦୦କୁ ବୃଦ୍ଧି କରିବା, ସ୍କୁଲର ପୁନରୁଦ୍ଧାର କିମ୍ବା ମରାମତି, ସୌନ୍ଦର୍ଯ୍ୟକରଣ, ଶୌଚାଳୟ ନିର୍ମାଣ, ସୋଲାର ଲାଇଟ ବ୍ୟବସ୍ଥା, ନଳକୂପ ଖନନ, ସାଇକଲ ଷ୍ଟାଣ୍ଡ ସମେତ ପ୍ରତ୍ୟେକ ଶ୍ରେଣୀ କକ୍ଷ ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ପାଇଁ ଦାବି ହୋଇଛି।

ସକାଳ
THE SAKALA



www. sakalaepaper.com

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୯୭ ● ପାଉଣ୍ଡ ୧୧୮.୪୬
- ୟୁରୋ ୧୦୩.୬୨ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୪ କ୍ୟାରେଟ୍)
- ସୁନା: ୧,୨୯,୫୮୪ (ନୂଆଦିଲ୍ଲୀ)
- ରୁପା : ୧,୬୯,୨୩୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୯୫୨.୦୦
- ନିଫ୍ଟି ୨୫,୭୦୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ୨୧ କୋଟି ରିଆତିରେ ୧୮୬ ବିଳାସପୂର୍ଣ୍ଣ କାର୍ ବିକ୍ରି

ନୂଆଦିଲ୍ଲୀ, ୧୯।୧୦ (ଏଜେନ୍ସି)



ବ୍ୟାବସାୟିକ ସମୃଦ୍ଧି ପାଇଁ ପରିଚିତ ଜୈନ ସମ୍ପ୍ରଦାୟ ରିଆତିର ବମ୍ପର ଲାଭ ଉଠାଇଛନ୍ତି। ଏହି ସମ୍ପ୍ରଦାୟର ଲୋକେ ବିଏମ୍‌ଡବ୍ଲ୍ୟୁ, ଅଡି ଏବଂ ମର୍ସିଡିଜ୍ ଭଳି ୧୮୬ଟି ବିଳାସପୂର୍ଣ୍ଣ କାର୍ କ୍ରୟ କରିଛନ୍ତି। ଆଉ ଏଥିପାଇଁ ୨୧ କୋଟି ଟଙ୍କା ରିଆତି ପାଇଛନ୍ତି। ଏହା ଜୈନ ସମ୍ପ୍ରଦାୟର କ୍ରୟ କ୍ଷମତାକୁ ଦର୍ଶାଉଛି। ଜୈନ ଅନ୍ତର୍ଜାତୀୟ ବାଣିଜ୍ୟ ସଂଗଠନ (ଜେଆଇଟିଓ) ପାଇଁ ଏହା ସଫଳ ହୋଇପାରିଛି। ସାରା ଭାରତରେ ଏନ୍‌ଜିଓ ଭାବେ କାର୍ଯ୍ୟ କରୁଥିବା ଜେଆଇଟିଓର ୬୫ ହଜାରରୁ ଅଧିକ ସଦସ୍ୟ ଅଛନ୍ତି। ଜଆଇଟିଓ ଉପାଧ୍ୟକ୍ଷ ହିମାଂଶୁ ଶାହା କହିଛନ୍ତି ଯେ ଏହା ଏକ ସର୍ବଶ୍ରେଷ୍ଠ ଡିଲ୍ ଥିଲା। ବିଏମ୍‌ଡବ୍ଲ୍ୟୁ , ମର୍ସିଡିଜ୍ ଭଳି ବ୍ରାଣ୍ଡର ୧୫ ଡିଲରଙ୍କ ସହ ଆଲୋଚନା କରାଯାଇ ମୂଲ୍ୟରେ ମୂଲଚାଲ କରାଯାଇଥିଲା। ଏଥିରେ ଜେଆଇଟିଓ ଏକ ସହାୟକ ଭଳି କାର୍ଯ୍ୟ କରିଥିଲା। ଏହି କ୍ରୟରୁ କୌଣସି ଲାଭ କମାଇ ନ ଥିଲା।

ଶାହାଙ୍କ ଅନୁଯାୟୀ ଗୁଜାରଟର ଅଧିକାଂଶ ଜୈନ ପରିବାର ଏହି କାର୍ କ୍ରୟ କରିଥିଲେ। ଏହାର ମୂଲ୍ୟ ୬୦ ଲକ୍ଷରୁ ୧.୩ କୋଟି ଟଙ୍କା ପର୍ଯ୍ୟନ୍ତ ଥିଲା। ଜାନୁଆରୀରୁ ଜୁନ୍ ମାସ ମଧ୍ୟରେ କ୍ରେତାଙ୍କୁ ଏହି କାର୍ ହସ୍ତାନ୍ତର କରାଯାଇଥିଲା। ଏହି ଚୁକ୍ତି ପାଇଁ ୨୧ କୋଟି ଟଙ୍କା ସଞ୍ଚୟ ହୋଇଥିଲା। ଜେଆଇଟିଓର ସଦସ୍ୟ ନିତିନ ଜୈନ ପ୍ରଥମେ ଏହି ପ୍ରୟାସ ଆରମ୍ଭ କରିଥିଲେ। ଏତେ ସଂଖ୍ୟକ ଗାଡ଼ି କିଣିବା ପାଇଁ ସେ ଡିଲର୍ସଙ୍କ ସହ ମୂଲଚାଲ କରିପାରିବେ ବୋଲି କହିଥିଲେ। ଏହି କ୍ରୟରେ କୌଣସି ମାର୍କେଟିଂ ଦେୟ ସାମିଲ ନ ଥିଲା। ଏହା କାର୍ ନିର୍ମାତା କମ୍ପାନୀ ପାଇଁ ମଧ୍ୟ ଭଲ ବ୍ୟବସାୟ ଥିଲା। ଏହି କ୍ରୟରେ କ୍ରେତା କାର୍ ପିଛା ୮ରୁ ୧୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିଥିଲେ। ଏହି ଟଙ୍କାରେ ସେ ପରିବାର ପାଇଁ ଆଉ ଏକ କାର୍ କ୍ରୟ କରିପାରିବେ। ଅଳଙ୍କାର ଏବଂ ଅନ୍ୟ ସାମଗ୍ରୀ କ୍ରୟ ପାଇଁ ଜେଆଇଟିଓ ପକ୍ଷରୁ ମଧ୍ୟ ଏଭଳି ଯୋଜନା କରାଯାଇଛି।

- **ଦେବାକୁ ପଡ଼ିଲାନି ମାର୍କେଟିଂ ମୂଲ୍ୟ**
- **କାର୍ ପିଛା ୮ରୁ ୧୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ**
- **ପରିବାର ପାଇଁ କିଣିପାରିବେ ଆଉ ଏକ କାର୍**
- **କ୍ରୟକ୍ଷମତାରେ ବାଜିମାତ କଲା ଜୈନ ସମ୍ପ୍ରଦାୟ**

## ବିଶ୍ୱରେ ବଢୁଛି ଚିନ୍ତା

# ସୁନାର ପାହାଡ଼ ଛିଡ଼ାକଲାଣି ଚୀନ୍

ବେଜିଂ, ୧୯।୧୦ (ଏଜେନ୍ସି): ବିଶ୍ୱରେ ନିଜ କର୍ତ୍ତୃତ୍ୱ ବଢ଼ାଇବା ଚୀନ୍ ଏକ ବଡ଼ ପଦକ୍ଷେପ ନେଇଛି। ସାରା ଦୁନିଆରେ ଏହାକୁ ନେଇ ଚିନ୍ତା ପ୍ରକାଶ ପାଇଛି। ଚୁପ୍‌ଚାପ ଚୀନ୍ ସୁନାର ପାହାଡ଼ ଛିଡ଼ା କଲାଣି। ଚଳିତ ବର୍ଷ ଏହି ପାହାଡ଼ ଅସାଧାରଣ ଭାବେ ବୃଦ୍ଧି ପାଇଛି। ଏହି ତଥ୍ୟ ଯେ କେହି ବି ଶୁଣିବ ସେ ସହଜରେ ବିଶ୍ୱାସ କରିପାରିବନି। ଚୀନ୍‌ର ସୁନା ଭଣ୍ଡାର ୪ ହଜାର ଟନ୍‌ରେ ପହଞ୍ଚି ଯାଇଛି। ବର୍ଷ ଆରମ୍ଭରେ ଏହି ଦେଶ ପାଖରେ ମାତ୍ର ୫୦୦ ଟନ୍ ସୁନା ଥିଲା। ଏହାକୁ ଏକ ବଡ଼ ନିବେଶ ଏବଂ ସୁଚିନ୍ତିତ ରଣନୀତି ଭାବେ ଦେଖାଯାଉଛି। ବିଶେଷଜ୍ଞଙ୍କ ଅନୁଯାୟୀ ଚୀନ୍ ସୁନା ମାଧ୍ୟମରେ ଡଲାରର ଦବଦବାକୁ ଶେଷ କରିବାକୁ ଚାହୁଁଛି। ଆଗକୁ ବିଶ୍ୱରେ ଆର୍ଥିକ ସଙ୍କଟ ସୃଷ୍ଟି ହୋଇପାରେ ବୋଲି ଚୀନ୍ ଅନୁମାନ କରୁଛି। ବେଜିଂର ଏହି ପଦକ୍ଷେପ ବିଶ୍ୱର ନିଦ ହଜାଇ ଦେଇଛି।



ଦିନକରେ ଚୀନ୍ ୩୫୦୦ ଟନ୍ ସୁନା କିଣି ନାହିଁ। ଏହା ଏକ ବଡ଼ ଯୋଜନାର ଅଂଶବିଶେଷ। ଚଳିତ ବର୍ଷ ପ୍ରାରମ୍ଭରୁ ଚୀନ୍‌ର କେନ୍ଦ୍ରୀୟ ବ୍ୟାଙ୍କ ରଣନୀତ ବନାଇ କ୍ରମାଗତ ଭାବେ ସୁନା କ୍ରୟ ଜାରି ରଖିଥିଲା। ପ୍ରତି ମାସରେ କିଛି କିଛି ମାତ୍ରାରେ ସୁନା କ୍ରୟ କରାଯାଇଥିଲା। ଏହି ଧାରାରେ ଜମାରୁ ବ୍ରେକ ଲାଗି ନ ଥିଲା। ବିଶ୍ୱର ବଡ଼ ବଡ଼ ବଜାର ଏହା ବୁଝିବା ଆଗରୁ ଚୀନ୍ ସୁନାର ବିଶାଳ ପାହାଡ଼ ସୃଷ୍ଟି କରିଦେଇଥିଲା। ବିଶ୍ୱ ବଜାରରେ ସୁନା ମୂଲ୍ୟ ଆକାଶ ଛୁଆଁ ହେଉଥିବାବେଳେ ଚୀନ୍ ଏପରି କରିଥିଲା। ମୂଲ୍ୟ ୩୦ ପ୍ରତିଶତ ବଢ଼ିବା ସତ୍ତ୍ୱେ ବେଜିଂ ଅଟକି ନ ଥିଲା। ଭବିଷ୍ୟତର ସୁରକ୍ଷା ପାଇଁ ସଞ୍ଚୟ କରି ଚାଲିଥିଲା। ଏହା କେବଳ ଦେଶର ଅର୍ଥ ବ୍ୟବସ୍ଥାକୁ ମଜବୁତ କରିବ ନାହିଁ, ବରଂ ବିଶ୍ୱ ମଞ୍ଚରେ ନିଜ ଆର୍ଥିକ ଶକ୍ତିର ପ୍ରଦର୍ଶନ ମଧ୍ୟ କରିଛି। ଯେକୌଣସି ଆର୍ଥିକ ସ୍ଥିତିର ସମ୍ମୁଖୀନ ପାଇଁ ପ୍ରସ୍ତୁତ ଅଛି ବୋଲି ଚୀନ୍ ବାର୍ତ୍ତା ଦେଇଛି। ଚୀନ୍‌ର ଏହି ପଦକ୍ଷେପ ଆମେରିକା ଡଲାରର ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୀର୍ଘ ବର୍ଷ ହେଲା ବିଶ୍ୱରେ ଡଲାର ମାଧ୍ୟମରେ କାରବାର ହେଉଛି। ଏହା ଆମେରିକାକୁ ସୁହାଉଛି। କିନ୍ତୁ ଚୀନ୍‌ର ଚାଲ୍ ଏହି ବ୍ୟବସ୍ଥାକୁ ଶକ୍ତ ଝଟ୍‌କା ଦେଇଛି। ଡଲାର ଉପରୁ ନିର୍ଭରଶୀଳତା ହ୍ରାସ ପାଇଁ ଏହାକୁ ଏକ ବଡ଼ ପଦକ୍ଷେପ ଭାବେ ଦେଖାଯାଉଛି। ଚୀନ୍ ନିଜ ବିଦେଶୀ ମୁଦ୍ରା ଭଣ୍ଡାରରୁ ଡଲାରର ଅଂଶ ଦ୍ରୁତଗତିରେ ହ୍ରାସ କରିବାକୁ ଚାହୁଁଛି। ଚୀନ୍ ବିପୁଳ ସୁନା କ୍ରୟ କରୁଥିବା ବିଶ୍ୱ ବଜାରରେ ଏହାର ମୂଲ୍ୟ ମଧ୍ୟ ବଢିଚାଲିଛି। ଚୀନ୍‌କୁ ଦେଖି ଅନ୍ୟ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ମଧ୍ୟ ସଜାଗ ହୋଇଯାଇଛନ୍ତି। ଡଲାର ଉପରେ ସମ୍ପୂର୍ଣ୍ଣ ଭରସା କରିବା ବିପଦପୂର୍ଣ୍ଣ ବୋଲି ରୁଷ୍-ୟୁକ୍ରେନ ଯୁଦ୍ଧ ଶିକ୍ଷା ଦେଇଛି। ତେଣୁ ଏବେ ଅନ୍ୟ ଦେଶ ନିଜ ସୁରକ୍ଷା ପାଇଁ ଡଲାର ପ୍ରତି ବଦଳରେ ସୁନା କିଣିବାରେ ଲାଗିଛନ୍ତି।

# ଦୀପାବଳି ଉପଲକ୍ଷେ ବିଏସ୍‌ଏନ୍‌ଏଲ୍‌ର ସ୍ୱତନ୍ତ୍ର ଅଫର

ଭୁବନେଶ୍ୱର,୧୯ ।୧୦(ସମିସ): ଆଲୋକର ପର୍ବ ଦୀପାବଳି ଉପଲକ୍ଷେ ବିଏସଏନଏଲ୍ ପକ୍ଷରୁ ପ୍ରତ୍ୟେକ ବର୍ଗର ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ଉପଲବ୍ଧ କରାଯାଇଛି। ଏହା ଗତ ଶନିବାରଠାରୁ ଆରମ୍ଭ ହୋଇଛି। ଆସନ୍ତା ୧୮ ପର୍ଯ୍ୟନ୍ତ ଏହା ଜାରି ରହିବ। ଏହା ମାଧ୍ୟମରେ ନୂତନ ଗ୍ରାହକମାନେ କେବଳ ୧ ଟଙ୍କା ଦେଇ ୪ଜି ସିମ୍ ପାଇପାରିବେ। ଏଥିରେ ଅସୀମିତ କଲ୍ , ଦୈନିକ ୨ଜିବି ଡାଟା ଓ ୧୦୦ ଏସଏମଏସ ୩୦ ଦିନ ପର୍ଯ୍ୟନ୍ତ ଉପଭୋଗ କରିପାରିବେ। ବରିଷ୍ଠ ନାଗରିକମାନେ ଉପରୋକ୍ତ ପ୍ଲାନ ବ୍ୟତୀତ ୧୮୨ ଟଙ୍କା ଦେଇ ୪ଜି ସିମ୍ ପାଇପାରିବେ। ଏଥିରେ ୩୬୫ ଦିନ ପର୍ଯ୍ୟନ୍ତ ଅସୀମିତ କଲ୍ , ଦୈନିକ ୨ଜିବି ଡାଟା, ୧୦୦ ଏସଏମଏସ ପାଇବେ। ଏହା ସହ ବିଟିଭି ପ୍ରିମିୟମ ପ୍ଲାନ ୬ ମାସ ପାଇଁ ଉପଭୋଗ କରିପାରିବେ। ଗ୍ରାହକମାନଙ୍କ ପାଇଁ ମଧ୍ୟ ଲକି ଡ୍ର ସୁବିଧା ରହିଛି। ଏଥିରେ ସେଲ୍ଫ କେୟାର ଆପ୍ କିମ୍ବା ବିଏସଏନଏଲ୍ ୱେବସାଇଟ୍ ମାଧ୍ୟମରେ ସୋମବାର ସୁଦ୍ଧା ପ୍ଲାନ ୧୦୦ ଏବଂ ତା’ଠାରୁ ଅଧିକ ରିଚାର୍ଜ କରି ଏହି ଲକି ଡ୍ରରେ ଭାଗ ନେଇପାରିବେ। ସେମାନଙ୍କ ମଧ୍ୟରୁ ୧୦ ଜଣ ଗ୍ରାହକଙ୍କ ପାଇଁ ପ୍ରତ୍ୟେକ ଦିନ ୧୦ ଗ୍ରାମର ଗୋଟିଏ ରୂପା ମୁଦ୍ରା ଜିତିବାର ସୁଯୋଗ ରହିବ। ସେହିପରି କର୍ପୋରେଟ୍ କମ୍ବୋ ଅଫର୍ସରେ ସର୍ବନିମ୍ନ ୧୦ଟି ନୂଆ ପୋଷ୍ଟ-ପେଡ୍ ବିଏସଏନଏଲ୍ ସଂଯୋଗ ଏବଂ ଗୋଟିଏ ଏଫଟିଟିଏଚ୍ ସଂଯୋଗ ନେଲେ ପ୍ରଥମ ମାସର ଏଫଏମସି ଉପରେ ୧୦% ରିହାତି ଦିଆଯିବ। ଏହା ବ୍ୟତୀତ ସେଲ୍ଫ କେୟାର ଆପ୍ କିମ୍ବା ବିଏସଏନଏଲ୍ ୱେବସାଇଟ୍ ମାଧ୍ୟମରେ ନିଜ ପଞ୍ଜିକୃତ ନମ୍ବରରୁ ଅନ୍ୟ ବିଏସଏନଏଲ୍ ନମ୍ବରକୁ ନଭେମ୍ବର ୧୮ ପର୍ଯ୍ୟନ୍ତ ୧୯୯ରୁ ଅଧିକ ଟଙ୍କା ରିଚାର୍ଜ କଲେ ୨.୫% ରିହାତି ମିଳିବ। ସେଲ୍ଫ କେୟାର ଆପ୍ କିମ୍ବା ବିଏସଏନଏଲ୍ ୱେବସାଇଟ୍ ମାଧ୍ୟମରେ ଅନ୍ୟ ବିଏସଏନଏଲ୍ ନମ୍ବରରେ ୪୮୫ ଟଙ୍କା ଓ ପ୍ଲାନ୍ ୧୯୯୯ ଟଙ୍କା ରିଚାର୍ଜ କଲେ, ଗ୍ରାହକ ୨.୫% ରିହାତି ପାଇବେ ଏବଂ ବାକି ୨.୫% ସାମାଜିକ ସେବା ପାଇଁ ଦାନ କରାଯିବ।

# ଏମ୍‌ଏସ୍‌ଏମ୍‌ଇଙ୍କୁ ୭ ବର୍ଷରେ ୨.୬୫ ଲକ୍ଷ କୋଟିର ଋଣ

ନୂଆଦିଲ୍ଲୀ, ୧୯।୧୦ (ଏଜେନ୍ସି): ଏମ୍‌ଏସ୍‌ଏମ୍‌ଇଗୁଡିକ ଋଣ ଆବଶ୍ୟକତା ପାଇଁ ‘ପିଏସ୍‌ବି ଲୋନ୍ସ ଇନ୍ ୫୯ ମିନିଟ୍ସ’ ପ୍ଲାଟଫର୍ମର ବହୁଳ ବ୍ୟବହାର କରିଛନ୍ତି। ପ୍ଲାଟଫର୍ମ ମାଧ୍ୟମରେ ଗତ ୭ ବର୍ଷରେ ଏମଏସଏମଇଗୁଡିକୁ ୨.୬୫ ଲକ୍ଷ କୋଟି ଟଙ୍କାରୁ ଅଧିକ ଋଣ ମଞ୍ଜୁରି ହୋଇଛି। ଘଣ୍ଟାଏ ଭିତରେ ୧୦ ଲକ୍ଷରୁ ନେଇ ୫ କୋଟି ଟଙ୍କା ପର୍ଯ୍ୟନ୍ତ ରାଶିକୁ ଘଣ୍ଟାଏ ଭିତରେ ସ୍ୱୀକୃତି ଦିଆଯାଇଛି। ୨୦୧୮ରେ ଏହାର ପ୍ରତିଷ୍ଠା ପରଠାରୁ ଏ ପର୍ଯ୍ୟନ୍ତ ପ୍ରାୟ ୩୦ ଲକ୍ଷ ଋଣ ମଞ୍ଜୁରି କରାଗଲାଣି। ଏମଏସଏମଇକୁ ଅନେକ ସରକାରୀ ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନ ସହ ଯୋଡୁଥିବା ଏହି ପ୍ଲାଟଫର୍ମ ଜିଏସ୍‌ଟି ରିଟର୍ଣ୍ଣ, ଆୟକର ଫାଇଲିଂ, ବ୍ୟାଙ୍କ ଷ୍ଟେଟମେଣ୍ଟ ଏବଂ କ୍ରେଡିଟ ବ୍ୟୁରୋ ରିପୋର୍ଟ ଭଳି ସୂଚନା ସଂଗ୍ରହ କରିଥାଏ।

# କର୍ମଚାରୀଙ୍କୁ ୫୧ କାର୍ ଉପହାର ଦେଲେ ମାଲିକ



ଚଣ୍ଡିଗଡ଼, ୧୯।୧୦ (ଏଜେନ୍ସି): ଏଠାକାର ଏମଆଇଟିଏସ୍ ଫାର୍ମାସ୍ୟୁଟିକାଲ୍ସ କମ୍ପାନୀ ଦୀପାବଳିରେ ନିଜ କର୍ମଚାରୀଙ୍କୁ ୫୧ଟି କାର୍ ଉପହାର ଦେଇଛି। ର୍ୟାଙ୍କ ଏବଂ ପ୍ରଦର୍ଶନ ଆଧାରରେ ଏହି ଗାଡ଼ି ଦିଆଯାଇଛି। ବରିଷ୍ଠ ପଦବୀରେ ମୁତୟନ କର୍ମଚାରୀଙ୍କୁ ଏସ୍‌ୟୁଭି ପ୍ରଦାନ କରାଯାଇଛି। ଏମଆଇଟିଏସ୍‌ର ମାଲିକ ଏମେକ ଭାଟିଆ ବର୍ଷ ସାରା ଭଲ କାମ କରିଥିବା କର୍ମଚାରୀଙ୍କୁ ଏହା ପ୍ରଦାନ କରିଛନ୍ତି। ଚଣ୍ଡିଗଡ଼ କ୍ଷେତ୍ରର ଏକମାତ୍ର କମ୍ପାନୀ ଭାବେ ଏମଆଇଟିଏସ୍ ଗତ ତିନି ବର୍ଷ ହେଲା ଏଭଳି ଉପହାର ଦେଇଆସୁଛି। ଶ୍ରୀ ଭାଟିଆ ଦୀର୍ଘ ଦିନ ହେଲା ଫାର୍ମା କ୍ଷେତ୍ର ସହ ଜଡ଼ିତ ଅଛନ୍ତି। ସେ ୨୦୦୨ରେ ମେଡିକାଲ ଷ୍ଟୋର ଚଲାଇ ଦେବାଳିଆ ହୋଇ ଯାଇଥିଲେ। ଏହା ପରେ ୨୦୧୫ରେ ନିଜ କମ୍ପାନୀ ଖୋଲିଥିଲେ। ଏବେ ସେ ୧୨ଟି କମ୍ପାନୀ ଚଲାଉଛନ୍ତି। କର୍ମଚାରୀ ବାଇକ ଏବଂ ଟ୍ୟାକ୍ସି ବଦଳରେ କାର୍‌ରେ ଅଫିସ ଆସନ୍ତୁ ବୋଲି ଭାଟିଆ ଚାହୁଁଛନ୍ତି।

## ୨୦୨୮ ରୁ ଦିଲ୍ଲୀରେ ଆରମ୍ଭ ହୋଇପାରେ ଏୟାର ଟ୍ୟାକ୍ସି

# ୩ ଘଣ୍ଟାର ଯାତ୍ରାକୁ ଲାଗିବ ୧୦ ମିନିଟ୍; ଭଡ଼ା ୫୦୦ ଟଙ୍କା

ନୂଆଦିଲ୍ଲୀ, ୧୯।୧୦ (ଏଜେନ୍ସି)

ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଏବଂ ଚୀନ୍ ପରେ ଭାରତରେ ୨୦୨୮ ସୁଦ୍ଧା ଏୟାର ଟ୍ୟାକ୍ସି ଆରମ୍ଭ ହୋଇପାରେ। ଏହା ମାଧ୍ୟମରେ ଯେକୌଣସି ସ୍ଥାନରୁ ସିଧାସଳଖ ଉଡ଼ାଣ କରି ହେବ। ଇଚ୍ଛା ମୁତାବକ ସ୍ଥାନରେ ମଧ୍ୟ ଅବତରଣର ସୁବିଧା ମିଳିବ। ଏଥିପାଇଁ ପଞ୍ଜାବର ମୋହାଲି ସ୍ଥିତ ଷ୍ଟାର୍ଟଅପ୍ ନଲୱା ଏରୋ ଏଭଳି ଏକ ସ୍ୱଦେଶୀ ଏୟାର ଟ୍ୟାକ୍ସି ବିକଶିତ କରିଛି। ଏହାର ନାମ ଇଭିଟଲ ତଥା ଇଲେକ୍‌ଟ୍ରିକ ଭର୍ଟିକାଲ ଟେକ-ଅଫ୍ ଆଣ୍ଡ ଲ୍ୟାଣ୍ଡିଂ ରହିଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ଏହାକୁ ଡିଜାଇନ ଅର୍ଗାନେଇଜେସନ ଆପ୍ରୁଭାଲ (ଡିଓଏ) ପ୍ରମାଣପତ୍ର ପ୍ରଦାନ କରିଛି। ନଲୱା ଏରୋର ସିଇଓ କୁଲଜିତ ସିଂହ ସାନ୍ଧୁ କହିଛନ୍ତି ଯେ କରୋନା ସମୟରେ ତାଙ୍କର ଜଣେ ବନ୍ଧୁ ଏମର୍ଜେନ୍ସି ମେଡିକାଲ ଇଭାକ୍ୟୁସନ (ଇଏମଇ) ଆବଶ୍ୟକ ଥିବା କହିଥିଲେ। ତାଙ୍କ ଘର ପାଖରେ କୌଣସି ଏୟାର ଆମ୍ବୁଲାନ୍ସ କିମ୍ବା ହେଲିପ୍ୟାଡ ନ ଥିଲା। ଏହା ହିଁ ତାଙ୍କୁ ଭର୍ଟିକାଲ ଉଡ଼ାଣ ଏବଂ ଅବତରଣ କରିପାରୁଥିବା ମେସିନ ପ୍ରସ୍ତୁତ କରିବାକୁ ଅନୁପ୍ରାଣୀତ କରିଥିଲା। ଏହାର ଡିଜାଇନ ପ୍ରକ୍ରିୟା ଶେଷ ହୋଇଯାଇଛି। ମାସେ ଭିତରେ ଏହାର ପ୍ରସ୍ତୁତ ହୋଇଯିବ। ମଧ୍ୟବିତ୍ତ ଏବଂ ନିମ୍ନ ମଧ୍ୟବିତ୍ତ ବର୍ଗଙ୍କୁ ଦୃଷ୍ଟିରେ ରଖି ଏହାକୁ ପ୍ରସ୍ତୁତ କରାଯାଉଛି। ପ୍ରଥମେ ଦିଲ୍ଲୀ-ଏନ୍‌ସିଆରରେ ଏହି ଏୟାର ଟ୍ୟାକ୍ସି ସେବା ଆରମ୍ଭ କରାଯିବ।

ଆଇଜିଆଇ ବିମାନବନ୍ଦରରୁ ଆନନ୍ଦ ବିହାର, ନୋଏଡ଼ା, ଗାଜିଆବାଦ ଏବଂ ପାନିପତ ଭଳି ସ୍ଥାନକୁ ଯିବା ପାଇଁ ଘଣ୍ଟାଏରୁ ତିନି ଘଣ୍ଟା ଲାଗୁଛି। ଇଭିଟଲ୍ ଏୟାର ଟ୍ୟାକ୍ସି ଏହି ସ୍ଥାନକୁ ମାତ୍ର ୧୦ରୁ ୧୨ ମିନିଟ ମଧ୍ୟରେ ପହଞ୍ଚାଇ ଦେବ। ଆଇଜିଆଇ ବିମାନବନ୍ଦରରୁ ଆନନ୍ଦ ବିହାର ଯିବା ପାଇଁ ବ୍ୟକ୍ତି ପିଛା ମାତ୍ର ୫୦୦ ଟଙ୍କା ଭଡ଼ା ଲାଗିବ ବୋଲି ଅନୁମାନ କରାଯାଉଛି। ଦିଲ୍ଲୀ ପରେ ମୁମ୍ବଇ, କୋଲକାତା, ବେଙ୍ଗାଲୁରୁ ସହିତ ଅନ୍ୟ ମେଟ୍ରୋ ସହରରେ ଏହି ସେବା ଆରମ୍ଭ ହେବ। ସାନ୍ଧୁଙ୍କ ଅନୁଯାୟୀ, ଇଭିଟଲ୍‌ରେ ୮ଟି ରୋଟର ସିଷ୍ଟମ ରହିଛି। ତିନୋଟି ଅକାମୀ ହୋଇଗଲେ ବି ବିମାନ ଦୁର୍ଘଟଣାଗ୍ରସ୍ତ ହେବନାହିଁ। ଏହା ସୁରକ୍ଷିତ ଭାବେ ଅବତରଣ କରିବ। ଏହା ହେଲିକପ୍ଟରଠାରୁ ଅଧିକ ସୁରକ୍ଷିତ। ହେଲିକପ୍ଟର ତୁଳନାରେ ଇଭିଟଲ୍ ୧୦ ଗୁଣା ଶବ୍ଦ କମ୍ କରିବ। ଏହାର ପରିଚାଳନା ଖର୍ଚ୍ଚ ମଧ୍ୟ ୯୦ ପ୍ରତିଶତରୁ ଅଧିକ ଶସ୍ତା। ହେଲିକପ୍ଟରରେ ଘଣ୍ଟାଏ ପାଇଁ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। କିନ୍ତୁ ଇଭିଟଲ୍‌ରେ ଏହାର ୧୦ ପ୍ରତିଶତରୁ ବି କମ୍ ଖର୍ଚ୍ଚ ହେବ। ଏହା ଥରେ ଚାର୍ଜ କଲେ ୯୦ ମିନିଟ୍ କିମ୍ବା ୩୦୦ କିମି ପର୍ଯ୍ୟନ୍ତ ଉଡ଼ାଣ କରିବାରେ ସକ୍ଷମ। ଏଥିରେ ଲିଥିୟମ ଆଇନ ବ୍ୟାଟେରୀ ବ୍ୟବହାର କରାଯାଉଛି। ସେହିପରି ହାଇଡ୍ରୋଜନ ଫୁଏଲରେ ପରିଚାଳତ ଏହାର ଅନ୍ୟ ମଡେଲଟି ୫୦ ମିନିଟରେ ଫୁଲ ଚାର୍ଜ ହେବ ଏବଂ ୮୦୦ କିମି ପର୍ଯ୍ୟନ୍ତ ଉଡ଼ିପାରିବ। କମ୍ପାନୀ ଏହାର ତିନୋଟି ମଡେଲ ପ୍ରସ୍ତୁତ କରିଛି। ୨ ଷ୍ଟ୍ରେଚର ବିଶିଷ୍ଟ ଆମ୍ବୁଲାନ୍ସ ଭର୍ସନ, ୫ରୁ ୭ ଆସନ ବିଶିଷ୍ଟ ଯାତ୍ରୀ ଏୟାର ଟ୍ୟାକ୍ସି ଏବଂ କାର୍ଗୋ ମଡେଲ ରହିଛି। ଏହା ଘଣ୍ଟା ପ୍ରତି ୩୫୦ରୁ ୪୦୦ କିମି ବେଗରେ ଗତି କରିପାରିବ।



# ରେଳଧାରଣାରେ ପଥର; ମାଲ୍‌ଗାଡ଼ି ଲାଇନ୍‌ଚ୍ୟୁତ



କୋରାପୁଟ,୧୯।୧୦(ସମିସ): କୋତାବାଲସା-କିରଣ୍ଡୁଲ (କେଆର) ରେଳପଥରେ ରବିବାର ଭୋର୍ ପ୍ରାୟ ୪ଟାରେ ପଥର ଖସିବା ଯୋଗୁଁ ଏକ ମାଲବାହୀ ଟ୍ରେନ ଲାଇନଚ୍ୟୁତ୍ ହୋଇଛି। ଏଥିଯୋଗୁଁ ଦୀର୍ଘ ସମୟ ଧରି କୋରାପୁଟ ବିଶାଖାପାଟଣା ମଧ୍ୟରେ ରେଳ ଚଳାଚଳ ବନ୍ଦ ରହିଥିଲା। ଆଜି ଏକ ମାଲବାହୀ ଟ୍ରେନ୍ ବିଶାଖାପାଟଣା ନିକଟ ତୟଡା ଓ ଚିରୁପାଲି ଷ୍ଟେସନ୍ ମଝିରେ ଥିବା ୪୦୧ ମିଟର ଲମ୍ବ ବିଶିଷ୍ଟ ୧୭ନଂ ଟନେଲ ଅତିକ୍ରମ କରୁଥିବା ବେଳେ ଟ୍ରାକ୍ ଉପରେ ପଡ଼ିଥିବା ଏକ ବଡ଼ ପଥରକୁ ଧକ୍କା ଦେଇ ଲାଇନଚ୍ୟୁତ ହୋଇଥିଲା। ଟ୍ରେନ୍‌ର ଲୋକୋପାଇଲଟ୍ ଏବଂ କର୍ମଚାରୀଙ୍କଠାରୁ ସୂଚନା ପାଇ ଘଟଣାସ୍ଥଳରେ ୱାଲଟିୟର୍ ଡିଭିଜନର ଉଦ୍ଧାରକାରୀ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାୟ ୮ ଘଣ୍ଟା ପରେ, ଅପରାହ୍ଣରେ ଏହି ରେଳପଥରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି। ଏଥିଯୋଗୁଁ ବିଶାଖାପାଟଣା କିରୋଣ୍ଡୁଲ ପାସେଞ୍ଜର ଟ୍ରେନ୍ ବାତିଲ୍ ହୋଇଥିଲା ଏବଂ କିରୋଣ୍ଡୁଲଠାରୁ ବିଶାଖାପାଟଣା ଯିବାକୁ ଥିବା ପାସେଞ୍ଜର କୋରାପୁଟଠାରୁ ପୁଣି କିରୋଣ୍ଡୁଲ ଫେରିଯାଇଛି।

ସୂଚନାଥାଉକି, କିରଣ୍ଡୁଲ-କୋତାବାଲସା ରେଳ ଲାଇନ୍ ବହୁ ପୁରୁଣା ବିଜନେସ କରିଡର୍। ୬୦ ଦଶକରେ ନିର୍ମିତ ଏହି ରେଳପଥ ମୁଖ୍ୟତଃ ଛତିଶଗଡ଼ର ବୈଲାଡିଲାଠାରୁ ବିଶାଖାପାଟଣା ଲୁହାପଥର, କୋଇଲା ପରିବହନ ପାଇଁ ନିର୍ମାଣ ହୋଇଥିଲା। ରେଳ ବିଭାଗ ନିମନ୍ତେ ଏହି ରୁଟ୍ ଏକ ବୃହତ୍ ଲାଭଦାୟକ ଲାଇନ୍ ହୋଇଥିବାରୁ ରେଳ ଚଳାଚଳ ବନ୍ଦ ହେଲେ ବଡ଼ଧରଣର କ୍ଷତି ହେବାର ସମ୍ଭାବନା ରହିଛି। ଶନିବାର ଅପରାହ୍ନରେ କୋରାପୁଟ ସହ ଉପକୂଳ ଆନ୍ଧ୍ରରେ ପ୍ରବଳ ବର୍ଷା ହେବା କାରଣରୁ ପାହାଡ଼ରୁ ପଥର ଖସିଥିବା ଆଶଙ୍କା କରାଯାଉଛି।

**କୋରାପୁଟ-କୋତାବାଲସା ରେଳଚଳାଚଳ ବାଧାପ୍ରାପ୍ତ**

## ଦୁର୍ଘଟଣାରୁ ବର୍ତ୍ତିଲା ବିଶାଖା ଏକ୍ସପ୍ରେସ୍

ଭୁବନେଶ୍ୱର, ୧୯ ।୧୦ (ସମିସ): ଭୁବନେଶ୍ୱରରୁ ବେଙ୍ଗାଲୁରୁ ଯାଉଥିବା ବିଶାଖା ଏକ୍ସପ୍ରେସ୍ (ଟ୍ରେନ୍ ନଂ-୧୮୪୬୩) ଶନିବାର ଦିନ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି। ବେଙ୍ଗାଲୁରୁର ଗୌରୀବିଦାନପୁର ଓ ୟଲହଙ୍କା ଷ୍ଟେସନ୍ ମଝିରେ ରେଳ ଧାରଣାଟି ଦୁଇଖଣ୍ଡ ହୋଇଯାଇଥିବା ବେଳେ ତାହା




ଟ୍ରେନ୍‌ର ଲୋକୋ-ପାଇଲଟ୍‌ଙ୍କ ନଜରରେ ପଡ଼ିଯାଇଥିଲା ଏବଂ ସେ ଟ୍ରେନ୍‌କୁ ତୁରନ୍ତ ଅଟକାଇ ଦେଇଥିଲେ। ସେତେବେଳକୁ ଟ୍ରେନ୍‌ର ଦୁଇଟି ବଗି ଭଙ୍ଗା ରେଳ ଧାରଣା ଅତିକ୍ରମ କରିଯାଇଥିଲା। କିନ୍ତୁ ସୌଭାଗ୍ୟକୁ ଟ୍ରେନ୍‌ର ଗତି ମନ୍ଥର ହୋଇଯାଇଥିବାରୁ ସେପରି କୌଣସି ଅଘଟଣ ଘଟିନଥିଲା।

## ବିଶ୍ୱ ରେକର୍ଡ ସୃଷ୍ଟିକଲା ଅଯୋଧ୍ୟା ଦୀପୋତ୍ସବ

# ୨୬ ଲକ୍ଷ ଦୀପରେ ଝଲସିଲା ସରଯୂ ତଟ

ଅଯୋଧ୍ୟା,୧୯ ।୧୦(ଏଜେନ୍ସି): ଦୀପାବଳିର ଅବ୍ୟବହିତ ପୂର୍ବରୁ ଅଯୋଧ୍ୟାରେ ରବିବାର ୯ମ ଦୀପୋତ୍ସବ ପାଳନ କରାଯାଉଛି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାମ ମନ୍ଦିରରେ ଦୀପ ଜଳାଇବା ପରେ ଦୀପୋତ୍ସବ ଆରମ୍ଭ ହୋଇଥିଲା। ଏଥିସହ ରାମଙ୍କ ପେଡ଼ିରେ ଦୀପ ଜଳାଯାଇଥିଲା। ଏହି ଅବସରରେ ଦୁଇଟି ବିଶ୍ୱରେକର୍ଡ ସ୍ଥାପନ ହୋଇଛି। ପ୍ରଥମ ରେକର୍ଡଟି ହେଲା ଏକ ସମୟରେ ୨୬,୧୭,୨୧୫ଟି ଦୀପ ଜଳାଯାଇଥିଲା। ଦ୍ୱିତୀୟ ରେକର୍ଡ ହେଲା ୨,୧୨୮ ପୂଜାରୀ ସରଯୁ ନଦୀ କୂଳରେ ମହାଆଳତି କରିଥିଲେ। ଡ୍ରୋନ୍ ଦ୍ୱାରା ଦୀପ ଗଣନା କରାଯାଇଥିଲା। ରାମଙ୍କ ପେଡ଼ିରେ ଲେଜର୍ ଲାଇଟ୍ ଶୋ’ ଦେଖିବାକୁ ମିଳିଥିଲା। ୧୧୦୦ ଡ୍ରୋନ୍ ଦ୍ୱାରା ଏହା ସମ୍ଭବ ହୋଇଥିଲା। ଏହି ଅବସରରେ ଲେଜର ଶୋ ସହିତ ବିଭିନ୍ନ ଲୋକନୃତ୍ୟ ଓ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ସାରା ଅଯୋଧ୍ୟା ଦୀପମୟ ହୋଇଥିଲା।



## ଆଜିର ରାଶିଫଳ

**ମେଷ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବୃଷ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ। ନାଚ, ଗୀତରେ ସଫଳତା ମିଳିବ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ।

**ମକର:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ବ୍ୟସ୍ତତା ଭିତରେ ଦିନଟି କଟିବ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ।

## ଆଜିର ଇତିହାସ

- ୧୯୪୦- ନେଦରଲ୍ୟାଣ୍ଡରେ ରାସନ୍‌ରେ ପନିର ମିଳିବା ଆରମ୍ଭ ହେଲା।
- ୧୯୬୨- ଭାରତ ଓ ଚୀନ୍ ସୀମା ବିବାଦକୁ ନେଇ ଯୁଦ୍ଧ ଆରମ୍ଭ ହେଲା।
- ୧୯୭୩-ସିଡ୍‌ନୀ ଅପେରା ହାଉସ୍‌କୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଖୋଲିଦିଆଗଲା।
- ୧୯୯୧- ଉତ୍ତରକାଶୀରେ ୬.୮ ତୀବ୍ରତାର ଭୂମିକମ୍ପ ଆସିବାରୁ ୧୦୦୦ ଲୋକଙ୍କ ପ୍ରାଣହାନି।

## ନଭେମ୍ବର ୧୪ରେ 'ଦେ ଦେ ପ୍ୟାର୍ ଦେ ୨'

ବଲିଉଡ୍ ଅଭିନେତା ଅଜୟ ଦେବଗନ୍ ଓ ରକୁଲପ୍ରୀତ ସିଂହଙ୍କ ଫିଲ୍ମ 'ଦେ ଦେ ପ୍ୟାର୍ ଦେ' ୨୦୧୯ରେ ଆସିଥିଲା। ଏବେ ଅଜୟ ଏହାର ସିକ୍ୱେଲ ଆଣୁଛନ୍ତି। ଇତିମଧ୍ୟରେ 'ଦେ ଦେ ପ୍ୟାର୍ ଦେ ୨'ର ଟ୍ରେଲର୍ ରିଲିଜ୍ ହୋଇଛି। ଟ୍ରେଲର୍ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ଫିଲ୍ମରେ କମେଡି ସହ ଇମୋସନ୍‌ର ମିଶ୍ରଣ ଦେଖିବାକୁ ମିଳିବ ବୋଲି ଟ୍ରେଲର୍‌ରୁ ଏକପ୍ରକାର ସ୍ପଷ୍ଟ ହୋଇଛି। ଏଥିରେ ଜାଭେଦ ଜାଫରି, ମିଜାନ ଜାଫରି, ଗୌତମୀ କପୁର, ଇଷିତା ଦତ୍ତା, ସଞ୍ଜୀବ ସେଠ୍ ପ୍ରମୁଖଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଟି-ସିରିଜ୍ ଓ ଲବ୍ ଫିଲ୍ମସ୍ ଏହାର ପ୍ରଯୋଜନା ଦାୟିତ୍ୱରେ ଅଛି। ଅଂଶୁଲ ଶର୍ମା ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଅଜୟ ଓ ରକୁଲଙ୍କ ମଧ୍ୟରେ ଗଢ଼ି ଉଠିଥିବା ପ୍ରେମ ସମ୍ପର୍କ ଉପରେ ଫିଲ୍ମଟି ଆଧାରିତ। ଏଥିରେ ଆର୍. ମାଧବନ୍, ରକୁଲଙ୍କ ପିତା ଭୂମିକାରେ ନଜର ଆସିବେ। ଏହା ନଭେମ୍ବର ୧୪ରେ ପରଦାକୁ ଆସିବ। 'ଦେ ଦେ ପ୍ୟାର୍ ଦେ' ଫିଲ୍ମରେ ଅଜୟ ଓ ରକୁଲଙ୍କ ସହ ତବୁ, ଜିମି ସେରଗିଲ୍, ଆଲୋକ ନାଥ, କୁମୁଦ ମିଶ୍ରା ଦେଖାଯାଇଥିଲେ। ଫିଲ୍ମକୁ ଦର୍ଶକୀୟ ଆଦୃତି ମିଳିଥିଲା। ତେବେ 'ଦେ ଦେ ପ୍ୟାର୍ ଦେ ୨' ଦର୍ଶକଙ୍କ କେତେ ମନୋରଞ୍ଜନ କରୁଛି ତାହା ଦେଖିବାକୁ ବାକି ରହିଲା।





## ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ

ଅଷ୍ଟିଓପୋରୋସିସ୍ ରୋଗର ଗମ୍ଭୀରତା ବିଷୟରେ ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ୨୦ ଅକ୍ଟୋବରକୁ ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ ଭାବେ ପାଳନ କରାଯାଉଛି । 'ଅଷ୍ଟିଓ' ଅର୍ଥ 'ହାଡ଼, ଏବଂ 'ପୋରୋସିସ୍' ଅର୍ଥ 'ଛିଦ୍ରପୂର୍ଣ୍ଣ'। ଏହି ରୋଗ ହାଡ଼କୁ ଫମ୍ପା କରିଦିଏ। ଏହା ମହିଳା, ବୟସ୍କ ଏବଂ ହରମୋନ୍ ଅସନ୍ତୁଳନ ଥିବା ଲୋକଙ୍କ ମଧ୍ୟରେ ଅଧିକ ଦେଖାଯାଏ। ଏକ ଆକଳନ ଅନୁଯାୟୀ, ଭାରତରେ ପ୍ରାୟ ଆଠ ଜଣ ପୁରୁଷ ଏବଂ ତିନି ଜଣ ମହିଳାଙ୍କ ମଧ୍ୟରୁ ଜଣେ ଅଷ୍ଟିଓପୋରୋସିସ୍ ରୋଗରେ ପୀଡ଼ିତ ହେଉଛନ୍ତି । ୧୯୯୬ ଅକ୍ଟୋବର ୨୦ ତାରିଖରେ ବ୍ରିଟେନର ନ୍ୟାସନାଲ ଅଷ୍ଟିଓପୋରୋସିସ୍ ସୋସାଇଟି ପକ୍ଷରୁ ଏହି ଦିବସ ପାଳନ କରାଯାଇଥିଲା । ଏହି ଅଭିଯାନକୁ ୟୁରୋପୀୟ କମିଶନ ପକ୍ଷରୁ ସମର୍ଥନ ମଧ୍ୟ କରାଯାଇଥିଲା । ପରେ ୧୯୯୭ଠାରୁ ଅନ୍ତର୍ଜାତୀୟ ଅଷ୍ଟିଓପୋରୋସିସ୍ ଫାଉଣ୍ଡେସନ୍ ପକ୍ଷରୁ ପ୍ରତିବର୍ଷ ବିଶ୍ୱସ୍ତରୀୟ ସଚେତନତା ସୃଷ୍ଟି ପାଇଁ ଏହି ଦିବସକୁ ପାଳନ କରାଯାଉଛି । ବୟସ ବଢ଼ିବା ସହ ଶରୀରରେ ହାଡ଼ ଦୁର୍ବଳ ହେବାକୁ ଲାଗିଥାଏ। ଯାହାକୁ ଚିକିତ୍ସା ବିଜ୍ଞାନ ଭାଷାରେ ଅଷ୍ଟିଓପୋରୋସିସ୍ କୁହାଯାଉଛି । ଯଦିଓ ଏହାକୁ ବୃଦ୍ଧାବସ୍ଥାର ରୋଗ କୁହାଯାଏ, କିନ୍ତୁ ଚିନ୍ତାର ବିଷୟ ଯେ, ଗତ କିଛି ବର୍ଷ ମଧ୍ୟରେ ଯୁବାବସ୍ଥାରେ ମଧ୍ୟ ଏହି ରୋଗ ଦେଖାଦେଉଛି। ନିଷ୍କ୍ରିୟ ଜୀବନଶୈଳୀ, ମଦ୍ୟପାନ,ଧୂମପାନ,ଜେନେଟିକ୍, ମଧୁମେହ, ମେଦବହୁଳତା, ଆର୍ଥ୍ରାଇଟିସ୍, କର୍କଟ ଔଷଧର ଦୀର୍ଘକାଳୀନ ବ୍ୟବହାର ଏବଂ ମେନୋପୋଜ ମଧ୍ୟ ଏହି ରୋଗର କାରଣ ହୋଇପାରେ । ପୁରୁଷଙ୍କ ଅପେକ୍ଷା ମହିଳାମାନଙ୍କଠାରେ ଏହି ସମସ୍ୟା ଅଧିକ ଦେଖାଯାଏ । ଅଷ୍ଟିଓପୋରୋସିସ୍ ସମସ୍ୟାକୁ ଦୂରେଇ ଦେବା ପାଇଁ ନିୟମିତ ବ୍ୟାୟାମ କରିବା ସହ ଖାଦ୍ୟରେ କ୍ୟାଲସିୟମ୍, ଭିଟାମିନ୍ ଡି ଓ ପ୍ରୋଟିନ୍ ଯୁକ୍ତ ଖାଦ୍ୟକୁ ସାମିଲ କରାଯିବା ଜରୁରୀ । ଏହାସହ ନିୟମିତ କଅଁଳ ଖରାରେ ବୁଲିବା ନିହାତି ଆବଶ୍ୟକ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଠିକ୍ ସମୟରେ ରୋଗ ଚିହ୍ନଟ ହୋଇପାରିଲେ ଚିକିତ୍ସା ମାଧ୍ୟମରେ ଏହି ସମସ୍ୟାକୁ ଏଡ଼ାଇ ଦିଆଯାଇ ପାରିବ ।

ଆମେରିକାରେ ଜନ୍ମଗ୍ରହଣ କରିଥିବା ସ୍ପେନର ମହିଳା ମାରିୟା ବ୍ରେନେସ ମୋରେରଙ୍କର ଗତବର୍ଷ ମୃତ୍ୟୁ ହୋଇଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୧୧୭ ବର୍ଷ ବୟସ ହୋଇଥିଲା। ଅବଶ୍ୟ ତାଙ୍କ ମୃତ୍ୟୁର କିଛି ଦିନ ପୂର୍ବରୁ ସେ ବିଶ୍ୱର ସବୁଠୁ ବୟସ୍କା ଜୀବିତ ମହିଳା ହେବାର ରେକର୍ଡ କରିଥିଲେ। ସେପ୍ଟେମ୍ବର ୨୪ରେ ସେଲ୍ ରିପୋର୍ଟର ମେଡିକାଲ ପତ୍ରିକାରେ ପ୍ରକାଶିତ ଏକ ଆଲେଖ୍ୟ ଅନୁସାରେ, ଗବେଷକମାନେ ବ୍ରେନେସଙ୍କ ଦୀର୍ଘ ଜୀବନ ରହସ୍ୟ ସମ୍ପର୍କରେ ଜାଣିବାକୁ ଇଚ୍ଛା କରି ତାଙ୍କର ରକ୍ତ, ଲାଳ, ମଳ, ମୂତ୍ର ଏବଂ ଜିନ୍‌ର ଅଧ୍ୟୟନ କରିଥିଲେ। ଏହି ଅଧ୍ୟୟନରୁ ଜଣାପଡ଼ିଥିଲା ଯେ, ବ୍ରେନେସ ଧୂମପାନ କି ନିଶାଦ୍ରବ୍ୟ ସେବନ କରୁ ନ ଥିଲେ। ଯଥାସମ୍ଭବ ସେ ନିତିଦିନର କାମ ନିଜେ କରୁଥିଲେ। ସେ ଗାଁରେ ରହିବା ସହ ହାଲୁକା ବ୍ୟାୟାମ କରୁଥିଲେ ଏବଂ ଭୂମଧ୍ୟ ସାଗରୀୟ ଅଞ୍ଚଳର ଲୋକଙ୍କ ଭଳି ଖାଦ୍ୟ ଖାଉଥିଲେ। ତାଙ୍କ ଖାଦ୍ୟରେ ସେ ଅଲିଭ୍ ତେଲର ବ୍ୟବହାର କରୁଥିଲେ। ତେବେ ତାଙ୍କ ଜୀବନଶୈଳୀରେ ଗୋଟିଏ ସ୍ୱତନ୍ତ୍ର କଥା ଥିଲା। ସେ ଦିନକୁ ତିନି ଥର ଦହି ଖାଉଥିଲେ। ସେହିଭଳି ଏହି ଅଧ୍ୟୟନର ନେତୃତ୍ୱ ନେଇଥିବା ଡା. ଜୋସେଫ ସହଲାବ ଏକ ପୋଷ୍ଟରେ ଦୀର୍ଘ ଜୀବନ ଲାଗି ଦହିକୁ ଭଲ ସପ୍ଲିମେଣ୍ଟ ବୋଲି କାହିଁକି କୁହାଯାଇଛି, ସେ ସମ୍ପର୍କରେ କହିଛନ୍ତି। ଦହି କୋଲନ କ୍ୟାନସର ଆଶଙ୍କାକୁ କମ୍ କରିବା ସହ ଏହା ପାକସ୍ଥଳୀକୁ ସୁସ୍ଥ ରଖିଥାଏ। ସେହିପରି ଦହି ସବୁଠୁ ଉତ୍ତମ ଖାଦ୍ୟପଦାର୍ଥରୁ ଅନ୍ୟତମ ବୋଲି ଅଧ୍ୟୟନରୁ ଜଣାପଡ଼ିଛି। ଦହି ପ୍ରୋବାୟୋଟିକ୍ସର ମଧ୍ୟ ଏକ ଉତ୍ତମ ଉତ୍ସ। ଏଥିରେ କ୍ୟାଲସିୟମ୍ ଏବଂ ଫସ୍‌ଫରସ୍ ଭରପୂର ଥିବାରୁ ଏହା ହାଡ଼ ଓ ଦାନ୍ତକୁ ମଜଭୁତ କରେ। ଏପରିକି ଏହା ଅଷ୍ଟିଓପୋରୋସିସ୍ ଭଳି ରୋଗକୁ ରୋକିବାରେ ସାହାଯ୍ୟ କରେ ବୋଲି ସେ କହିଛନ୍ତି।



## ଆଲୋକର ପର୍ବ ଦୀପାବଳି



**ଆଲୋକ ଓ ଆନନ୍ଦର ପର୍ବ ଦୀପାବଳିରେ ପୂରା ପରିବେଶ ବଦଳିଯାଏ। କାର୍ତ୍ତିକ ମାସ ଅମାବାସ୍ୟାରେ ଏହି ପର୍ବ ପାଳନ କରାଯାଏ। ଦୀପାବଳି ଅମାବାସ୍ୟାକୁ ପଦ୍ମ ଅମାବାସ୍ୟା ମଧ୍ୟ କୁହାଯାଏ। ଏହିଦିନ ପିତୃପୁରୁଷଙ୍କୁ କାଉଁରିଆ କାଠି ଜାଳି ମନେ ପକାଯାଏ। ତା'ସହ ଏହି ଦିନ ମା'କାଳୀଙ୍କୁ ଆରାଧନା କରାଯାଏ। ଘରେ ଘରେ ଦୀପ ଜଳେ, ବାଣ ଫୁଟେ, ଶ୍ରାଦ୍ଧ ପଡ଼େ ଏବଂ ପିଠାପଣା ହୁଏ।**



ଶାସ୍ତ୍ରୀୟ ମତ ତଥା ଲୋକକଥାରେ ବିଭିନ୍ନ କାରଣକୁ ନେଇ ଦୀପାବଳି ପର୍ବ ପାଳନ କରିବାର ନିୟମ ଅଛି। ପୌରାଣିକ ମତରେ, ଏହି ଦିନ ଭଗବାନ ବିଷ୍ଣୁ ହିରଣ୍ୟକଶ୍ୟପକୁ ବଧ କରିଥିବାରୁ ଏହି ପର୍ବ ପାଳନ କରାଯାଏ। କେବଳ ସେତିକି ନୁହେଁ, ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ର ୧୪ ବର୍ଷ ବନବାସ ଶେଷ କରିବା ପରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଥିଲେ। ଅଯୋଧ୍ୟାର ସମସ୍ତ ନରନାରୀ ଶ୍ରୀରାମଙ୍କ ଅସତ୍ୟ ଉପରେ ସତ୍ୟର ବିଜୟ ନିମନ୍ତେ ଖୁସିରେ ବିଭିନ୍ନ ପ୍ରକାର ଦୀପ ଜାଳିଥିଲେ। ଏହିଦିନକୁ ସ୍ମରଣୀୟ କରିବା ପାଇଁ ଦୀପାବଳି ପାଳନ କରାଯାଏ। ଅନ୍ୟପଟେ ଦୀପାବଳିର ଦିନକ ପୂର୍ବରୁ ଶ୍ରୀକୃଷ୍ଣ ନରକାସୁରକୁ ବଧ କରିଥିବାରୁ ଏହାର ପରଦିନକୁ ଦୀପାବଳି ଭାବେ ପାଳନ କରାଯାଏ। ତେବେ ରାକ୍ଷସମାନଙ୍କୁ ବଧ କରିବା ପରେ ମହା କାଳୀଙ୍କ କ୍ରୋଧ ଯେତେବେଳେ ଶାନ୍ତ ହୋଇ ନ ଥିଲା ଏବଂ ସେ ଉଗ୍ର ରୂପ ଧାରଣ କରି ସୃଷ୍ଟି ସଂହାର ଉଦ୍ଦେଶ୍ୟରେ ବାହାରିଥିଲେ। ସେତେବେଳେ ଶିବ ତାଙ୍କୁ ଅଟକାଇବା ପାଇଁ ତଳେ ଶୋଇପଡ଼ିଥିଲେ। ଏହାପରେ ମହାକାଳୀ ଶାନ୍ତ ହୋଇଥିଲେ। ଏହାସହ କାଳୀଙ୍କ ଶାନ୍ତ ରୂପ ମା' ଲକ୍ଷ୍ମୀଙ୍କୁ ଏହିଦିନଠାରୁ ପୂଜା ଆରମ୍ଭ କରାଯିବା ସହ ଦୀପାବଳି ରାତିରେ ମା' କାଳୀଙ୍କ ଉଗ୍ର ରୂପର ଉପାସନା କରାଯାଏ।

ଅନ୍ୟପକ୍ଷରେ ଏହିଦିନ ଓଡ଼ିଶାରେ ବଡ଼ବଡୁଆଙ୍କ ଉଦ୍ଦେଶ୍ୟରେ ପିଣ୍ଡ ଦିଆଯିବା ପରେ କାଉଁରିଆ କାଠି ଜଳାଯାଏ। ପିତୃ ପୁରୁଷଙ୍କୁ ଆଲୋକ ଦେଖାଇ ସ୍ୱର୍ଗ ଲୋକକୁ ଫେରିଯିବା ପାଇଁ ପ୍ରାର୍ଥନା କରାଯାଏ।

କାଉଁରିଆ କାଠି ଜାଳିବା ବେଳେ କୁହାଯାଏ, "ବଡବଡୁଆ ହୋ! ଅନ୍ଧାରରେ ଆସ ଆଲୁଅରେ ଯାଅ। ଗଙ୍ଗା ଯାଅ, ଗୟା ଯାଅ, କାଶୀ ଯାଅ। ପୁରୁଷୋତ୍ତମରେ ମହାପ୍ରସାଦ ଖାଇ। ବାଇଶି ପାହଚରେ ଗଡ଼ଗଡ଼ଉ ଥାଅ।"

## ସ୍ୱସ୍ତି

## ଯମ ଦ୍ୱିତୀୟା



ଦୀପାବଳିର ଦୁଇ ଦିନ ପରେ ଅର୍ଥାତ କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା ତିଥିରେ ପାଳିତ ହୁଏ ଯମ ଦ୍ୱିତୀୟା ବା ଭାତୃ ଦ୍ୱିତୀୟା। ଏହି ଦିନ ମୃତ୍ୟୁର ଦେବତା ଯମରାଜଙ୍କୁ ମଧ୍ୟ ପୂଜା କରାଯାଏ। ଏହା ହେଉଛି ଭାଇ-ଭଉଣୀ ମଧ୍ୟରେ ଥିବା ପବିତ୍ର ସମ୍ପର୍କର ପର୍ବ। କୁହାଯାଏ, ଏହିଦିନ ଭଉଣୀ ଘରେ ଭାଇ ଭୋଜନ କରିବା ଦ୍ୱାରା ଭାଇ ଦୀର୍ଘାୟୁ ହୋଇଥାଏ। ସୂର୍ଯ୍ୟ ଦେବ ଏବଂ ଦେବୀ ସଂଜ୍ଞାଙ୍କ ପୁତ୍ର ଯମ ଏବଂ ପୁତ୍ରୀ ଯମୀ ଏହିଦିନ ଜନ୍ମଗ୍ରହଣ କରିଥିଲେ। ତେଣୁ ଏହିଦିନକୁ ଯମଦ୍ୱିତୀୟା ଭାବରେ ପାଳନ କରାଯାଏ। ସେହିପରି ଅନ୍ୟ ଏକ ପୌରାଣିକ କାହାଣୀ ଅନୁସାରେ, କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା ଦିନ ଯମୁନା ଯମରାଜଙ୍କୁ ନିଜ ଘରକୁ ଆମନ୍ତ୍ରିତ କରିଥିଲେ। ଅତିଥି ସତ୍କାର କରିବା ସହ ଭୋଜନ କରାଇ ଥିଲେ। ଏହି କାରଣକୁ ଏହାକୁ ଯମ ଦ୍ୱିତୀୟା ବୋଲି କୁହାଯାଏ। ସେହିପରି ଏଥିରେ ଯମରାଜ ପ୍ରସନ୍ନ ହୋଇ ଭଉଣୀକୁ ବର ଦେଇଥିଲେ, ଏହିଦିନ ସଂସାରର ଯେଉଁ ଭଉଣୀମାନେ ତାଙ୍କ ଭାଇଙ୍କୁ ଟୀକା ଲଗାଇ ପୂଜା କରିବେ, ସେହି ଭାଇମାନଙ୍କର ଆୟୁ ବୃଦ୍ଧି ହେବା ସହିତ ତାଙ୍କ ଜୀବନରୁ ସମସ୍ତ ପ୍ରକାରର କଷ୍ଟ, ବାଧା ବିଘ୍ନ ଦୂର ହୋଇଯିବ ଏବଂ ଯମଲୋକର ପୀଡା ଆଉ ତାଙ୍କୁ ଲାଗିବ ନାହିଁ।

ଅନ୍ୟପଟେ ଏହିଦିନ ଭଉଣୀ ଭାଇର ଦୀର୍ଘାୟୁ କାମନା କରି ଯମରାଜଙ୍କ ପାଖେ ପ୍ରାର୍ଥନା କରନ୍ତି। ଏହି ପର୍ବରେ ଭଉଣୀମାନେ ଭାଇ ମଥାରେ ତିଳକ ଲଗାଇ ବନ୍ଦାପନା କରି ଭାଇ ମାନଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରିଥାନ୍ତି। ଭାଇମାନେ ଭଉଣୀଙ୍କୁ ସ୍ନେହ ପ୍ରେମର ନିଦର୍ଶନ ସ୍ୱରୂପ ଉପହାରମାନ ଦେଇଥାନ୍ତି। ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ଚତୁର୍ଦ୍ଦଶ ଯାତ୍ରା ମଧ୍ୟରୁ ଯମ ଦ୍ୱିତୀୟା ଯାତ୍ରା ଅନ୍ୟତମ। ଏହିଦିନ ଶ୍ରୀଲିଙ୍ଗରାଜ ପ୍ରଭୁ ଯମେଶ୍ୱର ଏବଂ ତାଙ୍କର ଭଉଣୀ କାମାକ୍ଷୀଙ୍କୁ ଭେଟ କରିବାକୁ ଯାଇଥାନ୍ତି। ସେହିପରି ଶ୍ରୀକ୍ଷେତ୍ରରେ ଯମେଶ୍ୱର ମହାଦେବଙ୍କ ମନ୍ଦିରରେ ଯମ ଦ୍ୱିତୀୟା ପାଇଁ ସ୍ୱତନ୍ତ୍ର ପୂଜାନୀତି ଅନୁଷ୍ଠିତ ହୋଇଥାଏ। ଏହି ପର୍ବ ଅକ୍ଟୋବର ୨୩ ତାରିଖରେ ପାଳନ କରାଯିବ।

## ଶ୍ରୀମଦ୍ ଭାଗବତରେ ପୁରଞ୍ଜନ ଉପାଖ୍ୟାନ

ଶିବନାରାୟଣ ମହାପାତ୍ର

(ଶ୍ରୀମଦ୍ ଭାଗବତରେ ପୁରଞ୍ଜନ ଉପାଖ୍ୟାନର ଗତ ସଂସ୍କରଣରେ ପ୍ରକାଶିତ ଉପାଖ୍ୟାନ ତତ୍ତ୍ୱର ଅବଶିଷ୍ଟ ଅଂଶ ଏଥର ପ୍ରଦାନ କରାଯାଇଛି।)

ବିବାହ ପରେ ପୁରଞ୍ଜନ ପୁରଞ୍ଜନୀଙ୍କ ପ୍ରତି ଏତେ ପରିମାଣରେ ମୋହିତ ହୋଇଗଲା ଯେ, ପୁରଞ୍ଜନୀ ଯାହା କହିଲା, ପୁରଞ୍ଜନ ସେଇଆ କଲା। ଅର୍ଥାତ ମଣିଷର ମତି / ଅବିଦ୍ୟା ମଣିଷକୁ ଯୋଉ ଆଡକୁ ଟାଣେ ମଣିଷ ସେଇ ଆଡକୁ ଗତି କରେ।

ଏହିପରି ପୁରଞ୍ଜନ (ଜୀବତ୍ମା) ଢେର ଦିନ ପୁରଞ୍ଜନୀ (ମତି / ବୁଦ୍ଧି / ଅବିଦ୍ୟା) ସହିତ ଖୁବ ଆନନ୍ଦରେ ଦିନ କାଟିଲା। କିଛି ଦିନ ପରେ ଜରା (ବାର୍ଦ୍ଧକ୍ୟ) ନାମକ ଏକ ଅସୁନ୍ଦର ନାରୀର ପୁରଞ୍ଜନ (ଜୀବାତ୍ମା) ଉପରେ ନଜର ପଡିଲା। ଜରା (ବାର୍ଦ୍ଧକ୍ୟ) ତା'ର ବନ୍ଧୁ ଚଣ୍ଡବେଗ (କାଳଚକ୍ର) ସାହାଯ୍ୟରେ ପୁରଞ୍ଜନ ଉପରେ ଆକ୍ରମଣ କଲା। ଏହି ଆକ୍ରମଣରେ ଚଣ୍ଡବେଗ (କାଳଚକ୍ର)ର ସୈନ୍ୟ ବାହିନୀ (ତିନି ଶହ ପାଞ୍ଚଷଠି ଦିନ ଏବଂ ତିନି ଶହ ପାଞ୍ଚଷଠି ରାତ୍ରୀ) ସାହାଯ୍ୟ କଲେ। ଅର୍ଥାତ ଜୀବତ୍ମା କାଳ ଚକ୍ରର ଦିନ ରାତି ପ୍ରଭାବରେ କ୍ରମେ ବାର୍ଦ୍ଧକ୍ୟରେ ପହଞ୍ଚିଲା। ବାର୍ଦ୍ଧକ୍ୟର ଆକ୍ରମଣରେ ଜୀବତ୍ମାର ପ୍ରଥମେ କର୍ମେନ୍ଦ୍ରିୟ ଓ ପରେ ପରେ ଜ୍ଞାନେନ୍ଦ୍ରିୟମାନେ କାର୍ଯ୍ୟ କରିବା ବନ୍ଦ କରିଦେଲେ। ଏହି ଭଳି ଜରାର ଆକ୍ରମଣରେ ପୁରଞ୍ଜନୀର ଦଶ ସୈନିକ ମରିଗଲେ। ପାଞ୍ଚ ଫେଣା ବିଶିଷ୍ଟ ସାପ ମଧ୍ୟ ପ୍ରାଣ ହରାଇଲା। ଶେଷରେ ଜୀବାତ୍ମା ପୁରଞ୍ଜନର ମୃତ୍ୟୁ ହେଲା।

ପୁରଞ୍ଜନ ମୃତ୍ୟୁ ସମୟରେ ପୁରଞ୍ଜନୀକୁ ଝୁରି ଝୁରି ମୃତ୍ୟୁବରଣ କରିଥିବାରୁ ପର ଜନ୍ମରେ ବିଧରଭ ଦେଶର ରାଜ କନ୍ୟା ଭାବରେ ଜନ୍ମ ନେଲା ଓ ତାର ନାମ ବୈଦେହୀ ହେଲା। ବୈଦେହୀ ମଳୟ ଦେଶର ରାଜା ମଳୟଧ୍ୱଜଙ୍କୁ ବିବାହ କଲେ। ସମୟ ଅନୁକ୍ରମେ ଶିକାର ଖେଳୁ ଖେଳୁ ମଳୟଧ୍ୱଜଙ୍କର ମୃତ୍ୟୁ ହେଲା ଏବଂ ତତ୍କାଳୀନ ପରମ୍ପରା ଅନୁଯାୟୀ ବୈଦେହୀ ସତୀ ହେବା ପାଇଁ ପ୍ରସ୍ତୁତ ହେବା ସମୟରେ ଅଭିଜ୍ଞାତ ପହଞ୍ଚି ପୁରଞ୍ଜନ ଙ୍କୁ ତାଙ୍କର ପୂର୍ବ ସମ୍ପର୍କ ବିଷୟରେ ମନେ ପକାଇ ଦେଲେ ଓ ପୁନର୍ବାର ତାଙ୍କ ସାଙ୍ଗରେ ପୂର୍ବ ଅବସ୍ଥାକୁ ଫେରି ଯିବାକୁ କହିଲେ।

ଏହି ଉପାଖ୍ୟାନର ସାର ମର୍ମ ହେଲା, ଯେ ପର୍ଯ୍ୟନ୍ତ ଜୀବତ୍ମା ପରମାତ୍ମାଙ୍କ ସାନ୍ନିଧ୍ୟ ଲାଭ କରୁଥିବ ,ସେ ପର୍ଯ୍ୟନ୍ତ ଜୀବତ୍ମା ଶାନ୍ତି ଲାଭ କରୁଥିବ। ପରମାତ୍ମାଙ୍କୁ ଭୁଲି ମାୟା ସଂସାରରେ ନିର୍ଲିପ୍ତ ହେଲେ କଷ୍ଟ ଭୋଗିବ। ନାରଦ ମୁନୀଙ୍କର ଏହି ଉପାଖ୍ୟାନ ପ୍ରାଚୀନବରହୀଙ୍କୁ ପ୍ରଭାବିତ କରିଥିଲା ଏବଂ ସେ ନିଜର ଆଚରଣରେ ପରିବର୍ତ୍ତନ କରିଥିଲେ।

କେଶୁରା
ମୋ: ୮୨୪୯୨୧୩୦୪୦

## ମା' କାଳୀଙ୍କ ପ୍ରିୟ ଭୋଗ



**କାର୍ତ୍ତିକ ଅମାବାସ୍ୟାରେ କାଳୀ ପୂଜା ପାଳନ କରାଯାଏ। ରାତିରେ ମା' କାଳୀଙ୍କ ପୂଜା କରାଯାଏ ଏବଂ ଭୋଗ ଅର୍ପଣ କରାଯାଏ। ମା' କାଳୀଙ୍କୁ ଉଭୟ ଆମିଷ ଓ ନିରାମିଷ ଭୋଗ ଲାଗି କରାଯାଏ। ତେବେ ମା' କାଳୀଙ୍କ ପ୍ରିୟ ଭୋଗ କ'ଣ, ସେ ସମ୍ପର୍କରେ ଜାଣିବା।**

- ମା'କାଳୀଙ୍କୁ ଭୋଗରେ ଗୁଡ଼ ଅର୍ପଣ କରିବା ଦ୍ୱାର ଜୀବନ ସମସ୍ତ କଷ୍ଟ ଦୂର ହୋଇଥାଏ। ଗୁଡ଼ରେ ତିଆରି ମିଠା ଅର୍ପଣ କରନ୍ତୁ।
- ମୁଗଡାଲି ଖେଚୁଡ଼ି ମା' କାଳୀଙ୍କ ପ୍ରିୟ। ଏହାକୁ ଅର୍ପଣ କଲେ ଜୀବନର ସମସ୍ତ ସମସ୍ୟା ଓ ବାଧା ବିଘ୍ନ ଦୂର ହେବା କୁହାଯାଏ।
- ସୁଜି ହାଲୁଆ ସମେତ ତାଜା ଫଳ ଭୋଗ କରାଯାଏ।
- କ୍ଷୀରୀ ସମେତ ଦୁଗ୍ଧରେ ପ୍ରସ୍ତୁତ ମିଠା ଭୋଗ ଲାଗି କଲେ, ମା' କାଳୀ ପ୍ରସନ୍ନ ହୁଅନ୍ତି।
- କିଛି ମନ୍ଦିର ଓ ପରମ୍ପରାରେ ମା' କାଳୀଙ୍କୁ ଆମିଷ ଭୋଗ ମଧ୍ୟ ଲାଗି କରାଯାଏ।

ପ୍ରଥମ ମ୍ୟାଚ୍‌ରେ ରୋ-କୋ, ଗିଲ୍ ଫେଲ୍, ୨୩ରେ ଦ୍ୱିତୀୟ ମୁକାବିଲା

# ଅଷ୍ଟ୍ରେଲିଆର ପେସ୍ ଆଗରେ ଭାରତର ଆତ୍ମସମର୍ପଣ

ପର୍ଥ,୧୯।୧୦(ଏଜେନ୍ସି)


ଅପଟସ୍ ଷ୍ଟାଡିୟମ୍‌ରେ ଅଷ୍ଟ୍ରେଲିଆର ପେସ ଓ ନିଖୁଣ ବୋଲିଂ ଆଗରେ ଆତ୍ମସମର୍ପଣ କରିଛି ଭ୍ରମଣକାରୀ ଭାରତୀୟ କ୍ରିକେଟ ଦଳ। ଏଠାରେ ଆଜି ଅନୁଷ୍ଠିତ ବର୍ଷାବାଧାପ୍ରାପ୍ତ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୭ ୱିକେଟରେ ଭାରତକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଭାରତର ୩ ତାରକା ଖେଳାଳି ଏକାଥରକେ ବିଫଳ ହେବା ସମର୍ଥକ ଓ ଟିମ୍ ମ୍ୟାନେଜମେଣ୍ଟକୁ ନିରାଶ କରିଛି। ତାରକା ମାନଙ୍କ ମଧ୍ୟରୁ ରୋହିତ ଶର୍ମା ୮, ବିରାଟ କୋହଲି ୦ ଓ ଅଧିନାୟକରେ ଡେବ୍ୟୁ କରିଥିବା ଶୁବମନ ଗିଲ୍ ୧୦ ରନ୍‌ରେ ଆଉଟ ହୋଇଥିଲେ। ଅଷ୍ଟ୍ରେଲିଆରେ କୋହଲି ପ୍ରଥମଥର ଦିନିକିଆ ଫର୍ମାଟରେ ଖାତା ଖୋଲିବାକୁ ଅସମର୍ଥ ହୋଇଥିଲାବେଳେ ଗିଲ୍ ଉଭୟ ଟେଷ୍ଟ ଓ ଦିନିକିଆ ଫର୍ମାଟରେ ଦଳର ନେତୃତ୍ୱ ନେଇ ପ୍ରଥମ ମ୍ୟାଚ୍‌ରେ ପରାଜିତ ହୋଇଛନ୍ତି। ଏହି ବିଜୟ ଫଳରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଅଷ୍ଟ୍ରେଲିଆ ଆରମ୍ଭରୁ ୧-୦ରେ ଅଗ୍ରଣୀ ନେଇଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ଗୁରୁବାର ଆଡିଲେଡ ଓଭାଲରେ ଓ ତୃତୀୟ ମ୍ୟାଚ୍ ଶନିବାର ସିଡ୍‌ନୀରେ ଖେଳାଯିବ। ପର୍ଥର ଲୋ ସ୍କୋରିଂ ପିଚ୍‌ରେ ଅଷ୍ଟ୍ରେଲିଆ ଇନିଂସରେ ଶେଷଯାଏ ଅପରାଜିତ ରହି ୪୬ ରନ୍ କରିଥିବା ଅଧିନାୟକ ମିଚେଲ ମାର୍ଶଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।



ଏହି ମ୍ୟାଚ୍‌ରେ ବର୍ଷା ବାରମ୍ବାର ଖେଳରେ ବାଧା ସୃଷ୍ଟି କରିଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଇନିଂସରେ ୪ଥର ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହୋଇଥିଲା। ଏହା ସାଙ୍ଗକୁ ଅଷ୍ଟ୍ରେଲିଆର ପେସ୍ ଓ ନିଖୁଣ ବୋଲିଂ ଆଗରେ ଭାରତୀୟ ବ୍ୟାଟର ହାତଟେକି ଦେଇଥିଲେ। ଏପରିକି ଦଳର ଜଣେ ହେଲେ ଖେଳାଳି ବେଶି ସମୟ ତିଷ୍ଠି ନ ଥିଲେ କି ବଡ଼ ସ୍କୋର କରିବାରୁ ବଞ୍ଚିତ ହୋଇଥିଲେ। ୨୬ ଓଭରରେ ୯ ୱିକେଟ ହରାଇ ୧୩୬ ରନ୍ କରିଥିଲାବେଳେ ଆଉ ଖେଳ ସମ୍ଭବ ହୋଇ ନ ଥିଲା। ଫଳରେ ଭାରତର ଇନିଂସ ଏହିଠାରୁ ଶେଷ ହୋଇଥିଲା। ଦଳ ପକ୍ଷରୁ ଲୋକେଶ ରାହୁଲ ସର୍ବାଧିକ ୩୮ ଓ ଅକ୍ଷର ପଟେଲ ୩୧ ରନ୍‌ର ଯୋଗଦାନ ଦେଇଥିଲେ। ଦୀର୍ଘ ୭ ମାସ ପରେ ଜାତୀୟ ଦଳକୁ ଫେରିଥିବା ଦୁଇ ସୁପରଷ୍ଟାର ରୋହିତ ଶର୍ମା ମାତ୍ର ୧୪ଟି ବଲ୍ ଖେଳି ୮ ଓ ବିରାଟ କୋହଲି ୮ ବଲ୍ ଖେଳି ଖାତା ଖୋଲି ପାରି ନ ଥିଲେ। ଅଧିନାୟକ ଗିଲ୍ ମଧ୍ୟ ୧୦ ରନ୍‌ରେ ଆଉଟ ହୋଇଥିଲେ। ବାରମ୍ବାର ଖେଳ ବନ୍ଦ ରହିବା ଯୋଗୁଁ ଭାରତୀୟ ବ୍ୟାଟର ଲୟକୁ ଫେରି ନ ଥିଲେ। ଅଷ୍ଟ୍ରେଲୀୟ ବୋଲର ଏଥିରୁ ଫାଇଦା ଉଠାଇଥିଲେ। ଜୋଶ ହାଜ୍‌ଲେଉଡ, ମିଚେଲ ଓଏନ ଓ ମାଥ୍ୟୁ କୁନେମାନ ୨ଟି ଲେଖାଏଁ ୱିକେଟ ନେଇଥିଲେ।

ଜବାବରେ ଡିଏଲ୍ଏସ୍ ମେଥଡ ଅନୁଯାୟୀ ଅଷ୍ଟ୍ରେଲିଆ ଆଗରେ ୨୬ ଓଭରରେ ୧୩୧ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ଘରୋଇ ଦଳ ଭଲ ପାଗରେ ଖେଳି ୨୧.୧ ଓଭରରେ ୩ ୱିକେଟ ହରାଇ ହାସଲ କରିନେଇଥିଲା। ଅଧିନାୟକ ତଥା ଓପନର ମିଚେଲ ମାର୍ଶ ଶେଷପର୍ଯ୍ୟନ୍ତ ଅପରାଜିତ ରହି ୪୬ ରନ୍‌ର ଭଲ ସ୍କୋର କରିଥିଲେ। ତାଙ୍କ ସହ ମ୍ୟାଟ ରେନ୍‌ଶା ୨୪ ବଲ୍‌ରୁ ୨୧ ରନ୍ କରି ଦଳକୁ ସହଜରେ ଜିତାଇଥିଲେ। ୱିକେଟ ରକ୍ଷକ ଜୋଶ ଫିଲିପ୍ ୨୯ ବଲ୍‌ରୁ ୩ ଚୌକା ଓ ୨ ଛକା ସହ ଦ୍ରୁତ ୩୭ ରନ୍ କରି ଅଷ୍ଟ୍ରେଲିଆର ବିଜୟ ସହଜ କରିଦେଇଥିଲେ। ଟ୍ରାଭିସ ହେଡ୍‌ଙ୍କୁ ୮ ରନ୍‌ରେ ଆଉଟ କରି ଅର୍ଶଦୀପ ଯେଉଁର୍ ସଫଳତା ପାଇଥିଲେ ତାହାର ସଦୁପଯୋଗ କରି ପାରି ନ ଥିଲା ଭାରତ। ଫାଷ୍ଟ ପିଚ୍‌ରେ ଭାରତୀୟ ପେସର ବିଫଳ ହୋଇଥିଲାବେଳେ ସ୍ପିନର ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦରଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।

## ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ତନ୍‌ଭୀଙ୍କୁ ରୌପ୍ୟ



ଗୌହାଟୀ, ୧୯।୧୦ (ଏଜେନ୍ସି): ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ଭାରତର ତନଭୀ ଶର୍ମା ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ରବିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲରେ ଟପ୍ ସିଡ୍ ତନଭୀ ୭-୧୫, ୧୨-୧୫ ସିଧାସଳଖ ଗେମରେ ଦ୍ୱିତୀୟ ସିଡ୍ ଥାଇଲାଣ୍ଡର ଅନ୍ୟାପତ୍‌ଙ୍କ ନିକଟରୁ ହାରି ସ୍ୱର୍ଣ୍ଣରୁ ବଞ୍ଚିତ ହୋଇଥିଲେ। ଫାଇନାଲ ମ୍ୟାଚର ଫଳାଫଳ ମାତ୍ର ୨୮ ମିନିଟ୍‌ରେ ବାହାରିଯାଇଥିଲା। ତନଭୀ ଏଥିସହ ୫ମ ଭାରତୀୟ ଭାବେ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ରୌପ୍ୟ ପଦକ ଜିତିଛନ୍ତି। ତାଙ୍କ ପୂର୍ବରୁ ଅପର୍ଣ୍ଣା ପୋପଟ୍ (୧୯୯୬), ସାଇନା ନେହ୍ୱାଲ (୨୦୦୬), ସିରିଲ ବର୍ମା (୨୦୧୫) ଓ ଶଙ୍କର ମୁଥୁସ୍ୱାମୀ (୨୦୨୨) ବିଭିନ୍ନ ସଂସ୍କରଣରେ ରୌପ୍ୟ ପଦକ ସଫଳତା ପାଇଥିଲେ। ସେହିଭଳି ତନଭୀଙ୍କ ରୌପ୍ୟ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଇତିହାସରେ ଭାରତର ୧୨ତମ ପଦକ ଥିଲା। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୬ କାଂସ୍ୟ ପଦକ ସାମିଲ ରହିଛି।

## ୫୦୦ ମ୍ୟାଚ୍ ଖେଳିବାରେ ରୋହିତ୍ ୫ମ ଭାରତୀୟ

ପର୍ଥ, ୧୯।୧୦ (ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ୍‌ରେ ରୋହିତ ଆଜି ୫୦୦ତମ ମ୍ୟାଚ୍ ଖେଳିଛନ୍ତି। ବିଶ୍ୱର ୧୧ତମ ତଥା ପଞ୍ଚମ ଭାରତୀୟ କ୍ରିକେଟର୍ ଭାବେ ସେ ଏହି କ୍ଲବରେ ସାମିଲ ହୋଇଛନ୍ତି। ରୋହିତ୍‌ଙ୍କ ପୂର୍ବରୁ ଭାରତୀୟ ଭାବେ ସଚିନ ତେନ୍ଦୁଲକର (୬୬୪), ବିରାଟ କୋହଲି (୫୫୧), ମହେନ୍ଦ୍ର ସିଂ ଧୋନି (୫୩୮) ଓ ରାହୁଲ ଦ୍ରାବିଡ୍ (୫୦୯) ୫୦୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। ସର୍ବାଧିକ ୬୬୪ ମ୍ୟାଚ୍ ଖେଳି ସଚିନ ଏହି ତାଲିକାର ଶୀର୍ଷରେ ରହିଛନ୍ତି।

● ସିକେ ନାଇଡୁ ଟ୍ରଫି

## ଓଡ଼ିଶାର ବିଜୟ ଅଭିଯାନ







କଟକ,୧୯।୧୦(ସମିସ): ପ୍ରଥମ ଲିଗ୍ ମ୍ୟାଚ୍‌ରେ ହାଇଦ୍ରାବାଦକୁ ୭୩ ରନରେ ପରାସ୍ତ କରି ଓଡ଼ିଶା ସିକେ ନାଇଡୁ ଟ୍ରଫିରେ ଅଭିଯାନ ଆରମ୍ଭ କରିଛି। ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଘରୋଇ ହାଇଦ୍ରାବାଦ ୨୩୩ ରନର ଲକ୍ଷ୍ୟକୁ ପିଛା କରି ରବିବାର ମ୍ୟାଚ୍‌ର ୪ର୍ଥ ଦିବସରେ ୧୬୯ ରନରେ ଅଲଆଉଟ ହୋଇଥିଲା। ଅଧିନାୟକ ସାଇଦୀପ ମହାପାତ୍ର ଓ ଆୟୁଷ ବାରିକ ୩ଟି ଲେଖାଏ ୱିକେଟ ଦଖଲ କରିଥିଲେ। ପ୍ରଥମ ପାଳିରେ ୮ ୱିକେଟ ସଫଳତା ପାଇଥିବା ଆୟୁଷ ମ୍ୟାଚ୍‌ରେ ମୋଟ ୧୧ଟି ୱିକେଟ ଅକ୍ତିଆର କରିଛନ୍ତି। ପ୍ରକାଶଥାଉକି, ଓଡ଼ିଶାର ପ୍ରଥମ ପାଳି ୧୫୯ ରନରେ ସୀମିତ ରହିବା ପରେ ହାଇଦ୍ରାବାଦ ୧୯୫ ରନରେ ଅଲଆଉଟ ହୋଇଥିଲା। ଓମ ଟି ମୁଣ୍ଡେଙ୍କ ଶତକୀୟ ପାଳି ସହାୟତାରେ ଓଡ଼ିଶା ଦ୍ୱିତୀୟ ଇନିଂସ୍‌ରେ ୨୬୮ ରନ କରିଥିଲା। ଆସନ୍ତା ୨୬ରୁ ୨୯ ପର୍ଯ୍ୟନ୍ତ ଭୁବନେଶ୍ୱର ରେଳବାଇ ଷ୍ଟାଡିୟମରେ ଆସାମ ବିପକ୍ଷରେ ଓଡ଼ିଶା ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିବ।

## ଆନ୍ତଃସ୍କୁଲ ଫୁଟବଲ ଫାଇନାଲରେ କିସ୍



ଭୁବନେଶ୍ୱର,୧୯।୧୦ (ସମିସ): ରାଜୁ ମାର୍ଣ୍ଡିଙ୍କ ଡବଲ ଗୋଲ ବଳରେ କିସ୍ ୨-୦ ଗୋଲରେ ଓଡ଼ିଏମ୍ ପବ୍ଲିକ୍ ସ୍କୁଲ୍‌କୁ ପରାସ୍ତ କରି ଏଠାରେ ଚାଲିଥିବା ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଓଡ଼ିଏମ୍ ଗ୍ଲୋବାଲ ସ୍କୁଲ ଓ ୟୁନିଟ-୧ ସରକାରୀ ହାଇସ୍କୁଲ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ସହ କିସ୍ ଫାଇନାଲ ମୁକାବିଲା କରିବ। ବିଜୟୀ କିସ୍ ପକ୍ଷରୁ ଡବଲ ଗୋଲ ଦେଇଥିବା ରାଜୁ ମାର୍ଣ୍ଡିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଖେଳ ଶେଷରେ ଆୟୋଜକ ଭୁବନେଶ୍ୱର ଭେଟେରାନ ଫୁଟବଲ ସଂଘ ସଭାପତି ନବରଞ୍ଜନ ପଟ୍ଟନାୟକ, ତାହିବୁଲ ହୋଦା ଆଦି ଅତିଥିଭାବେ ଉପସ୍ଥିତ ଥିଲେ। ରେଫରି ପ୍ରିୟବ୍ରତ ବାହିନୀପତି, ସରୋଜ ମହାରଣା, ଶେଖାୱତ ଖାନ୍ ଓ ଅମିତ ନାୟକ ପ୍ରଥମ ସେମିଫାଇନାଲ ମ୍ୟାଚ୍ ପରିଚାଳନା କରିଥିଲେ।

● ଲୋକାଲ-୧- ସନ୍ଦୀପ ମହାନ୍ତି ସ୍ମାରକୀ ଚେସ୍

## ଓମ୍‌ଆଦିତ୍ୟ ଜିତିଲେ ଟାଇଟଲ



ଭୁବନେଶ୍ୱର,୧୯।୧୦ (ସମିସ): ଭୁବନେଶ୍ୱରର ଓମ୍ ଆଦିତ୍ୟ ଖାଡଙ୍ଗା ୧୮ତମ ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍‌ରେ ଟାଇଟଲ ଜିତିଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ କେଶୁରସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଭୁବନେଶ୍ୱରର ଦୁଇ ଖେଳାଳି ଓମ୍‌ଆଦିତ୍ୟ ଓ ସ୍ୱପ୍ନିଲ ପ୍ରିୟଦର୍ଶୀ ସମାନ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ଟାଇବ୍ରେକରରେ ସ୍ୱପ୍ନିଲଙ୍କୁ ପଛରେ ପକାଇ ଟାଇଟଲ ଜିତିନେଇଥିଲେ। ରାୟଗଡ଼ାର ଫକିର ମାଝୀ ତୃତୀୟ, ପାରାଦୀପ୍‌ର ଜ୍ଞାନରଞ୍ଜନ ସେଠୀ ଚତୁର୍ଥ, ଭୁବନେଶ୍ୱରର ସୌମ୍ୟରଞ୍ଜନ ମିଶ୍ର ୫ମ ସ୍ଥାନ ଅଧିକାର କରିଥିଲେ। ଖେଳ ଶେଷରେ ସ୍ୱର୍ଗତ ସନ୍ଦୀପଙ୍କ ପିତା ସୁରେନ୍ଦ୍ରନାଥ ମହାନ୍ତି, ଓଡ଼ିଶା ରାଜ୍ୟ ଚେସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ରୟାଲସ୍କୁଲର ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞା ପାରମିତା ସାହୁ ଅତିଥିଭାବେ ଯୋଗଦେଇଥିଲେ।

● ବରିଷ୍ଠ ମହିଳା ଟି-୨୦

## ୬ଷ୍ଠ ପରାଜୟ ସହ ଓଡ଼ିଶା ବିଦା

କଟକ,୧୯।୧୦(ସମିସ): ବରିଷ୍ଠ ମହିଳା ଟି-୨୦ ଟ୍ରଫିରେ ଓଡ଼ିଶା ୬ଟି ଲିଗ୍ ମ୍ୟାଚ୍‌ରେ ପରାସ୍ତ ହୋଇ ପ୍ରତିଯୋଗିତାରୁ ବିଦା ହୋଇଛି। ୭ଟି ଲିଗରୁ ମାତ୍ର ଗୋଟିଏ ମ୍ୟାଚ୍ ଜିତି ୪ ପଏଣ୍ଟ ପାଇଥିବା ଓଡ଼ିଶା ଗ୍ରୁପ-ସି ଟେବଲର ୬ଷ୍ଠ ସ୍ଥାନରେ ରହିଛି। ଗ୍ୱାଲିୟରର କ୍ୟାପ୍ଟେନ ରୁପସିଂହ ଷ୍ଟାଡିୟରେ ରବିବାର ଖେଳାଯାଇଥିବା ଅନ୍ତିମ ଲିଗ୍‌ରେ ଦଳ ୯ ୱିକେଟରେ ହରିୟାଣାଠାରୁ ହାରିଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ୮ ୱିକେଟ ହରାଇ ୧୧୩ରନ ସଂଗ୍ରହ କରିଥିଲା। ଓଡ଼ିଶା ପାଇଁ ଦୁଇ ଓପନର୍ ତନ୍ମୟୀ ବେହେରା ୫୧ ଓ ମାଧୁରୀ ମେହେତା ୨୨ ରନ କରିଥିଲେ। ବ୍ୟାଟିଂ କରିଥିବା ଅନ୍ୟ ୮ଜଣ ବ୍ୟାଟର୍ ଦୁଇଅଙ୍କ ଛୁଇଁପାରି ନ ଥିଲେ। ହରିୟାଣାର ଅମନଦୀପ କୌର ସର୍ବାଧିକ ୩ଟି ୱିକେଟ ଦଖଲ କରିଥିଲେ। ଜବାବରେ ହରିୟାଣା ଦ୍ୱିତୀୟ ଓଭରରେ ରୀମା ସିସୋଦିଆ (୧ରନ)ଙ୍କ ୱିକେଟ୍ ହରାଇଥିଲା। ତେବେ ଅଧିନାୟିକା ତଥା ଅନ୍ତର୍ଜାତୀୟ କ୍ରିକେଟର ଶେଫାଳି ବର୍ମାଙ୍କ ଦ୍ରୁତ ପାଳି ବଳରେ ହରିୟାଣା ୯.୨ ଓଭରରେ ଗୋଟିଏ ୱିକେଟ୍ ହରାଇ ସହଜ ବିଜୟ ହାସଲ କରିଥିଲା। ଶେଫାଳି ୨୪ବଲରୁ ୫୫ରନର ଅପରାଜିତ ପାଳି ଖେଳିଥିଲେ।

ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

## ସେମିରେ ଇଂଲଣ୍ଡ; ଆଶଙ୍କାରେ ଭାରତ


ଫାଇଲ ଫଟୋ

ଇନ୍ଦୋର, ୧୯।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ଘରୋଇ ଭାରତ ହ୍ୟାଟ୍ରିକ ପରାଜୟବରଣ କରିଛି। ସ୍ଥାନୀୟ ହୋଲ୍‌କର ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଗତ ସଂସ୍କରଣର ରନର୍ସଅପ୍ ଇଂଲଣ୍ଡ ରୋମାଞ୍ଚକ ଭାବେ ୪ ରନରେ ଭାରତକୁ ହରାଇଦେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୮ ୱିକେଟ୍‌ରେ ୨୮୮ ରନ କରିଥିଲା। ଜବାବରେ ଭାରତ ନିର୍ଦ୍ଧାରିତ ଓଭରରେ ୬ ୱିକେଟ୍ ହରାଇ ୨୮୪ ରନ କରିବାକୁ ସମର୍ଥ ହୋଇଥିଲା।

ପୂର୍ବରୁ ଶ୍ରୀଲଙ୍କା ଓ ପରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହରାଇ ଭାରତ ଅଭିଯାନ ଆରମ୍ଭ କରିଥିଲା। କିନ୍ତୁ ପରବର୍ତ୍ତୀ ୩ଟି ମ୍ୟାଚରେ ଯଥାକ୍ରମେ ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ନିକଟରୁ ହାରି ହ୍ୟାଟ୍ରିକ ପରାଜୟବରଣ କରିଛି। ଭାରତ ବର୍ତ୍ତମାନ ୫ ମ୍ୟାଚରୁ ୪ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି। ଅପରପକ୍ଷରେ ଇଂଲଣ୍ଡ ୫ ମ୍ୟାଚରୁ ୪ର୍ଥ ବିଜୟ ସହ ୯ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନକୁ ଉଠିବା ସହ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଅଷ୍ଟ୍ରେଲିଆ (୯ ପଏଣ୍ଟ) ଓ ଦକ୍ଷିଣ ଆଫ୍ରିକା (୮) ପରେ ତୃତୀୟ ଦଳ ଭାବେ ଇଂଲଣ୍ଡ ସେମିଫାଇନାଲ ଟିକଟ୍ ହାସଲ କରିଛି। ଭାରତ ଶେଷ ଦୁଇ ମ୍ୟାଚରେ ଯଥାକ୍ରମେ ନ୍ୟୁଜିଲାଣ୍ଡ (ଅକ୍ଟୋବର ୨୩) ଓ ବାଂଲାଦେଶ (ଅକ୍ଟୋବର ୨୬)କୁ ହରାଇଲେ ସେମିକୁ ଯୋଗ୍ୟତା ଅର୍ଜନ କରିବ। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଇଂଲଣ୍ଡ ଓପନର୍ ତାମି ବିଉମଣ୍ଟ (୫୬ ରନ) ଓ ତୃତୀୟ ସ୍ଥାନରେ ଆସିଥିବା ଅଭିଜ୍ଞ ହିଥର ନାଇଟ୍‌ଙ୍କ ଶତକ ବଳରେ ୮ ୱିକେଟରେ ୨୮୮ ରନର ଚ୍ୟାଲେଞ୍ଜିଂ ସ୍କୋର କରିପାରିଥିଲା। ନାଇଟ୍ ୧୫ ଚୌକା ଓ ଗୋଟିଏ ଛକା ବଳରେ ୯୧ ବଲରୁ ୧୦୯ ରନର ଶତକୀୟ ପାଳି ଖେଳିଥିଲେ। ନିଜର ୩୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳୁଥିବା ନାଇଟ୍ ୩ୟ ଦିନିକିଆ ଶତକ ହାସଲ କରି ଏହାକୁ ଆହୁରି ସ୍ମରଣୀୟ କରିଥିଲେ। ଭାରତ ପକ୍ଷରୁ ଦୀପ୍ତି ଶର୍ମା ସର୍ବାଧିକ ୪ ଓ ଶ୍ରୀଚରଣି ୨ଟି ୱିକେଟ୍ ନେଇଥିଲେ। ଜବାବରେ ଭାରତ ମଧ୍ୟ ଲଢୁଆ ପ୍ରଦର୍ଶନ କରିଥିଲା। ଓପନର୍ ସ୍ମୃତି ମନ୍ଧାନା (୮୮ ରନ), ଅଧିନାୟିକା ହରମନପ୍ରୀତ୍ କୌର (୭୦ ରନ) ଓ ଅଲ୍‌ରାଉଣ୍ଡର ଦୀପ୍ତି (୫୦ ରନ)ଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ ଭାରତ ଏକଦା ବିଜୟସ୍ଥିତିରେ ରହିଥିଲା। କିନ୍ତୁ ୫୨ ବଲରେ ୫୫ ରନ ଆବଶ୍ୟକ ହେଉଥିବାବେଳେ ମନ୍ଧାନା ଏବଂ ୧୯ ବଲରେ ୨୭ ରନ ଆବଶ୍ୟକ ହେଉଥିବାବେଳେ ଦୀପ୍ତି ଆଉଟ୍ ହେବା ଦଳ ପାଇଁ ମହଙ୍ଗା ପଡ଼ିଥିଲା। ଆସନ୍ତାକାଲି ଶ୍ରୀଲଙ୍କା-ବାଂଲାଦେଶ ମଧ୍ୟରେ ମ୍ୟାଚ୍ ଖେଳାଯିବ।

## ଯାଜପୁର ଜୋନ୍‌ରେ କଳିଙ୍ଗ ଭଲିବଲ୍ ଲିଗ୍ ଉଦ୍‌ଘାଟିତ



କଟକ,୧୯।୧୦(ସମିସ): ଗ୍ରାମାଞ୍ଚଳରେ ଭଲିବଲ କ୍ରୀଡ଼ାର ପ୍ରଚାରପ୍ରସାରକୁ ଦୃଷ୍ଟି ରଖି ଆରମ୍ଭ ହୋଇଥିବା କଳିଙ୍ଗ ଭଲିବଲ୍ ଲିଗ(କେଭିଏଲ) ଆଜି ଯାଜପୁର ଜୋନ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଜୋନ୍‌ରେ ମୋଟ୍ ୧୨ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରୟାସ ବିଦ୍ୟାମନ୍ଦିର ଗ୍ରାଉଣ୍ଡରେ ଉଦ୍‌ଘାଟନୀ ଉତ୍ସବ ଆୟୋଜନ ହୋଇଥିଲା। ତେବେ ହୋମ୍ ଆଣ୍ଡ ଆୱେ ଫର୍ମାଟରେ ହେଉଥିବା ଏହି ଲିଗରେ ପ୍ରତ୍ୟେକ ଦଳ ନିଜ ଗ୍ରାଉଣ୍ଡରେ ଏବଂ ଅନ୍ୟ ଦଳର ଗ୍ରାଉଣ୍ଡରେ ମ୍ୟାଚ୍ ଖେଳିବେ। ସର୍ବାଧିକ ପଏଣ୍ଟ ହାସଲକାରୀ ଦଳ ଜୋନ୍ ଚାମ୍ପିଅନ ଘୋଷିତ ହେବା ସହ ସୁପରଲିଗ୍‌ରେ ପ୍ରବେଶ କରିବ। କଳିଙ୍ଗ ଭଲିବଲ ବିକାଶ ପରିଷଦ(କେଭିଡିସି) ପକ୍ଷରୁ ଆୟୋଜିତ ଏହି ଲିଗ୍ ଅନ୍ୟ ଜୋନ୍ ଗୁଡିକରେ ଖୁବଶୀଘ୍ର ଆରମ୍ଭ ହେବ। କେଭିଡିସି ସଭାପତି ଡଃ ଅଭିଲାଷ ଦାଶ, ସମ୍ପାଦକ ସଂଗ୍ରାମ ଓଝା, ଉପସଭାପତି ରମାକାନ୍ତ ପଟ୍ଟନାୟକ, ଶିବରଞ୍ଜିତ ଜେନା, କାର୍ଯ୍ୟନିର୍ବାହୀ ସଦସ୍ୟ ଦୀପ୍ତିରଞ୍ଜନ ମହାନ୍ତି, ଆଦର୍ଶ ଆନନ୍ଦ ଡିଗଲ, ଅସିତ କୁମାର ଦାସ, ଢେଙ୍କାନାଳ ଜିଲ୍ଲା ସଭାପତି ଧର୍ମାନନ୍ଦ ସେନାପତି, ପ୍ରୟାସ ଗ୍ରୁପର ଦିବ୍ୟବ୍ରତ ପଣ୍ଡା, ରାଜେଶ କୁମାର ଦାସ, ଅଭୟ କୁମାର ରଥ, କେଭିଡିସି ନିର୍ଦ୍ଦେଶିକା ଦୀପ୍ତା ମଜୁମଦାର, ସାହିଲ ଦ୍ୱିବେଦୀଙ୍କ ସମେତ ପୂର୍ବତନ ଜାତୀୟ ଭଲିବଲ ଖେଳାଳି ମହମ୍ମଦ ହିଫଜୁର ରେହମାନ, ମହମ୍ମଦ ଓବେଦୁର ରେହମାନ, ମହମ୍ମଦ ମୋହିବୁର ରେହମାନ ପ୍ରମୁଖ ଉପସ୍ଥିତ ଥିଲେ।

## ନିଙ୍ଗବୋ ଟାଇଟଲ୍ ଜିତିଲେ ରିବାକିନା

ନିଙ୍ଗବୋ, ୧୯।୧୦ (ଏଜେନ୍ସି): ଚାଇନାରେ ଅନୁଷ୍ଠିତ ଡବ୍ଲ୍ୟୁଟିଏ-୫୦୦ ଟେନିସ ଟୁର୍ଣ୍ଣାମେଣ୍ଟ ନିଙ୍ଗବୋ ଓପନ୍‌ରେ ଏଲିନା ରିବାକିନା ଚାମ୍ପିଅନ ହୋଇଛନ୍ତି। ରବିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲରେ କାଜାଖସ୍ତାନ ତାରକା ଏଲିନା ୩-୬, ୬-୦, ୬-୨ ସେଟ୍‌ରେ ୪ର୍ଥ ସିଡ୍ ରୁଷିଆର ଏକତେରିନାଙ୍କୁ ହରାଇଥିଲେ।

## ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ଫୁଟବଲ୍ ୨୫ରୁ




ଭୁବନେଶ୍ୱର,୧୯।୧୦ (ସମିସ): ରାଜ୍ୟର ବିଶିଷ୍ଟ ମହିଳା ଫୁଟବଲ କୋଚ୍ ସ୍ୱର୍ଗତ ନନ୍ଦକିଶୋର ପଟ୍ଟନାୟକଙ୍କ ସ୍ମୃତିରେ ତୃତୀୟ ରାଜ୍ୟସ୍ତରୀୟ ମହିଳା ଫୁଟବଲ ପ୍ରତିଯୋଗିତା ଚଳିତମାସ ୨୫ରୁ ୩୧ ତାରିଖଯାଏ ଖେଳାଯିବ। ୟୁନିଟ୍-୧ ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପୁଲିସ୍, ସ୍ପୋର୍ଟ୍ସ ଓଡ଼ିଶା, କଟକ ଜିଲ୍ଲା କ୍ରୀଡ଼ା ସଂସଦ, ତାରିଣୀ ଫୁଟବଲ ଏକାଡେମୀ, ନିତା ଆମ୍ବାନି ଫୁଟବଲ ଏକାଡେମୀ, କୁଆଁରମୁଣ୍ଡା ଯୁବ ସଂଗଠନ ଓ ବାଲେଶ୍ୱରର ମହିଳା ଫୁଟବଲ ଆସୋସିଏସନ ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳକୁ ଟ୍ରଫି ସହ ୩୧,୦୦୦ ଟଙ୍କା ଓ ରନର୍ସ ଅପ୍ ଦଳକୁ ୨୧,୦୦୦ ଟଙ୍କା ସହ ଅନ୍ୟ ଶ୍ରେଷ୍ଠ ଖେଳାଳିମାନଙ୍କୁ ପୁରସ୍କୃତ କରାଯିବ ବୋଲି ଆୟୋଜକ ସିଟି କ୍ଲବ୍‌ର ସମ୍ପାଦକ ପ୍ରଦୀପ କୁମାର ରାଉତରାୟ ଓ ସହ ସମ୍ପାଦକ ବନୋଜ କୁମାର ପ୍ରଧାନ ଜଣାଇଛନ୍ତି। ଏହି ଅବସରରେ କଳିଙ୍ଗ ଷ୍ଟାଡିୟମ୍‌ରେ ରବିବାର ଟୁର୍ଣ୍ଣାମେଣ୍ଟର ଟ୍ରଫି ଓ ଲୋଗୋ ଉନ୍ମୋଚିତ କରାଯାଇଛି। ଏଥିଲାଗି ଅନୁଷ୍ଠିତ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଅତିଥିଭାବେ ଯୋଗ ଦେଇ ଲୋଗୋ ଓ ଟ୍ରଫି ଉନ୍ମୋଚନ କରିଥିଲେ। ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର, ବାବୁ ସିଂହ, ଓଡ଼ିଶା ଅଲିମ୍ପିକ୍ ସଭାପତି ସମୀର ମହାନ୍ତିଙ୍କ ଅନେକ ସଂଗଠକ, କୋଚ୍, ଖେଳାଳି ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ରାଜ୍ୟ ସ୍କୁଲ ଓ କଟକ ଜିଲ୍ଲା ଚେସ୍ ଉଦ୍‌ଯାପିତ

## ଓମ୍‌ସ୍ୱରୂପ, ହର୍ଷିତ ରଞ୍ଜନ ଚାମ୍ପିଅନ

ଭୁବନେଶ୍ୱର,୧୯।୧୦(ସମିସ)




କଟକ ଜିଲ୍ଲା ଚେସ ସଂଘ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମ୍ ପରିସରରେ ରାଜ୍ୟସ୍ତରୀୟ ସ୍କୁଲ ଓ କଟକ ଜିଲ୍ଲା ଚେସ୍ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେକର୍ଡ ୨୪୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସ୍କୁଲ ଜୁନିଅର ବିଭାଗରେ ଖୋର୍ଦ୍ଧାରି ଓମସ୍ୱରୂପ ପତି ଓ କଟକର ଶ୍ରଦ୍ଧାସ୍ମରଣିକା ନନ୍ଦ ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଥିଲେ।

ଖୋର୍ଦ୍ଧାର ସାୟାଂଶ ଦାସ, ସୁନ୍ଦରଗଡ଼ରୁ ଶୁଭାଶିଷ ବାରିକ, ଖୋର୍ଦ୍ଧାର ଦିବ୍ୟାଂଶୁ କୁମାର ପଶାୟତ, କଟକର ନିରେକ ପରିଡ଼ା, ଖୋର୍ଦ୍ଧାର ଦୁଇ ଖେଳାଳି ଦେବରାଜ ସେନାପତି ଓ ପ୍ରୀତାକା ପରିଡ଼ା, ବରଗଡ଼ର ନୟନିକା ସାହୁ ଓ କଟକର ଆଦିତ୍ୟ ଦାସ ଯଥାକ୍ରମେ ତୃତୀୟରୁ ୧୦ମ ସ୍ଥାନ ଅଧିକାର କରିଥିଲେ। କଟକ ଜିଲ୍ଲା ଚେସ୍‌ରେ ହର୍ଷିତ ରଞ୍ଜନ ସାହୁ ଚାମ୍ପିଅନ ଓ ନୀଲସୁ ପଟ୍ଟନାୟକ ରନର୍ସ ଅପ୍ ହୋଇଥିଲେ। ୪୬ ବର୍ଷୀୟ ରବୀନ୍ଦ୍ର ଓଝା ତୃତୀୟ, ୬୮ ବର୍ଷୀୟ ନାରାୟଣ ସ୍ୱାଇଁ ଚତୁର୍ଥ ଓ ୯ ବର୍ଷୀୟ ଆଦ୍‌ଭିକ୍ ଆଦିତ୍ୟ ସ୍ୱାଇଁ ପଞ୍ଚମ ସ୍ଥାନ ଅଧିକାର କରିଥିଲେ।

ଖେଳ ଶେଷରେ କଳିଙ୍ଗ ଇନଷ୍ଟିଚ୍ୟୁଟ ଡେଣ୍ଟାଲ ସାଇନ୍ସର ଅର୍ଥୋ ଡେଣ୍ଟିଷ୍ଟ ଡାକ୍ତର ନିବେଦିତା ସାହୁ ମୁଖ୍ୟ ଅତିଥି, ଓଡ଼ିଶା ଅଲିମ୍ପିକ୍ ସଂଘର ସମ୍ପାଦକ ଅଭିଜିତ ପାଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ କଟକ ଜିଲ୍ଲା ଚେସ ସଂଘ ସଭାପତି ବିବେକ ତିବରୱାଲ, ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, ଉପସଭାପତି ପ୍ରଶାନ୍ତ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଆର୍ବିଟର ନିହାର ରଞ୍ଜନ ସାସ୍‌ମଲ ଓ ତାପସ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଦୁଇଟି ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS